

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୬ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 16 DECEMBER 2022

Vol.No. 33 ■ No. 327 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦିଲ୍ଲୀ ଦରବାରରେ ଉଠିଲା 'ଅର୍ଚ୍ଚନା' ପ୍ରସଙ୍ଗ



ନୂଆଦିଲ୍ଲୀ, ୧୫/୧୨ : ଅର୍ଚ୍ଚନା ନାଗ ମାମଲାରେ ରାଜ୍ୟରେ ଇଡି ଖୋଳତାଡ଼ କରୁଥିବା ବେଳେ ଏବେ ଏହି ମାମଲା ସଂସଦରେ ଉଠିଛି । ଲୋକସଭାରେ ଅର୍ଚ୍ଚନା ନାଗଫାଶ ପ୍ରସଙ୍ଗ ଉଠାଇଛନ୍ତି ବିଜେପିର ବରଗଡ଼ ସାଂସଦ ସୁରେଶ ପୂଜାରୀ । ମାମଲାର ସିବିଆଇ ତଦନ୍ତ ପାଇଁ ସେ ଦାବି କରିଛନ୍ତି । ଏହାସହ ଅର୍ଚ୍ଚନାଙ୍କ ସମ୍ପର୍କରେ ଥିବା ସମସ୍ତ ବ୍ୟକ୍ତିଙ୍କ ଲାଇ-ଡିଟେକସନ ଟେଷ୍ଟ କରିବାକୁ ସେ ଦାବି ରଖିଛନ୍ତି । ଅର୍ଚ୍ଚନା ନାଗଙ୍କ ହନିଟ୍ରାପ୍ ଓ ମନି ଲଣ୍ଡରିଂ ମାମଲା ଓଡିଶା ଡେଇଁ ଏବେ ଦିଲ୍ଲୀରେ ପହଁଞ୍ଚିଛି । ବିଜେପି ସାଂସଦ ସୁରେଶ ପୂଜାରୀ ଲୋକସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି । ଅର୍ଚ୍ଚନାଙ୍କ ନାଗଫାଶରେ ବହୁ ବଡ ବଡିଆ ଫଶିଥିବାର ଅଭିଯୋଗ କରି ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି । କହିଛନ୍ତି, ଅର୍ଚ୍ଚନାଙ୍କ ହନିଟ୍ରାପରେ ବଡ ବଡ ରାଜନେତା, ବଡ ବ୍ୟବସାୟୀ, ବିଲଡର, ଫିଲ୍ମ ପ୍ରଯୋଜକ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଫିସର ଫଶିଛନ୍ତି । ଅର୍ଚ୍ଚନା ଏକ ବଡ ସେକ୍ସ ର୍ୟାକେଟ ଚଳାଉଥିଲେ । ସେହି ସେକ୍ସ ର୍ୟାକେଟ ସହାୟତାରେ ସେ ବହୁ ଲୋକଙ୍କୁ ପ୍ରଭାବିତ କରି ବିଭିନ୍ନ ପ୍ରକାର ସୁବିଧା ହାତେଇଥିଲେ । ତେଣୁ ଏହି ମାମଲାର ସିବିଆଇ ତଦନ୍ତ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ସୁରେଶ କହିଛନ୍ତି । ଅନ୍ୟପଟେ କେବଳ ସିବିଆଇ ତଦନ୍ତ ନୁହେଁ ଫାଷ୍ଟଟ୍ରାକ କୋର୍ଟରେ ମାମଲାର ବିଚାର କରିବାକୁ ଦାବି କରିଛନ୍ତି ପୂଜାରୀ । ଅର୍ଚ୍ଚନାଙ୍କ ସହ ସମ୍ପୃକ୍ତ ସମସ୍ତଙ୍କର ଲାଇ ଡିଟେକ୍ସନ ଟେଷ୍ଟ କରାଯାଉ ବୋଲି ମଧ୍ୟ ଦାବି କରିଛନ୍ତି । ପୂର୍ବରୁ ବିଧାନସଭାରେ ଅର୍ଚ୍ଚନା ନାଗ ପ୍ରସଙ୍ଗ ଉଠାଇ ହଲ୍ଲାବୋଲ କରିଥିଲେ ଉଭୟ ବିଜେପି ଓ କଂଗ୍ରେସ । ଅନ୍ୟପଟେ ଏହି ମାମଲାରେ ଇଡି ତଦନ୍ତ ଜାରି ରହିଛି । ଅର୍ଚ୍ଚନାଙ୍କ ସହ ସମ୍ପର୍କରେ ଥିବା ୧୦ଜଣଙ୍କୁ ପଚରାଉଚୁରା କରିବା ପରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ରିମାଣ୍ଡରେ ନେଇ ପଚାରାଉଚୁରା କରୁଛି ଇଡି । ପ୍ରଥମ ୭ଦିନ ଇଡି ଅଧିକାରୀଙ୍କୁ ଭୁଆଁ ବୁଲାଇବା ପରେ ଦ୍ୱିତୀୟ ଦଫାରେ ଅର୍ଚ୍ଚନାଙ୍କୁ ରିମାଣ୍ଡରେ ନେଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ସ୍ୱାମୀ ଜଗବନ୍ଧୁଙ୍କୁ ବି ରିମାଣ୍ଡରେ ନେଇଛି । ଉଭୟଙ୍କୁ ସାମନା ସାମ୍ନି ବସାଇ ନାଗ ପେଡି ଖୋଲିବାକୁ ଇଡି ଅଧିକାରୀମାନେ ମାରାଥନ ଜେରା କରୁଛନ୍ତି । ହେଲେ, ରିମାଣ୍ଡର

▶▶ପୃଷ୍ଠା ୭

## କ୍ଷେପଣାସ୍ତ୍ର 'ଅଗ୍ନି-୫'ର ସଫଳ ପରୀକ୍ଷଣ



ବାଲେଶ୍ୱର, ୧୫/୧୨ (ନି.ପ୍ର): ଅରୁଣାଚଳ ପ୍ରଦେଶର ତାୱାଙ୍ଗ ଏଲଏସି ଠାରେ ସୀମା ଅତିକ୍ରମ ପାଇଁ ଚୀନ ଚେଷ୍ଟାକୁ କରୁଥିବା ବେଳେ ସମ୍ପ୍ରତି ଭାରତର ସାମରିକ ପ୍ରସ୍ତୁତିକୁ ଅଧିକ ଗୁରୁତ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ 'ଡିଆରଡିଓ' ପକ୍ଷରୁ ଗୁରୁବାର ଆନ୍ତମହାଦେଶୀୟ ଆଣବିକ ଯୁଦ୍ଧାସ୍ତ୍ର କ୍ଷମତା ବହନ ବିଶିଷ୍ଟ ବାଲାଷ୍ଟିକ କ୍ଷେପଣାସ୍ତ୍ର ଅଗ୍ନି-୫ର ସଫଳ ବ୍ୟବହାରିକ ପରୀକ୍ଷଣ । ଭଦ୍ରକ ଜିଲା ଧାମରା ସ୍ଥିତ ଅବଦୁଲ କଲାମ ଦୀପର ଆଇଟିଆର ୪ ନଂ ଲଞ୍ଚ କେମ୍ପ୍ଲକରୁ ଅଗ୍ନି-୫ର ରାତ୍ରୀକାଳିନ ପରୀକ୍ଷଣ କରାଯାଇଛି । ଏହି କ୍ଷେପଣାସ୍ତ୍ରକୁ ସନ୍ଧ୍ୟା ୫.୩୦ମିନିଟ୍ ସମୟେର ଉତକ୍ଷେପଣ କରାଯାଇଥିଲା । ଭାରତୀୟ ସେନାବାହିନୀର ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଦ୍ୱାରା ଭ୍ରାମ୍ୟମାଣ କାନିଷ୍ଟରରୁ ଏହା ଉତେକ୍ଷପଣ କରାଇଥିଲା । ସମ୍ପୂର୍ଣ୍ଣ ସ୍ୱେଦଶୀ ଜ୍ଞାନ କୌଶଳେର ନିର୍ମିତ ୧୭ ମିଟର ଲମ୍ବ, ୨ ମିଟର ମେଟୋଇ ତଥା ୫୦ ଟନ୍ ଓଜନ ବିଶିଷ୍ଟ ଏହି କ୍ଷେପଣାସ୍ତ୍ର ୧୫ ଶହ କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ପାରମ୍ପାରିକ ଓ ଆଣବିକ ଯୋଦ୍ଧାସ୍ତ୍ର ବହନ କରି ସାଢ଼େ ୫ ହଜାର କିଲୋମିଟର ଦୂରର ଲକ୍ଷ୍ୟେଭଦ କରିଥାଏ । ଭାରତ ଡାଇନାମିକ୍ ଲିମଟିେଡ୍ (ବିଡିଏଲ) ଓ ଡିଆରଡିଓର ମିଳିତ ସହୋଗେର ୩ ପର୍ଯ୍ୟାୟ ଇନ୍ଧନୁକ୍ତ ଅଗ୍ନି-୫ କ୍ଷେପଣାସ୍ତ୍ର ନିର୍ମିତ ହୋଇଛି । କଠିନ ଇନ୍ଧନ ସାହାଯ୍ୟର ଏହି କ୍ଷେପଣାସ୍ତ୍ର ଶବ୍ଦର ଗତି ଠାରୁ ୨୪ଗୁଣ ଅଧିକ ଅର୍ଥାତ ଏକ ସେକଣ୍ଡେର ୮.୧୬ କିଲୋମିଟର ଦୂରତା ଅତିକ୍ରମ କରିଥାଏ । ଏହା ଘଣ୍ଟାକୁ ୨୯ ହଜାର ୪୦୧ କଲୋମିଟର ବେଗେର ଶତ୍ରୁପକ୍ଷ ଉପକ୍ଷର ଆକ୍ରମଣ କରିପାରିବ ।

## ଆସନ୍ତା ଜାନୁୟାରୀ ୬ରେ ହେବ ଦିଲ୍ଲୀ ମେୟର ପାଇଁ ନିର୍ବାଚନ

ନୂଆଦିଲ୍ଲୀ, ୧୫/୧୨ : ଆସନ୍ତା ଜାନୁୟାରୀ ୬ରେ ହେବ ଦିଲ୍ଲୀ ମେୟର ପାଇଁ ନିର୍ବାଚନ । ବହୁ କଳ୍ପନାଜଳ୍ପନା ପରେ ଏନେଇ ତାରିଖ ସ୍ଥିର କରାଯାଇଛି । ଏମସିଡି କମିଶନ ମେୟର ନିର୍ବାଚନ ନେଇ ଉପରାଜ୍ୟପାଳ ବିନୟ ସକସେନାଙ୍କୁ ପଠାଯାଇଥିବା ପ୍ରସ୍ତାବକୁ ସେ ମଞ୍ଜୁରି ଦେଇଛନ୍ତି । ଗତ ଡିସେମ୍ବର ୪ରେ ଦିଲ୍ଲୀ ମହାନଗର ନିଗମ ନିର୍ବାଚନ ହୋଇଥିବା ବେଳେ ୭ ଡିସେମ୍ବରରେ ଫଳାଫଳ ପ୍ରକାଶ ପାଇଥିଲା । ୧୫ ବର୍ଷର ବିଜେପି ଶାସନ ଡୋରୀକୁ ବଦଳାଇ ଏଥର ଆପକୁ ଭରସା କରିଛନ୍ତି ଦିଲ୍ଲୀ ସହରବାସୀ । କିନ୍ତୁ ଏହାରି ଭିତରେ ସପ୍ତାହ ବିତିଥିଲେ ବି କିଏ ହେବ ମେୟର ତାହା ଜଣାପଡିନାହିଁ । ୨୫୦ ଆସନ ବିଶିଷ୍ଟ ଦିଲ୍ଲୀ ମହାନଗର ନିଗମରେ ଚଳିତ ନିର୍ବାଚନରେ ୧୩୪ ଆସନ ଜିତି ବହୁମତ ହାସଲ କରିଛି ଆପ୍ । ବିଜେପିକୁ ମିଳିଛି ୧୦୪ଟି ଆସନ । ନବ ନିର୍ବାଚିତ କାଉଁସିଲରଙ୍କୁ ନେଇ ୬ ଜାନୁୟାରୀରେ ହେବାକୁ ଥିବା ପ୍ରଥମ ବୈଠକରେ ମେୟର ବଛାଯିବ । ନିୟମ ଅନୁଯାୟୀ ସଂଖ୍ୟା ଗରିଷ୍ଠତା ପାଇଥିବା ଦଳ ମେୟର ବାଛିବ । ହେଲେ ବିରୋଧୀ ଏହାକୁ ଚାଲେଞ୍ଜ କରିପାରିବେ । ଆଉ ଯଦି ବିରୋଧୀ ଚାଲେଞ୍ଜ କରନ୍ତି ତେବେ ମେୟର ପାଇଁ କାଉନସିଲର ମାନଙ୍କ ମଧ୍ୟରେ ନିର୍ବାଚନ ହେବ । ଯିଏ ଅଧିକ ସମର୍ଥନ ପାଇବ, ସେ ମେୟର ହେବ ।

## ରାହୁଲ ଗାନ୍ଧିଙ୍କ ସହ ଚାଲିବାରୁ ରଘୁରାମ ରାଜନଙ୍କୁ ଟାର୍ଗେଟ କଲା ବିଜେପି



ନୂଆଦିଲ୍ଲୀ, ୧୫/୧୨ : ଆରବିଆଇର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନଙ୍କୁ ସମାଲୋଚନା କରିଛି ବିଜେପି । ସେ ବୁଧବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ଭାରତ ଯୋଡ଼ୋ ଯାତ୍ରାରେ କିଛି ସମୟ ପାଇଁ ଚାଲିବାରୁ ବିଜେପି ତାଙ୍କ ଉପରେ କ୍ଷୁବ୍ଧ ହୋଇଛି । ରଘୁରାମ ରାଜନ ଅନ୍ୟ କଥାରେ ପରିଚାଳିତ ହେଉଥିବା ଜଣେ ବ୍ୟକ୍ତି । ସେ ଜଣେ ସୁବିଧାବାଦୀ ଲୋକ ବୋଲି ବିଜେପି କହିଛି । ବିଜେପି ମିଡିଆ ସେଲର ମୁଖ୍ୟ ତଥା ସାଂସଦ ଅନୀଲ ବାଲୁନି କହିଛନ୍ତି, "ଆମେ ସବୁବେଳେ କହି ଆସୁଥିଲି ଯେ ରଘୁରାମ ରାଜନ ଜଣେ ନିରପେକ୍ଷ ବିଶେଷଜ୍ଞ ନୁହନ୍ତି । ଅନେକ ତାଙ୍କୁ ନିରପେକ୍ଷ ବିଶେଷଜ୍ଞ ଭାବେ ଚିତ୍ରଣ କରୁଥିଲେ । କଂଗ୍ରେସ ତାଙ୍କୁ ଆରବିଆଇ ଗଭର୍ଣ୍ଣର କରିଥିବାରୁ ସେ ଋଣ ଶୁଝିବା ପାଇଁ ନିଜର ମତ ରଖନ୍ତି । ମହାମାରୀ, ଜିଓପଲଟିକାଲ ସ୍ଥିତି, ୟୁପିଏ ସରକାର ସମୟରେ ହୋଇଥିବା ଦୁର୍ନୀତି ସତ୍ତ୍ୱେ ଦେଶର ଅର୍ଥନୀତିକୁ ସଫଳତାର ସହ ମୋଦି ସରକାର ଆଗକୁ ନେଉଛନ୍ତି । ଏକାଧିକ ସଫଳତା ମଧ୍ୟ ମୋଦି ସରକାରଙ୍କୁ ମିଳିଛି । ତଥାପି ଏହାକୁ ରାଜନ ଅଣଦେଖା କରି ଚାଲିଥିଲେ । ଏହାପଛରେ ଥିବା ଉଦ୍ଦେଶ୍ୟ ଏବେ ସ୍ପଷ୍ଟ ହୋଇଯାଇଛି । ତାଙ୍କ ମତ କେଉଁଠୁ ଆସୁଥିଲା, ସେକଥା ସମସ୍ତେ ଜାଣି ପାରିଛନ୍ତି ।" ବିଜେପିର ଅନ୍ୟ ନେତାମାନେ ମଧ୍ୟ ରାଜନଙ୍କୁ ସମାନ ଢଙ୍ଗରେ ଟାର୍ଗେଟ କରିଛନ୍ତି । ଦେଶର ଅର୍ଥନୀତି ଦିନକୁ ଦିନ ତଳକୁ ଯାଉଥିବା ବେଳେ ରାଜନ ନିୟମିତ ଭାବେ ସରକାରଙ୍କ ନୀତି ଓ ପଦକ୍ଷେପ ଉପରେ ପ୍ରଶ୍ନ ଉଠାଉଥିଲେ । ଆରବିଆଇର ଜଣେ ପୂର୍ବତନ ଗଭର୍ଣ୍ଣର ଭାବେ ରାଜନ ନିଜର ମତ ରଖୁଥିବାରୁ ବିଜେପି ସରକାର ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେଉଥିଲା । କିନ୍ତୁ ରାଜନ ବୁଧବାର ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବାରୁ ତାଙ୍କୁ ବିଜେପି ପରୋକ୍ଷରେ କଂଗ୍ରେସର ଏଜେଣ୍ଟ ବୋଲି ମଧ୍ୟ କହିବାକୁ ପଛାଇ ନାହିଁ । ବିଜେପି ଜାତୀୟ ସମ୍ପାଦକ ସିଟି ରବି କହିଛନ୍ତି, ବଂଶବାଦର ଋଣ ପରିଶୋଧ କରିବା ପାଇଁ ରାଜନ ବୁଧବାର ରାହୁଲଙ୍କ ଯାତ୍ରରେ ଯୋଗ ଦେଇଥିଲେ । ଏଥିରୁ ସମସ୍ତେ ସବୁ କିଛି ବୁଝି ପାରୁଥିବେ ବୋଲି ସେ କହିଛନ୍ତି ।

## ପଦ୍ମପୁରର ଉପନିର୍ବାଚନ ଫଳାଫଳର ସମୀକ୍ଷା କଲେ ନବୀନ



ଭୁବନେଶ୍ୱର, ୧୫/୧୨ (ନି.ପ୍ର): ପଦମପୁରର ଉପନିର୍ବାଚନ ଫଳାଫଳ ନେଇ ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସମୀକ୍ଷା ବୈଠକରେ ଯୋଗ ଦେବା ପାଇଁ ଗୁରୁବାର ନବୀନ ନିବାସରେ ଦଳର ବରିଷ୍ଠ ନେତାମାନେ ପହଂଚିଥିଲେ । ବୈଠକରେ ପଦମପୁରବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି କେମିତି ପୂରଣ ହେବ, ତା ଉପରେ ନବୀନ ଗୁରୁତ୍ୱ ଦେଇଛନ୍ତି । ଯେଉଁ ସବୁ ପ୍ରତିଶ୍ରୁତି ଦିଆଯାଇଛି, ସେ ସବୁ ପାଳନ କରାଯିବ । ପଦ୍ମପୁର ଓ ସେଠାକାର ଲୋକଙ୍କ ବିକାଶକୁ ଗୁରୁତ୍ୱ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ପଦମପୁର ଯାଇ ବିକାଶ କାର୍ଯ୍ୟର ତଦାରଖ କରିବେ । ସମୀକ୍ଷା ବୈଠକ ସମ୍ପର୍କରେ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ମୁଖ୍ୟମନ୍ତ୍ରୀ ପଦ୍ମପୁର ଯିବେ । ବିକାଶ କାମ ଦେଖିବେ ।କିନ୍ତୁ ତାରିଖ ସ୍ପଷ୍ଟ ହୋଇନାହିଁ । ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବେ କହିଛନ୍ତି ପ୍ରସନ୍ନ ଆଚାର୍ଯ୍ୟ । ସେହିପରି ପ୍ରଦୀପ ମାଝୀ କହିଛନ୍ତି ପଦ୍ମପୁର ମଡେଲରେ ଆଗକୁ ନିର୍ବାଚନ ଲଢ଼ିବୁ । ସବୁ ନିର୍ବାଚନ ମଣ୍ଡଳୀରେ ଏହି ମଡେଲ ଲାଗୁ କରାଯିବ । ୨୪ ନିର୍ବାଚନ ପାଇଁ ଲୋକଙ୍କ ଲାଗି ଅଧିକ କାମ କରିବୁ ବୋଲି କହିଛନ୍ତି ମନ୍ତ୍ରୀ ନବ ଦାସ ।

## ଭିଜିଲାନ୍ସ ଜାଲରେ କୋଟିପତି ଏସଆଇ



ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ତମୋଣ୍ଡା ଥାନାର ଏସଆଇ ଅଭିମନ୍ୟୁ ଚୌଧୁରୀଙ୍କ ବିଭିନ୍ନ ଠିକଣା ଉପରେ ଚଢାଉ କରିଛି ଭିଜିଲାନ୍ସ । ଭୁବନେଶ୍ୱର ଓ ନୟାଗଡର ତିନୋଟି ସ୍ଥାନରେ ଚଢାଉ କରାଯାଇଛି । ଗୁରୁବାର ସକାଳେ ଭିଜିଲାନ୍ସ ପକ୍ଷରୁ ତାଙ୍କର ଭୁବନେଶ୍ୱର ସ୍ଥିତ ପାଇକନଗର ଘରେ ଚଢ଼ଉ କରାଯାଇଛି । ଏହା ସହିତ ନୟାଗଡ଼ ଜିଲ୍ଲା ରଣପୁରର ନଛିପୁର ସ୍ଥିତ ତାଙ୍କ ପୈତୃକ ଘରେ ମଧ୍ୟ ଚଢ଼ାଉ କରାଯାଇଛି । ଚଢ଼ାଉ ବେଳେ ଏସ୍ଆଇ ଅଭିମନ୍ୟୁ ଚୌଧୁରୀଙ୍କର ବିପୁଳ ପରିମାଣର ସମ୍ପତି ଠାବ କରାଯାଇଛି । ଭୁବନେଶ୍ୱରର ପାଇକନଗର ସ୍ଥିତ ତାଙ୍କ ଘରଟି ୪ ମହଲା ବିଶିଷ୍ଟ । ଏହି ସମ୍ପତିର ମୂଲ୍ୟ ୧ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି । ସେହିପରି ତାଙ୍କର ୪ଟି ପ୍ଲଟ୍ ବି ଅଛି । ତାଙ୍କ ପାଇକନଗର ଘରୁ ନଗଦ ଦେଢ଼ ଲକ୍ଷ ଟଙ୍କା ଓ ବହୁ ପରିମାଣରେ ସୁନା ଗହଣା ଜବତ କରାଯାଇଛି । ଅଭିମ୍ୟନୁଙ୍କର ୭୮ ଲକ୍ଷରୁ ଅଧିକ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ରହିଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୩ଜଣ ଡ଼ିଏସପି, ୧୧ଜଣ ଇନ୍ସପେକ୍ଟର ଓ ୬ଜଣ ଏସଆଇ ଏହି ଚଢାଉ ପ୍ରକ୍ରିୟାରେ ସାମିଲ ଅଛନ୍ତି ।

## ମଶା ମାରିବାକୁ ହେବ ଡ୍ରୋନ୍ ବ୍ୟବହାର

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଭୁବନେଶ୍ୱରରେ ମଶା ମାରିବା ପାଇଁ ଡ୍ରୋନ୍ ନିୟୋଜିତ କରିବ ବିଏମସି । ଡ୍ରୋନ ମାଧ୍ୟମରେ ମଶା ମାରିବା ପାଇଁ କେମିକାଲ ସ୍ପ୍ରେ କରାଯିବ । ଗାଡି ଯାଇ ପାରୁ ନଥିବା ତଥା ଅବ୍ୟବହୃତ ଅଂଚଳରେ ମଶାକୁ ଦମନ କରିବା ପାଇଁ ଡ୍ରୋନ ବ୍ୟବହାର କରାଯିବ ବୋଲି ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି । ଏଥିସହ ମଶା ଧୂଆଁ ଗାଡି ସଂଖ୍ୟା ମଧ୍ୟ ବଢାଇ ଦିଆଯିବ । ଅଧିକ ମଶାବଂଶ ବୃଦ୍ଧି ହେଉଥିବା ଅଂଚଳରେ ଟେକନିକାଲ ଟିମ୍ ସର୍ଭେ କରିବ ।

## ଉଦ୍ଧାର ୪ ପିଲା ବାଳାଶ୍ରମରେ ରହିଲେ




ବାଲେଶ୍ୱର, ୧୫/୧୨ (ନି.ପ୍ର): ଜିଲା ଶିଶୁ ଶ୍ରମିକ ଉଦ୍ଧାର ଟାସ୍କ ଫୋର୍ସ ଉଦ୍ଧାର କରିଥିବା ୪ ଜଣ ପିଲାଙ୍କୁ ଉତ୍କଳ ବାଳାଶ୍ରମକୁ ସ୍ଥାନାନ୍ତର କରାଯାଇଛି । ଜିଲା ଶ୍ରମ ଅଧିକାରୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଗଣେଶ୍ୱର ରାଉତ, ଏ ଏଲ ଓ ଦୀପ୍ତିକାନ୍ତ ସାହୁ, ଚାଇଲ୍ଡ ଲାଇନର ପ୍ରଶାନ୍ତ ରାଉତ, ପଞ୍ଚାନନ ତ୍ରିପାଠୀ, ଜ୍ୟୋତି ରଂଜନ ମିଶ୍ର, ନାରାୟଣ ଦାସ, କନେଷ୍ଟବଳ ରବୀନ୍ଦ୍ର ସିଂ, ଏଲପିଓ ମୁକ୍ତିକାନ୍ତ ପଣ୍ଡା ପ୍ରମୁଖଙ୍କୁ ନେଇ ଗଠିତ ଟିମ ପୁଲିସ ଲାଇନ ଏବଂ କୁରୁଡ଼ା ଅଞ୍ଚଳରୁ ୪ ଟି ପିଲାଙ୍କୁ ଉଦ୍ଧାର କରିଥିଲା । ପରେ ଉଦ୍ଧାର ପିଲାଙ୍କ ଶିକ୍ଷା, ସୁରକ୍ଷା ଓ ଯତ୍ନ ନିମନ୍ତେ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାନ କରାଯାଇଥିଲା । କମିଟିର ନିଷ୍ପତ୍ତି କ୍ରମେ ଏହି ପିଲାଙ୍କୁ ଉତ୍କଳ ବାଳାଶ୍ରମରେ ରଖାଯାଇଛି । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ଶିଶୁ ମଙ୍ଗଳ କମିଟି ସଦସ୍ୟ ଗଣେଶ୍ୱର ରାଉତ ସୂଚନା ଦେଇଛନ୍ତି ।

## କେନ୍ଦ୍ରମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେପି ସାଂସଦ ପ୍ରତିନିଧି ମଣ୍ଡଳୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫/୧୨ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟ ବିଜେପିର ଏକ ସାଂସଦ ପ୍ରତିନିଧି ମଣ୍ଡଳୀ ଗୁରୁବାର ନୂଆଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମନସୁଖ ମାଣ୍ଡଭୀୟଙ୍କୁ ଭେଟି ଓଡ଼ିଶାରେ ଆୟୁଷ୍ମାନ ଭାରତ - ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏବି-ପିଏମଜେଏୱାଇ) ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବାକୁ ଅନୁରୋଧ କରିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଏ ସମ୍ପର୍କୀତ ଏକ ପତ୍ର ପ୍ରଦାନ କରିବା ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ଚାହୁଁଥିବା ୪.୫ କୋଟି ଓଡ଼ିଆଙ୍କ ସମେତ ବାହାରେ କାମ କରୁଥିବା ୧ କୋଟି ପ୍ରବାସୀ ଓଡ଼ିଆ ଲୋକଙ୍କ ବୃହତ ହିତ ଦୃଷ୍ଟିରୁ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ ସାଂସଦଗଣ ଦାବୀ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ମଧ୍ୟରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ସାଂସଦ ଜୁଏଲ ଓରାମ, ପ୍ରତାପ ଷଡଙ୍ଗୀ, ବସନ୍ତ ପଣ୍ଡା, ସୁରେଶ ପୂଜାରୀ, ନିତିଶ ଗଙ୍ଗଦେବ, ଅପରାଜିତା ଷଡଙ୍ଗୀ, ସଙ୍ଗୀତା ସିଂହଦେଓ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଦିଆଯାଇଥିବା ଦାବୀ ପତ୍ରରେ ଉଲ୍ଲେଖ ରହିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୨୦୧୮ ମସିହାରେ ଆରମ୍ଭ ହୋଇଥିବା ଆୟୁଷ୍ମାନ ଭାରତ ଯୋଜନା ଏକ ଐତିହାସିକ ପଦକ୍ଷେପ । ଏହି ଯୋଜନାରେ ପ୍ରତ୍ୟେକ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉତମ ଚିକିତ୍ସା ସେବାର ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଦେଶର ପ୍ରାୟ ୨୦.୮୭ କୋଟି ପରିବାର ତଥା ୭୫ କୋଟି ହିତାଧିକାରୀ ଏହି ସୁବିଧାର ଲାଭ ନେଉଛନ୍ତ । ଓଡ଼ିଶା ଭଳି ଅଳ୍ପ କିଛି ରାଜ୍ୟ ସର୍ବଭାରତୀୟ ସ୍ୱାସ୍ଥ୍ୟ ଯୋଜନାର ଲାଭରୁ ନାଗରିକଙ୍କୁ ବଂଚିତ କରୁଛନ୍ତି । ୨୦୧୯-୨୦ ଆର୍ଥିକ ବର୍ଷରେ ସାମଗ୍ରିକ ସ୍ୱାସ୍ଥ୍ୟାବସ୍ଥା ପ୍ରଦର୍ଶନ ତୁଳନାରେ ୧୯ଟି ପ୍ରମୁଖ ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ୧୪ତମ ସ୍ଥାନରେ ଥିଲା, ଯାହା ପଡୋଶୀ ଝାଡଖଣ୍ଡ ଏବଂ ଛତିଶଗଡ ରାଜ୍ୟ ଠାରୁ ମଧ୍ୟ କମ୍ । ୨୦୧୪ ପର ଠାରୁ ନବଜାତ ମୃତ୍ୟୁହାର, ୫ ବର୍ଷରୁ କମ୍ ମୃତ୍ୟୁ ହାର, ଶିଶୁ, କିଶୋର,ମହିଳାଙ୍କ ମଧ୍ୟରେ ରକ୍ତହୀନତାରେ

▶▶ପୃଷ୍ଠା ୭

## ଶୁଭେନ୍ଦୁ ଅଧିକାରୀଙ୍କ କମ୍ବଳ ବଂଟା କାର୍ଯ୍ୟକ୍ରମରେ ଅଘଟଣ : ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୫/୧୨ : ପଶ୍ଚିମବଙ୍ଗ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ କମ୍ବଳ ବଂଟା କାର୍ଯ୍ୟକ୍ରମରେ ଅଘଟଣ । ଅତ୍ୟଧିକ ଭିଡ ହେତୁ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି । ଘଟଣାକୁ ନିନ୍ଦା କରି ପଶ୍ଚିମବଙ୍ଗ ସରକାର ମାମଲା ରୁଜୁ କରିଥିବା ବେଳେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଏନେଇ ଭତ୍ସନା କରିଛନ୍ତି । ପୋଲିସ ଭିଡ ନିୟନ୍ତ୍ରଣ କରିବାରେ ଅସମର୍ଥ ହେବାରୁ ଏଭଳି ଅଘଟଣ ଘଟିଥିବା କହିଛନ୍ତି କୋର୍ଟ । ତୁରନ୍ତ ଏହି ଆବେଦନ ପ୍ରତ୍ୟାହାର କରିବାକୁ କୋର୍ଟ ରାଜ୍ୟ ସରକାରଙ୍କୁ କହିଛନ୍ତି । ବୁଧବାର ଆସନସୋଲରେ ବିଜେପି ପକ୍ଷରୁ କମ୍ବଳ ବଂଟା କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ବିଜେପି ନେତା ତଥା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଭାଷଣ ଦେଇ ସଭା ଛାଡି ଯିବା ପରେ କମ୍ବଳ ନେବାକୁ ଲୋକଙ୍କ ମଧ୍ୟରେ ପ୍ରବଳ ଗହଳି ଲାଗିଥିଲା । ଅତ୍ୟଧିକ ଭିଡ କାରଣରୁ ଦଳାଚକଟାରେ ଘଟଣାସ୍ଥଳରେ ୩ ଜଣ ମହିଳା ପ୍ରାଣ ହରାଇଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି । ସେପଟେ ପୋଲିସର ବିନା ଅନୁମତିରେ ଏଭଳି କାର୍ଯ୍ୟକ୍ରମ ପାଇଁ ଶୁଭେନ୍ଦୁ ଅଧିକାରୀଙ୍କୁ ଦାୟୀ କରିଛନ୍ତି ଟିଏମସି ସାଂସଦ କୁନାଲ ଘୋଷ । କମ୍ବଳ ବଂଟା ନାଁରେ ବହୁସଂଖ୍ୟାକ ଲୋକଙ୍କୁ ଡାକି ଏହାର ପରିଚାଳନା କରିବାର କ୍ଷମତା ନଥିବା କହିଛି ଟିଏମସି ।

# ମାଲକାନଗିରିରେ ଧାନ ମଣ୍ଡିର ଶୁଭାରମ୍ଭ

ମାଲକାନଗିରି, ୧୫/୧୨ (ନି.ପ୍ର): ଆଜି ମାଲକାନଗିରି ଜିଲ୍ଲା ରେ ଥିବା ୧୪ଟି ଧାନ ମଣ୍ଡିର ଶୁଭାରମ୍ଭ କରାଯାଇଛି । ମାଲକାନଗିରି ସଦର ମହକୁମା ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣ ରେ ଆୟୋଜିତ ଧାନ ମଣ୍ଡିକୁ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି ଏବଂ ଜିଲ୍ଲାପାଳ ବିଶାଳ ସିଂ ମିଳିତ ଭାବେ ଶୁଭାରମ୍ଭ କରିଥିଲେ । ମାଲକାନଗିରି, ଭେଜାଙ୍ଗିୱାଡା, ଗୋବିନ୍ଦ ପଲ୍ଲୀ, ଉଣ୍ଡୁକୋଣ୍ଡା,, ଏମଭି-୧୧,, ପଟେରୁ, ଏମପିଭି-୮୧, ସିମିଳିବାଞ୍ଚା, କାମୱାଡା, ମାଥିଲି, ପରକନମାଲା, ପିଟାଗା ଟା ଏବଂ ରାମାଗୁଡା(ଦଳପତି ଗୁଡା)ରେ ଆଜି ଠାରୁ ଧାନ ମଣ୍ଡି ଆରମ୍ଭ ହୋଇଛି । ଚଳିତ ଖରିଫ ବର୍ଷ-୨୦୨୨/୨୩ ରେ ମାଲକାନଗିରି ଜିଲ୍ଲା ରେ ୧୧ ଲକ୍ଷ ୨୮୩୫ କ୍ୱିଂଟାଲ ଧାନ କ୍ରୟ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜିଲ୍ଲା ରେ ୩୭ ହଜାର ଚାଷୀ ଧାନ ବିକ୍ରୟ ଲାଗି ନାମ ପଞ୍ଜୀକରଣ କରିଛନ୍ତି । ଚଳିତ ଖରିଫ ବର୍ଷ ଲାଗି ଜିଲ୍ଲା ରେ ୬୬ ଗୋଟି ଧାନ ମଣ୍ଡି ଖୋଲାଯାଇଛି ।ଧାନ ମଣ୍ଡି ପରିଚାଳନା ପାଇଁ ୮ଟି ଲ୍ୟାମ୍ପ ଏବଂ ୪ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । କ୍ୱିଂଟାଲ ପ୍ରତି ସାଧାରଣ ଧାନ ର ମୂଲ୍ୟ ୨୦୪୦ ଟଙ୍କା ନିର୍ଦ୍ଧାରଣ କରାଯାଇଛି । ଗୋଟିଏ ଦିନରେ ଜଣେ ଚାଷୀ ୪୦ କ୍ୱିଂଟାଲ ଧାନ ମଣ୍ଡି ରେ ବିକ୍ରୟ କରିପାରିବ । ମଣ୍ଡି ରେ ଧାନ ବିକ୍ରୟ ଲାଗି ଚାଷୀ ନିଜର ପରଚୟ ପତ୍ର ସ୍ୱରୂପ ଭୋଟ ପରିଚୟପତ୍ର, କିଷାନ କ୍ରେଡିଟ୍ କାର୍ଡ ଏବଂ ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ କିମ୍ବା ଆଧାର କାର୍ଡ଼ ର ନକଲ ଆଣି ପାରିବେ । ଚାଷୀ ଧାନ ବିକ୍ରୟ ପାଇଁ ୭ ଦିନ ପୂର୍ବରୁ ଲ୍ୟାମ୍ପସ୍ ରୁ ଆଗୁଆ ଟୋକେନ୍ ସଂଗ୍ରହ କରିପାରିବେ । ପଞ୍ଜିକୃତ ହୋଇ ଥିବା ମୋବାଇଲ୍ କୁ ମଧ୍ୟ ସୂଚନା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ମଣ୍ଡିରୁ ଧାନ ପରିବହନ ଲାଗି ୨୮ ଗୋଟି ମିଲରସ୍‌ଙ୍କୁ ନିୟୋଜନ କରାଯାଇଛି । ମାଲକାନଗିରି ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଆଜି ଧାନ ମଣ୍ଡି ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟ ରେ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ନିୟନ୍ତ୍ରିତ ବଜାର କମିଟି ସଂପାଦକ ଗୁରୁଚରଣ ନାୟକ, ଏସିଏସଓ ପ୍ରଦୀପ କୁମାର ଦାସ, ଯୋଗାଣ ନୀରିକ୍ଷକ ପ୍ରଭଞ୍ଜନ ମହାନ୍ତି, କ୍ୱାଲିଟ୍ ଆନାଲିସିସ୍ ଦୀପ୍ତିରଞ୍ଜନ ମଲ୍ଲିକ୍ , ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର,ମିଲରସ୍ ସଂଘ ସଭାପତି ସୁରେଶ ଚନ୍ଦ୍ର ସୋମାନୀ,ପ୍ରମୁଖ ଉପସ୍ଥିତ ଥିଲେ ।

# ହାତୀ ଘଉଡାଇବାରେ ଫେଲ ମାରିଲା ବନ ବିଭାଗ : ସଫଳ ହେଲେ ଗୋରୁପଲ

କେନ୍ଦୁଝର , ୧୫/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ହାତୀ ଉପଦ୍ରବ ଲାଗି ରହିଛି । ବିଶେଷ ଭାବେ ଚମ୍ପୁଆ ରେଞ୍ଜରେ ହାତୀପଲଙ୍କର ଉପଦ୍ରବ କମିବାରେ ନାମ ଧରୁ ନାହିଁ । ହାତୀ ପଲଙ୍କୁ ଘଉଡାଇବାକୁ ଯେଉଁଠି ବନ ବିଭାଗ ଫେଲ ମାରୁଛି ସେଠାରେ ସଫଳ ହୋଇଛନ୍ତି ଗୋରୁପଲ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଉପଖଣ୍ଡ ଅଂଚଳରେ । ଚମ୍ପୁଆ ରେଞ୍ଜରେ ଗତ ଦୁଇଦିନ ହେବ ବଣୁଆ ହାତୀପଲଙ୍କର ଉପଦ୍ରବ ଜାରି ରହିଛି । ଜ୍ୟୋତିପୁର ବିଟ୍ ଅଂଚଳରେ ୨୩ ଟିକିଆ ହାତୀପଲଙ୍କର ଉପଦ୍ରବ ଲାଗି ରହିଥିବା ବେଳେ ସାଧାରଣ ଲୋକଙ୍କର ଆ ଖିରୁ ନିଦ ହଜି ଯାଇଛି । ହଠାତ୍ ଏତେ ସଂଖ୍ୟରେ ହାତୀ ପଲଙ୍କୁ ଦେଖି ଲୋକମାନେ ଭୟହୀତ ଅବସ୍ଥାରେ ରହିଥିବା ବେଳେ ଏ ମଧ୍ୟରେ ଏକ କୌତୁହଳ ଘଟଣା ଦେଖିବାକୁ ମିଳିଛି । ଗାଁର ଗୋରୁପଲ ହାତୀପଲଙ୍କୁ ଜଙ୍ଗଲ ମଧ୍ୟକୁ ତଡି ଦେଇତିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଗତକାଲି ସନ୍ଧ୍ୟାରେ ଏହି ୨୩ ଟିକିଆ ହାତୀପଲ ଜ୍ୟୋତିପୁର ବିଟ୍ ର ଝାଲିଆବେଡା ସର୍ଦ୍ଦାର ବନ୍ଧରେ ପାଣି ପିଉ ଥିବା ସମୟରେ ହଠାତ୍ ସେଠାରେ ପହଂଚି ଯାଇଥିଲେ ଗୋରୁପଲ । ଏତେ ସଂଖ୍ୟକ ଗୋରୁପଲଙ୍କୁ ଦେଖି ହାତୀପଲ ଭୟଭୀତ ହୋଇ ପଡିବା ସହ ପାଣି ପିଇବା ଛାଡି ଜଙ୍ଗଲ ଆଡେ ଦୌଡି ଥିଲେ । ଏବଂ ହାତୀପଲଙ୍କୁ ଘଉଡାଇ ସେମାନଙ୍କ ପଛେ ପଛେ ଗୋରୁପଲ ଜଙ୍ଗଲ ପର୍ଯ୍ୟନ୍ତ ଦୌଡିବା ଦେକିବାକୁ ମିଳିଥିଲା । ଏଢଣି ଘଟମା ପ୍ରଥମଥର ପାଇଁ ଦେକିବାକୁ ମିଳିଛି । ବନ ବିଭାଗ ହାତୀ ଘଉଡାଇବାରେ ସଫଳ ହୋଇ ପାରୁ ନଥିଲେ ମଧ୍ୟ ଗୋରୁପଲ କିନ୍ତୁ ଏଥିରେ ସଫଳ ହୋଇପାରିଥିବା ଦେଖିବାକୁ ମିଳିଛି । ସ୍ଥଳଚର ପ୍ରାଣୀ ଭାବେ ହାତୀ ସବୁଠାରୁ ବୃହତକାୟ ପ୍ରାଣୀ । ହାତୀ ହେଉଛି ଦେଶର ଐତିହ୍ୟ । କିନ୍ତୁ ଏହି ଐତିହ୍ୟ ଏବେ ସଙ୍କଟରେ । ଦିନକୁ ଦିନ ଜନ ସଂଖ୍ୟା ବୃଦ୍ଧି ଘଟିବା ଫଳରେ ମଣିଷ ନିଜର ଆବଶ୍ୟକତା ପୂରଣ କରିବା ଲାଗି ଜଙ୍ଗଲ ଧ୍ୱସଂ କରିବାକୁ ଲାଗିଛି । ଫଳରେ ଏହି ବୃହତକାୟ ଜୀବ ର ଶାନ୍ତି ନଷ୍ଟ ହେବା ସହ ଖାଦ୍ୟାଭାବ ଦେଖା ଦେଇଥି ଯେଉଁଥିପାଇଁ ହାତୀ ପଲ ଏବେ ଜନବସତି ମୁହାଁ ହେଉଛନ୍ତି । ଏବଂ ମଣିଷ ଓ ହାତୀଙ୍କ ମଧ୍ୟରେ ଲଢେଇ ଲାଗିରହିଛି । ଶେଷ ଖବର ସୁଦ୍ଧା ହାତୀପଲ ଜଙ୍ଗଲ ରେ ଡେରା ପକାଇଛନ୍ତି । ଯେଉଁଥିପାଇଁ ଅଂଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ବନ ବିଭାଗ କେବଳ ସେମାନଙ୍କର ଉପରେ ନଜର ରଖିବା କହି ଦାୟିତ୍ୱରୁ ଦୂରେଇ ଯାଉଥିବା ଲକ୍ଷ୍ୟ କରାଯାଉଛି ।

# କେନାଲରେ ପାଣି ଯୋଗାଇବା ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ରାଣୀଗୁଡା ଚାଷୀ

ଜୟପୁର, ୧୫/୧୨ (ନି.ପ୍ର): ଜୟପୁର ବାରିଣିପୁଟ ଉପର କୋଲାବ ପ୍ରକଳ୍ପର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରେ ଦ୍ୱାରସ୍ଥ ହେଲେ ଚାଷୀ । କୁନ୍ଦୁରା ବ୍ଲକ ରାଣୀଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୁଡି ଠାକୁରାଣି ପାଣି ପଞ୍ଚାୟତର ସଭାପତି ଧନ ପତି ପୁଜାରି, ସମ୍ପାଦକ ରାଜେନ୍ଦ୍ର ମାଝୀଙ୍କ ନେତୃତ୍ୱରେ ଚାଷୀ ମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ କୋଲାବ ପ୍ରକଳ୍ପର କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ବିଗତ ଦିନ ମାନଙ୍କରେ ଉକ୍ତ ଗ୍ରାମ ମାନଙ୍କରେ କେନାଲ ପାଣି ଦ୍ୱାରା ଉଭୟ ଖରିଫ ଓ ରବି ଋତୁରେ ବିଭିନ୍ନ ଚାଷ ହୋଇ ପାରୁଥିଲା । କିଛି ବର୍ଷ ହେବ ଜଳ ସେଚନ ବିଭାଗର ଜଳ ପରିଚାଳନା ଗତ ତ୍ରୁଟି ଯୋଗୁଁ ଖରା ଦିନେ କେନାଲ ପାଣିରୁ ବଞ୍ଚିତ ହୋଇଥିବା ସହ ଜମି ପଡିଆ ପଡୁଛି । କୃଷିଜିବୀ ଓ ଶ୍ରମିକ ମାନେ କାମ ନପାଇ ଦାଦନ ଶ୍ରମିକ ଖଟି ଯିବାକୁ ବାଧ ହୋଉଛନ୍ତି । ଏପରିକି ପାଣି ନପାଇ ମଧ ଚାଷୀ ଜଳକର ରାଜସ୍ୱ ବିଭାଗକୁ ଦେବାକୁ ବାଧ ହେଉଛନ୍ତି । ଜଳ ସେଚନ ବିଭାଗ ଦ୍ୱାରା ଆଉଟ ଲେଟ ଗୁଡିକର ମରାମତି, ଆୟକଟ ଅଞ୍ଚଳ ଅନୁଯାୟୀ ଜଳ ଛଡା ଯିବା ସହିତ ଖରା ଦିନେ କେନାଲର ବଳକା ପାଣି ପଟରା ନଦୀ, କାଳିଆ ଗାଁ ନାଳ, ସତି ନଦୀରେ ଜଳ ଭଣ୍ଡାରର ପାଣି ତଥା କୋଲାବ ନଦୀକୁ ଯେଉଁ ପାଣି ଛଡାଯାଉଛି ତାହା ସାବେରୀ ନଦୀ ଦେଇ ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀରେ ମିଶୁଛି । ତାହାକୁ ରୋକା ଯାଇ ଉପର କୋଲାବ କେନାଲରେ ଚାଷୀଙ୍କୁ ଯୋଗାଇ ଦିଆଗଲେ ବହୁ ଚାଷୀ ଉପକୃତ ହେବେ ବୋଲି ଉଲ୍ଲେଖ କରାଯାଇଛି । ତେଣୁ ଜିଲା ପ୍ରଶାସନ ଓ ଉପର କୋଲାବ ବିଭାଗ ତୁରନ୍ତ ଚାଷୀଙ୍କ ସମସ୍ୟା ସମାଧାନ କରି ରବି ଋତୁରେ କୋଲାବ କେନାଲ ଦ୍ୱାରା ପାଣି ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି ।

ଏହି ଅବସରରେ ସୁଉନିଗୁଡା, ରାଣୀଗୁଡା, ଶିରାଗୁଡା, କଲଗ ଭଟ୍ଟା, ଟେମେରାଗୁଡା, ରାଲା ଗୁଡା, ଭାଲୁଗୁଡାଆଦି ଗ୍ରାମର ଲୋକ ପ୍ରତିନିଧି ମାନେ ଉପସ୍ଥିତ ରହିଥିଲେ ।

## ହାଟପଦା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଲୋକାର୍ପଣ

ଜୟପୁର, ୧୫/୧୨ (ନି.ପ୍ର): ଜୟପୁର ସହର ହାଟପଦା ଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଆଜି ଲୋକାର୍ପଣ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଲୋକାର୍ପଣ କରିଛନ୍ତି । ଲୋକାର୍ପଣ କାଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲାପାଳ ଅବଦୁଲ ଅହମ୍ମଦ ଆକ୍ତର, ସିଡିଏମଓ ଅରୁଣ ପାଢୀ, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ପା ପ୍ରମୁଖ ଉପସ୍ଥିତ ଥିଲେ । ଆରୋଗ୍ୟ କେନ୍ଦ୍ର ଆଜି ଲୋକାର୍ପଣ ହେବାରୁ ବାରିଣିପୁଟ, ଗଡପଦର ଓ ସହରର ଆଖ ଅଞ୍ଚଳର ଲୋକେ ଉପକୃତ ହୋଇ ପାରିବେ । ଏହା ସହ ଜିଲା ଚିକିତ୍ସାଳୟରେ ମଧ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବା ସହ ଘର ନିକଟରେ ଲୋକ ମାନେ ସ୍ୱାସ୍ଥ୍ୟ ସୁବିଧା ପାଇବେ । ଏଠାରେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସେବା, ଔଷଧ ସହ ଫିଜିଓଥେରାପିର ମଧ ବ୍ୟବସ୍ଥା କରାଯାଇ ଥିବା ପ୍ରଶାସନ ସୂତ୍ରରୁ ସୂଚନା ଦିଆଯାଇଛି ।

# ଏନ୍‌ଏଲ୍‌ସି ତଲାବିରା ଥର୍ମାଲ ପାୱାର ପ୍ଲାଣ୍ଟର ପ୍ରଥମ ପୁନର୍ବାସ ଓ ଥଇଥାନ କମିଟି ବୈଠକ

ଝାରସୁଗୁଡ଼ା, ୧୫/୧୨ (ନି.ପ୍ର): ଏନ୍ ଏଲ୍ ସି ତଲାବିରା ଥର୍ମାଲ ପାୱାର ପ୍ଲାଣ୍ଟର ପ୍ରଥମ ପୁନର୍ବାସ ଓ ଥଇଥାନ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଏନ୍ ଏଲ୍ ସି ପ୍ରକଳ୍ପ ମୁଖ୍ୟ, ପ୍ରକଳ୍ପ ନିର୍ଦ୍ଦେଶକ (ପାୱାର) , ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଓ ଏସ୍ ଡି ରାମଚନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ,ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ବିଶ୍ୱନାଥ ତ୍ରିପାଠୀ,ବରଗଡ଼ ସାଂସଦଙ୍କପ୍ରତିନିଧି ରଘୁନନ୍ଦନ ପଣ୍ଡା, ଝାରସୁଗୁଡ଼ା ପଞ୍ଚାୟତ ସମିତି ଅଧକ୍ଷା ଚିତ୍ରେଣୀ ପଟେଲ, ହିର୍ମା ସରପଞ୍ଚ , ଭୂ-ଅଧିଗ୍ରହଣ ଅଧିକାରୀ ,ଏନ୍ ଏଲ୍ ସି ପ୍ରକଳ୍ପ ଡି ଜି ଏମ୍ ନୀରଜ ସିଂହ, ପ୍ରକଳ୍ପ ପ୍ରଭାବିତ ଅଞ୍ଚଳର ପ୍ରତିନିଧି ରମଣୀ ରଞ୍ଜନ ଜଗତ ଓ ରୁଦ୍ର ବରିହା ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଏନ୍ ଏଲ୍ ସି ପକ୍ଷରୁ ଅଧିଗ୍ରହଣ କରାଯାଇଥିବା ଜମିର ସ୍ଥିତି, ପ୍ରଭାବିତ ଓ ବିସ୍ଥାପିତ ପରିବାର, ପ୍ରସ୍ତାବିତ ପ୍ୟାକେଜ ଓ ଜନ ଶୁଣାଣି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରଭାବିତ ଅଞ୍ଚଳରେ ଗ୍ରାମୱାରି ବିସ୍ଥାପନ ଓ ଥଇଥାନ କାର୍ଯ୍ୟ ଏକ ସମୟରେ କରାଯିବା, ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ପ୍ରଦାନ ଓ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦେବାକୁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯିବା ସହ ସ୍ୱାସ୍ଥ୍ୟସେବା, ଉଚ୍ଚତର ଶିକ୍ଷା ପାଇଁ ସୁବିଧା ସୁଯୋଗ,ଆଇ ଟି ଆଇ ପ୍ରତିଷ୍ଠା, ଜଙ୍ଗଲ ଜମି ଓ ବନ୍ୟା ଯୋଗୁ ଅନ୍ୟ ସ୍ଥାନରୁ ଆସି ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀ ଓ ସୁଖବାସୀମାନଙ୍କୁ ସୁବିଧା ସୁଯୋଗ ପ୍ରଦାନ ଆଦି ପ୍ରଭାବିତ ଅଞ୍ଚଳବାସୀଙ୍କ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଥଇଥାନ ନୀତି ଅନୁସାରେ ପ୍ରଭାବିତ ଅଞ୍ଚଳର ଅଧିବାସୀମାନଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରହ୍ମଗିରି ବିକାଶ ପାଇଁ କୈଳାସଙ୍କ ଜୋରଦାର ଉଦ୍ୟମ

ପୁରୀ, ୧୫/୧୨ (ନି.ପ୍ର): ବ୍ରହ୍ମଗିରି ବିକାଶ ପାଇଁ ବ୍ରହ୍ମଗିରିର ଯୁବନେତା କୈଳାସ ପରିଡ଼ାଙ୍କ ଉଦ୍ୟମକୁ ବ୍ରହ୍ମଗିରିବାସୀ ପସନ୍ଦ କରିଛନ୍ତି । ବ୍ରହ୍ମଗିରିର ଆରାଧ ଦେବତା ଶ୍ରୀଅଲାରନାଥ ମନ୍ଦିରର ଉନ୍ନତି ପାଇଁ କୈଳାସଙ୍କ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁଁ ୫ ଟି ସଚିବ ଭି.କେ.ପାଣ୍ଡିଆନ ମନ୍ଦିର ଦର୍ଶନ କରିବା ସହ ଉନ୍ନତିକରଣ ପାଇଁ ପ୍ରୟାସ ଜାରି ରଖିଥିଲେ । ଗତ କିଛିଦିନ ତଳେ ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀଅଲାରନାଥ ମନ୍ଦିର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ୮ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି । ସେହିପରି ବ୍ରହ୍ମଗିରିର ଅନ୍ୟତମ ପର୍ଯ୍ୟଟନ ପୀଠ ମା ବାଲିହରଚଣ୍ଡୀ ମନ୍ଦିରର ଉନ୍ନତି ପାଇଁ ସେବାୟତଙ୍କ ସହ କୈଳାସ ଜିଲ୍ଲାପାଳଙ୍କୁ ଏ ସଂପର୍କରେ ଦାବିପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳ ସମର୍ଥ ବର୍ମା ବାଲିହରଚଣ୍ଡୀ ପୀଠ ପରିଦର୍ଶନ କରିବା ସହ ମନ୍ଦିରର ସୁରକ୍ଷା ଓ ସେବାୟତଙ୍କ ସହ ଆଲୋଚନା କରିଥିଲେ । ଖୁବ ଶୀଘ୍ର ୫ଟି ସଚିବ ପରିଦର୍ଶନରେ ଆସିବେ ବୋଲି ଆଜି ଗଣମାଧମକୁ ବ୍ରହ୍ମଗିରି ମାଟିର ଯୁବନେତା କୈଳାସ ପରିଡ଼ା ସୂଚନା ଦେଇଛନ୍ତି । ବ୍ରହ୍ମଗିରିର ବିକାଶ ପାଇଁ ସେ ବ୍ରହ୍ମଗିରି ବିକାଶ ମଞ୍ଚ ଗଠନ କରିଛନ୍ତି । ବ୍ରହ୍ମଗିରିର ଅଗାମି ଭବିଷ୍ୟତ ସଫଳ ନେତା ହୋଇପାରିବେ ବୋଲି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳିରେ ଚର୍ଚ୍ଚା ହେଉଛି ।

# ଗୋଲେଇପୁର ପଂଚାୟତରେ ଗ୍ରାମସଭା

କୋରେଇ, ୧୫/୧୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଂଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମସଭା ଅନୁଷ୍ଠିତ ହୋଇଛି । ପଂଚାୟତ ସରପଂଚ ସସ୍ମୀତା ମଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଜ୍ଜୁନ କୁମାର ବରାଳ, ସମିତିସଭ୍ୟା ପ୍ରତିନିଧି ଶଶିକାନ୍ତ ମାଝୀ, ନାଏବ ସରପଂଚ ଏସ୍.କେ. ହାସିମ୍, କୃଷି ଅଧିକାରୀ ସଂଜୟ ସାହୁଙ୍କ ସମତେ ସମସ୍ତ ୱାର୍ଡ଼ସଭ୍ୟ/ସଭ୍ୟାଙ୍କ ସମତେ ଏସ୍‌ଏସ୍‌ଜି ଗ୍ରୁପର ସଦସ୍ୟ/ସଦସ୍ୟାମାନେ ଉପସ୍ଥିତ ରହିଥିଲେ । ଉକ୍ତ ଗ୍ରାମସଭାରେ ପଂଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯିବା ସହ ଗ୍ରାମ୍ୟରାସ୍ତା, ପାନୀୟ ଜଳ ଯୋଗାଣ, ଆବାସ ଯୋଜନା ବିଷୟରେ ଗୁରୁତ୍ୱାରେପ କରାଯାଇଥିଲା । ଉକ୍ତ ପଂଚାୟତରେ ନିର୍ମାଣ ହୋଇଥିବା ମିଶନଶକ୍ତି ଗୃହକୁ ଦୀର୍ଘଦିନ ଧରି ଚାବି ପକାଇ ରଖାଯାଇଥିବା ଯୋଗୁ ମିଶନ ଶକ୍ତି ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ । ଏହି ବିଷୟରେ ବିଡିଓ ଓ ଜିଲ୍ଲାପାଳଙ୍କୁ ଅବଗତ କରାଯିବାସହ ତୁରନ୍ତ ମିଶନ ଶକ୍ତି ଗୃହକୁ ଖୋଲିବା ପାଇଁ ସରପଂଚ ଶ୍ରୀମତୀ ମାଝୀଙ୍କୁ ଜଣାଇଥିଲେ । ଏହାସହ ପଂଚାୟତରେ ହୋଇଥିବା ଆବାସ ଦୁର୍ନିତୀ ବିଷୟରେ ସରପଂଚ କୋରାଇ ବିଡିଓଙ୍କୁ ଅବଗତ କରାଇବା ସହ ଦୁର୍ନିତୀର ପ୍ରତିକାର କରାଯିବ ବୋଲି ମତପ୍ରକାଶ ପାଇଥିଲା । ଶେଷରେ ପଂଚାୟତର ସାନ ବିରୁହାଁ ଗ୍ରାମ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହୋଇଥିବାରୁ ପ୍ରଶାସନିକ ଅଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଯାଜପୁର ଜିଲ୍ଲାପାଳ ଓ କୋରାଇ ବିଡିଓଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶତାଧିକ ମିଶନ ଶକ୍ତି ମହିଳା ଉପସ୍ଥିତ ରହିଥିଲେ ।

# ବିନା ସୂଚନା ଫଳକରେ ଚାଲିଛି ଉନୟନ ପ୍ରକଳ୍ପ

ଘଟଗାଁ, ୧୫/୧୨ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରୀ ଅନୁଦାନରେ ଯେକୌଣସି ସ୍ଥାନରେ ହେଉଥିବା ପ୍ରକଳ୍ପ କାମ ଆରମ୍ଭ ପୂର୍ବରୁ କାର୍ଯ୍ୟ ସଂପୂର୍ଣ୍ଣ ବିବରଣୀ ସୂଚନା ଫଳକରେ ଲିପିବଦ୍ଧ ହେବାର ନିୟମ ରହିଛି । କିନ୍ତୁ ଉକ୍ତ ନିୟମକୁ କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ଘଟଗାଁ ବ୍ଲକସ୍ଥିତ ଗ୍ରାମ ପଂଚାୟତ ଗୁଡିକରେ ନିୟମକୁ ଉଲ୍ଲଘଂନ କରି କାର୍ଯ୍ୟ କରୁଥିବା ଗୁରୁତର ଅଭିଯୋଗ ହୋଇଛି । ଏପରିକି କାର୍ଯ୍ୟ ସଂପୂର୍ଣ୍ଣ ହେବାର
୬ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ସୂଚନା ଫଳକରେ ଲିପିବଦ୍ଧ ହୋଇନଥିବା ନେଇ ପଂଚାୟତବାସୀଙ୍କୁ ସନ୍ଦେହ ସୃଷ୍ଟି କରିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ କ୍ରମେ ଜନ ସାଧାରଣଙ୍କ ସୁବିଧା ନିମନ୍ତେ ବିଭିନ୍ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବିନିମୟରେ ନରେଗା ଠାରୁ ଆରମ୍ଭ କରି ସିଏଫସିଓ ଏଫସିଏମ୍‌ଏଲ୍ ଏଗ୍ରାଣ୍ଟ୍ ଓଡିଏମ୍‌ଏଫ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସବୁଠାରୁ ବେଶି ଗୁରୁତର ଅଭିଯୋଗ ହୁଏ ନରେଗା ଯୋଜନା (ମହାତ୍ମାଗାନ୍ଧୀ ଜାତୀୟ ନିର୍ଶ୍ଚିତ କର୍ମ ନିଜୁକ୍ତି ଯୋଜନା)ରେ ହେଉଥିବା ପ୍ରକଳ୍ପରେ । ଉକ୍ତ କାର୍ଯ୍ୟ ଗୁଡିକ ଶ୍ରମିକମାନଙ୍କ ଦ୍ୱାରା କରାନଯାଇ ମେସିନରେ କରାଯାଇ ଅର୍ଥ ହେରଫେର କରାଯାଉଥିବା ଅଭିଯୋଗ ହେଉଥିଲେ ମଧ ପ୍ରଶାସନ କ୍ଷେତ୍ରରେ ପଦକ୍ଷେପ ନିଆଯାଉନାହିଁ । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଜନସାଧାରଣଙ୍କ ଜାଣିବା ପାଇଁ ସୂଚନା ଫଳକ ଲେଖାଯିବା ନିୟମ ଅଛି । ବର୍ତ୍ତମାନ ଚାଲୁ ରହିଥିବା ମିଶନଶକ୍ତି ଗୃହ ନିର୍ମାଣ ମିନିଷ୍ଟାଡିୟମର ଉନ୍ନତି କରଣରେ ସୂଚନା ଫଳକ ଲଗାଯାଇନଥିବା ଦେଖାଯାଇଛି । ଏଣୁ ଏହାର ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ଠାରେ ଦାବି ହୋଇଛି ।

# ୧୩ତମ ଉଦୟଗିରି ମହୋତ୍ସବ ଉଦ୍‌ଘାଟିତ

ଧର୍ମଶାଳା, ୧୫/୧୨ (ନି.ପ୍ର): ଯାଜପୁର ଜିଲା ଅନ୍ୟତମ ପ୍ରସିଦ୍ଧ ବୌଦ୍ଧ ବିହାର ଉଦୟଗିରିଠାରେ ୧୩ତମ ଉଦଗିରି ମହୋତ୍ସବ ଉଦଘାଟିତ ହୋଇଯାଇଛି । ଉଦୟଗିରି ସମିତି ପକ୍ଷରୁ ଆୟୋଜିତ ଉତ୍ସବରେ ଉଦଘାଟକଭାବେ ସୁଦୂର ଶ୍ରୀଲଙ୍କାର ବୌଦ୍ଧଭିକ୍ଷୁ ଧମ୍ମ ସୁବୋଧି ଭନ୍ତେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ । ଉଦୟଗିରିଠାରେ ଧର୍ମ ରୂପୀ ସୂର୍ଯ୍ୟ ଜାଜ୍ୱଲ୍ୟମାନ ହେବା ସହ ଏହି ବିକଶିତ ପ୍ରଜ୍ଞସ୍ଥଳର ପ୍ରଚାର ଓ ପ୍ରସାର ହେଲେ ବୁଦ୍ଧଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହେବ ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ବରିଷ୍ଠ ପ୍ରଶାସକ ତଥା ଯାଜପୁର ଜିଲାର ପୂର୍ବତନ ଜିଲାପାଳ ଅନୀଲ ସାମଲ ଯୋଗଦେଇ ଉଦୟଗିରି,ରତ୍ନଗିରି ଓ ଲଳିତଗିରି ହୀରକ ତ୍ରିଭୂଜ ବୌଦ୍ଧ ପର୍ଯ୍ୟଟନ ସର୍କିଟ କେବଳ ଆମ ରାଜ୍ୟ ନୁହେଁ ସମଗ୍ର ଭାରତବର୍ଷର ଏକ ସାଂସ୍କୃତିକ ଓ ଐତିହ୍ୟ କେନ୍ଦ୍ର । ଆଗାମୀ ଦିନରେ ଏହି ଉତ୍ସବରେ ରାଜ୍ୟସ୍ତରୀୟ ଉତ୍ସବରେ ପରିଣତ କରିବାକୁ ସେ ଉଦ୍ୟମ କରିବେ ବୋଲି ତାଙ୍କ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ମୁଖ୍ୟବକ୍ତାଭାବେ ଭାରତୀୟ ମହବୋଧୀ ସୋସାଇଟିର ଟ୍ରଷ୍ଟି ସୌରେନ୍ଦ୍ର ମହାପାତ୍ର ଯୋଗ ଦେଇ ଏହି ପୀଠର ସୁରକ୍ଷା ଓ ବିକାଶ ଲାଗି ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଶୋଭନୀୟ ଶିକ୍ଷାଶ୍ରମର ମୁଖ୍ୟ ପରିଚାଳିକା ଅରୁନ୍ଧତୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବର ଆବାହକ ମହେଶ୍ୱର ବଳ ଓ ଜିଲା ସାଂସ୍କୃତିକ ପରିଷଦର ସଦସ୍ୟ ଶୁଭେନ୍ଦୁ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଗଞ୍ଜାମର ମା ମଙ୍ଗଳା ଲୋକନୃତ୍ୟ କଳା ଅନୁଷ୍ଠାନ ଓ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ

ଜୟପୁର, ୧୫/୧୨ (ନି.ପ୍ର): ଜୟପୁର ଟାଉନ ହଲ ଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଛି । ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଜୟପୁର ପୌର ପାଳିକା ଆନୁକୁଲ୍ୟରେ ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର ଉପାଧକ୍ଷ ବି ସୁନିତା, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ପା ସହ କାଉନସିଲର ମାନେ ଉପସ୍ଥିତ ରହିଥିଲେ । ଜୟପୁର ପୌରାଞ୍ଚଳର ୨୮ଟି ୱାର୍ଡରେ ଥିବା ଭିନ୍ନକ୍ଷମ ମାନେ ଟାଉନ ହଲ ଠାରେ ଉପସ୍ଥିତ ରହିଥିଲେ ।

# ବିଭିନ୍ନ କାରଖାନା ତଦାରଖ କଲେ ଗୃହ କମିଟି, ପ୍ରଦୂଷଣ ରୋକିବାକୁ କଲେ ତାଗିଦ

ଯୋଡ଼ା, ୧୫/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା, ବଡ଼ବିଲ ଓ ରୁଗୁଡି ଅଞ୍ଚଳରେ ଥିବା ବିଭିନ୍ନ କାରଖାନା ଯୋଗୁଁ ଜଳ, ଶବ୍ଦ ଓ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ବିଭିନ୍ନ ସମୟରେ ଏହାକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି । ଗୃହ କମିଟି ର ବିଭିନ୍ନ ଉପ କମିଟି ଉକ୍ତ କାରଖାନା ଗୁଡିକକୁ ଗସ୍ତ କରି ତାଗିଦ କଲା ସତ୍ତ୍ୱେ ସ୍ଥିତି ବଦଳୁ ନାହିଁ । କିଛି ମାସ ଅନ୍ତରରେ ଦୁଇଟି ଦୁଇଟି ଗୃହ କମିଟି ଏହି ସବୁ କାରଖାନା ଗୁଡିକୁ ଗସ୍ତ କରି ପ୍ରଦୂଷଣ ନିୟନ୍ତ୍ରଣ ସକାଶେ ତାଗିଦ କରି ଫେରିଥିବା ବେଳେ ଜଳ, ଶବ୍ଦ ଓ ବାୟୁ ପ୍ରଦୂଷଣ ରୋକିବା ଦିଗରେ ଶିଳ୍ପ ସଂସ୍ଥାମାନେ କିଭଳି ବ୍ୟବସ୍ଥା କରିଛନ୍ତି ତାର ତଦାରଖ କରିଛନ୍ତି ଗୃହ କମିଟିର ଉପ-କମିଟି -୩ । କମିଟିର ଅଧକ୍ଷ ବଦ୍ରିନାରାୟଣ ପାତ୍ରଙ୍କ ନେତୃତ୍ୱରେ ସରକାରୀ ଚିଫ୍ ହ୍ୱିପ୍ ପ୍ରଶାନ୍ତ କୁମାର ମୁଦୁଲି ଓ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ବିଭିନ୍ନ ଶିଳ୍ପାନୁଷ୍ଠାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବଡ଼ବିଲ ଠାରେ ଥିବା ଶ୍ରୀ ଜଗନ୍ନାଥ ଷ୍ଟିଲ ଏଣ୍ଡ ପାୱାର ଲିଃ. କାରଖାନାକୁ ପରିଦର୍ଶନ କରି ପ୍ରଦୂଷଣ ସମ୍ବନ୍ଧୀୟ ସ୍ଥିତି ପରଖିବା ପରେ ଆରିୟା ଆଇରନ ଏଣ୍ଡ ଷ୍ଟିଲ ଷ୍ଟିଲ, ଏବଂ ରଗୁଡ଼ି ଠାରେ ଥିବା ଶ୍ରୀ ମେଟାଲିକ୍ସ ଲିଃ ଏବଂ କେ ଜେ ଏସ ଆହ୍ଲୁୱାଲିଆ କାରଖାନାକୁ ଯାଇ ପ୍ରଦୂଷଣ ଓ ପରିବେଶ ସଂକ୍ରାନ୍ତିୟ ସମସ୍ୟା ଉପରେ ତଦାରଖ କରିଥିଲେ । କମ୍ପାନୀ ପକ୍ଷରୁ ବର୍ଯ୍ୟ ଜଳ ପରିଚାଳନା, ଗ୍ରୀନ କରିଡ଼ର ଓ ଧୂଳି ଧୂଆଁ ନିୟନ୍ତ୍ରଣ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଜାହିର କରି ବିରକ୍ତିଭାବ ପ୍ରକାଶ କରିଥିଲେ କମିଟି ସଦସ୍ୟ । ଶ୍ରୀ ଜଗନ୍ନାଥ ଷ୍ଟିଲ ପ୍ଲାଣ୍ଟ ଏବଂ କେ ଜେ ଏସ ଆହ୍ଲୁୱାଲିଆ ପ୍ଲାଣ୍ଟ କୌଣସି ନୀତି ନିୟମ ମାନୁନାହାନ୍ତି ବୋଲି କମିଟିର ଅଧକ୍ଷ ବଦ୍ରିନାରାୟଣ ପାତ୍ର କହିଛନ୍ତି । ପ୍ରଦୁଷଣ ନିୟନ୍ତ୍ରଣ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିବା ସହ ସୁସ୍ଥ ପରିବେଶ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ କମିଟି । ଏହି ଗସ୍ତ ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କ ସମେତ ସ୍ଥାନୀୟ ପ୍ରାଶାସନିକ ଅଧିକାରୀଗଣ ଉପସ୍ଥିତ ରହିଥିଲେ ।

# ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ : ସ୍କାନ ସ୍ପୋର୍ଟିଂ ଭୁବନେଶ୍ୱର ସେମିରେ

ଧର୍ମଶାଳା, ୧୫/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନିଳକଣ୍ଠପୁର ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୪୦ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ର ଆଜି ୪ର୍ଥ ତଥା ଶେଷ କ୍ୱାଟର ଫାଇନାଲ ମ୍ୟାଚ ସ୍କାନ ସ୍ପୋର୍ଟିଂ ଭୁବନେଶ୍ୱର ଓ ବିଶ୍ୱଭାରତୀ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ବିଶ୍ୱଭାରତୀକୁ ୩ ୱିକେଟ୍‌ରେ ହରାଇ କରି ୪ର୍ଥ ଦଳ ଭାବେ ସ୍କାନ ସେମିଫାଇନାଲରେ ପ୍ରବେଶ କରିଛି । ପ୍ରଥମେ କଟକ ଟସ୍‌ରେ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରୁ ୨୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୧ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସୂର୍ଯ୍ୟ ନାରାୟଣ ସର୍ବାଧିକ ୪୦ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଆଲୋକ ସେଠୀ ୩ଗୋଟି ୱିକେଟ୍ ନେଇଥିଲେ । ୧୩୨ ରନର ବିଜୟ ଲକ୍ଷ ପିଛା କରି ସ୍କାନ ଭୁବନେଶ୍ୱର ୨୨ ଓଭରରେ ୭ ଗୋଟି ୱିକେଟ୍ ହରାଇ ବିଜୟ ଲାଭ କରି ୪ର୍ଥ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି । ଦଳ ପକ୍ଷରୁ ରୋନାଲଡ ୩୪ ଓ ଆଲୋକ ସେଠୀ ୩୦ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ବଲବିନ୍ଦର ୨ଟି ୱିକେଟ୍ ନେଇଥିଲେ । ଝାଲପଡା ପଂଚାୟତର ଯୁବନେତା ବନମାଳୀ ମଲ୍ଲିକ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ବିଶ୍ୱଭାରତୀ ଦଳର ବ୍ୟାଟସମ୍ୟାନ ସୂର୍ଯ୍ୟ ନାରାୟଣଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ଖେଳ ପରିଚାଳନାରେ ଜ୍ୟୋତିରଂଜନ ମଲ୍ଲିକ ଓ ଆଶୁତୋଷ ପାଣି ସହଯୋଗ କରିଥିଲେ । ସ୍କୋରଭାବେ ନିରଞ୍ଜନ ସାହୁ ଓ ଅୟସକାନ୍ତ ସାହୁ ସହଯୋଗ କରିଥିବା ବେଳେ ଭାଷ୍ୟକାରଭାବେ ଅରୁଣ ପତି, ସୁମନ ସାହୁ,ନିରଞ୍ଜନ ଜେନା, ପ୍ରିୟନାଥ ରାଉତ,ଉତ୍କଳ ଜେନା, ମାଧବାନନ୍ଦ ଜେନା, ପତିତ ପାବନ ସାମଲ ଓ ରଞ୍ଜିତ ନାୟକ ପ୍ରମୁଖ ସହଯୋଗ କରିଥିଲେ ।ଗୁରୁବାର ଦିନ ପ୍ରଥମ ସେମିଫାଇନାଲ ମ୍ୟାଚ ସ୍କାନ ସ୍ପୋର୍ଟିଂ ଭୁବନେଶ୍ୱର ଓ ୟୁନିକ୍ ଏକାଡେମୀ ଭଦ୍ରକ ମଧ୍ୟରେ ମ୍ୟାଚ ଖେଳା ଯିବ ବୋଲି ଆୟୋଜକ ସତ୍ୟସାଇ କ୍ରିକେଟ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଜିରୋ ଘାଟି

ଜିରୋରେ କେବଳ ଧାନ କ୍ଷେତ, ବାଉଁଶ ଜଙ୍ଗଲ ଓ ଦେବଦାରୁ ଗଛ ଦ୍ୱାରା ଭରପୂର ପାହାଡ଼ ଦେଖିବାକୁ ମିଳେ । ଫଟୋଗ୍ରାଫି ପାଇଁ ଏହିସବୁ ସ୍ଥାନ ପ୍ରସିଦ୍ଧ ।



ଜିରୋ ଘାଟି, ଅରୁଣାଚଳ ପ୍ରଦେଶର ଲୋୟର ସୁବନସିରି ଜିଲ୍ଲାର ଏକ ପୁରାତନ ସହର । ପୂରା ଜିରୋରେ କେବଳ ଧାନ କ୍ଷେତ, ବାଉଁଶ ଜଙ୍ଗଲ ଓ ଦେବଦାରୁ ଗଛ ଦ୍ୱାରା ଭରପୂର ପାହାଡ଼ ଦେଖିବାକୁ ମିଳେ । ଫଟୋଗ୍ରାଫି ପାଇଁ ଏହିସବୁ ସ୍ଥାନ ପ୍ରସିଦ୍ଧ । ଧାନ ବ୍ୟତୀତ ସେଠାରେ ବହୁଳ ମାତ୍ରାରେ ମାଛଚାଷ କରାଯାଏ । ଜିରୋ ବନ୍ୟପ୍ରାଣୀ ପାଇଁ ମଧ୍ୟ ଏକ ଲୋକପ୍ରିୟ ସ୍ଥାନ । ସ୍ଥାନୀୟ ବାସିନ୍ଦା ଅପାତାନୀ ନାମରେ ଜଣାଶୁଣା । ସେମାନଙ୍କର ପର୍ବପର୍ବାଣି, ରୀତିନୀତି ଓ ପରମ୍ପରା ପାଇଁ ମଧ୍ୟ ଜିରୋ ଘାଟି ପ୍ରସିଦ୍ଧ । ସେମାନେ ପ୍ରକୃତିର ଦେବତାଙ୍କୁ ପୂଜା କରିଥାନ୍ତି । ସେମାନଙ୍କର ସଂସ୍କୃତି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଉତ୍ସବ ମଧ୍ୟରେ ମ୍ୟାକୋ ମୁରୁଙ୍ଗ ଓ ଡ୍ରି ପ୍ରମୁଖ । ପର୍ଯ୍ୟଟକମାନେ ମଧ୍ୟ ଏହି ଉତ୍ସବରେ ଭାଗ ନେଇପାରିବେ । ଜିରୋର ପାଣିପାଗ ପ୍ରାୟତଃ ଅନୁକୂଳ ଥାଏ, ଯାହାଦ୍ୱାରା ପର୍ଯ୍ୟଟକମାନେ ବର୍ଷସାରା ସେଠାକୁ ଯାଇଥାନ୍ତି । ସେପ୍ଟେମ୍ବରରେ ପାଳନ ହେଉଥିବା ଜିରୋ ମ୍ୟୁଜିକ ଫେଷ୍ଟିଭାଲ ପାଇଁ ଏହି ସ୍ଥାନର ଗୁରୁତ୍ୱ ଅଧିକ । ୨୦୧୨ ମସିହାରେ ଏହି ଫେଷ୍ଟିଭାଲ ଆରମ୍ଭ ହୋଇଥିଲା । ପୃଥିବୀର କୋଣ ଅନୁକୋଣରୁ ସଙ୍ଗୀତପ୍ରେମୀ, ରାଷ୍ଟ୍ରୀୟ ଓ ଅନ୍ତର୍ରାଷ୍ଟ୍ରୀୟ ସଙ୍ଗୀତ ବ୍ୟାଣ୍ଡ ପାର୍ଟି, ଲୋକ କଳାକାର ଏହି ଫେଷ୍ଟିଭାଲରେ ଭାଗ ନେବାକୁ ସେଠାକୁ ଯାଇଥାନ୍ତି । ଜିରୋରେ ଭ୍ରମଣ କରିବା ପାଇଁ କିଛି ବେଶ୍ କେତୋଟି ସ୍ଥାନ ଅଛି ।

### ରୋମାଞ୍ଚକର ରୋଡ ଟ୍ରିପ୍:

ବାଦଲ ଓ ବିଭିନ୍ନ ବୃକ୍ଷ ମଧ୍ୟରେ ରୋଡ ଟ୍ରିପ୍‌ର ରୋମାଞ୍ଚକ ଅନୁଭବ ଜିରୋରେ ପର୍ଯ୍ୟଟକମାନେ ପାଇପାରିବେ । ପୂର୍ବୋତ୍ତର କ୍ଷେତ୍ରର ଅଙ୍କାବଙ୍କା ରାସ୍ତାରେ ଗାଡ଼ି ଚଳେଇବାର ଏକ ଭିନ୍ନ ଅନୁଭୂତି ଦେଇଥାଏ । ସେଠାରେ ଉପଭୋଗ କରିଥିବା ରୋମାଞ୍ଚକ ରୋଡ ଟ୍ରିପ୍ ଭୁଲି ପାରିବେ ନାହିଁ । ପର୍ଯ୍ୟଟକମାନେ ସେଠାରେ ରହୁଥିବା ଅଧିବାସୀଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ପାଇପାରିବେ । ଜିରୋ ଅଲଗା ଏକ ଦୁନିଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଠାରେ ରହୁଥିବା ଅପତାନୀ ଜନଜାତିର ଲୋକମାନେ ନାକ ପିୟର୍ସିଙ୍ଗ ଓ ଫେସିଆଲ ଟାଟୁ ପାଇଁ ଜଣାଶୁଣା । ତାଲେ ଘାଟି ବ୍ୟତୀତ ଟ୍ରେକିଙ୍ଗ ପାଇଁ ବୋମଡିଲା-ତବାଙ୍ଗ କ୍ଷେତ୍ର ମଧ୍ୟ ଲୋକପ୍ରିୟ ।



### ଟେଲି ଘାଟି ବନ୍ୟ ଜୀବନ ଅଭୟାରଣ୍ୟ:

ରୋମାଞ୍ଚ ପସନ୍ଦ କରୁଥିବା ପର୍ଯ୍ୟଟକଙ୍କ ପାଇଁ ଟେଲି ଘାଟି ଏକ ଉପଯୁକ୍ତ ସ୍ଥାନ । ଟ୍ରେକିଂ ପାଇଁ ଏହା ପ୍ରସିଦ୍ଧ । ଟେଲି ଘାଟି ବନ୍ୟ ଜୀବ ଅଭୟାରଣ୍ୟ ଜିରୋଠାରୁ ୩୦ କି.ମି. ଦୂରରେ ଅବସ୍ଥିତ । ଏହି ଅଭୟାରଣ୍ୟ ବିଭିନ୍ନ ପ୍ରକାରର ବନସ୍ପତି ଓ ଜୀବଜନ୍ତୁଙ୍କ ପାଇଁ ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷଣ କରିଥାଏ । ସେଠାରେ କ୍ଲାଉଡେଡ ଚିତା ବାଘ ପରି ଦୁର୍ଲଭ ପ୍ରଜାତିର ବନ୍ୟଜୀବ ଦେଖିବାକୁ ମିଳିଥାନ୍ତି । ୩୩୭ ବର୍ଗ କି.ମିରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟ ପାର୍ଶ୍ୱରେ ପ୍ରବାହିତ ହେଉଥିବା ତିନୋଟି ନଦୀର ଦୃଶ୍ୟ ପର୍ଯ୍ୟଟକଙ୍କୁ ସୁନ୍ଦର ଅନୁଭୂତି ପ୍ରଦାନ କରିଥାଏ ।

### ଜିରୋ ଫୁଟୋ:

ଜିରୋ ଫୁଟୋ ଏକ ପାହାଡ଼, ଯେଉଁଠାରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଶାସନିକ କେନ୍ଦ୍ର ସ୍ଥାପିତ ହୋଇଥିଲା । ସେଠରେ ୧୯୬୦ ଦଶକରେ ସେନା ଛାଉଣିର ସ୍ଥାପନା କରାଯାଇଥିବା ଯୋଗୁ ସେ ସ୍ଥାନକୁ 'ଆର୍ମି ଫୁଟୋ' ବୋଲି ମଧ୍ୟ କୁହାଯାଏ । ସେ ସ୍ଥାନରୁ ପର୍ଯ୍ୟଟକମାନେ ଅପତାନୀ ପଠାର ନାମକ ସ୍ଥାନର ସୁନ୍ଦର ଦୃଶ୍ୟ ଉପଭୋଗ କରିପାରିବେ ।

### ଜିରୋ ମ୍ୟୁଜିକ୍ ଫେଷ୍ଟିଭାଲ୍:

ଜିରୋ ମ୍ୟୁଜିକ୍ ଫେଷ୍ଟିଭାଲ ଭାରତରେ ପ୍ରସିଦ୍ଧ ଅଦ୍ଭୁତ ସ୍ୱତନ୍ତ୍ର ସଙ୍ଗୀତର ଏକ ଭିନ୍ନ ପ୍ରକାର ଉତ୍ସବ । ସଙ୍ଗୀତ ଜୀବନ ଆରମ୍ଭ କରୁଥିବା ସଙ୍ଗୀତକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏହି ଫେଷ୍ଟିଭାଲ ଆରମ୍ଭ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଏହି ଫେଷ୍ଟିଭାଲରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବ୍ୟାଣ୍ଡ ପାର୍ଟିମାନେ ଭାଗ ନେଉଛନ୍ତି । ପର୍ଯ୍ୟଟକମାନେ ସଙ୍ଗୀତର ମଜା ନେବାକୁ ଯଦି ଚାହାଁନ୍ତି ତେବେ ଜିରୋ ଫେଷ୍ଟିଭାଲ ସମୟରେ ସେଠାକୁ ଯିବା ଉଚିତ୍ ।



### ପାଇନ ବଗିଚା:

ଜିରୋ ଘାଟିର ପାଇନ ଗ୍ରୋଭ ବା ପାଇନ ଗଛର ବଗିଚା ପର୍ଯ୍ୟଟକଙ୍କୁ ଆକୃଷ୍ଟ କିଥାଏ । ଏହି ସ୍ଥାନ ପୁରୁଣା ଜିରୋ ସହରଠାରୁ ପାଖାପାଖି ୩ କି.ମି ଦୂରରେ ଅବସ୍ଥିତ । ଫଟୋଗ୍ରାଫି ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ।



### କେବେ ଯିବେ:

ଜିରୋ ଘାଟିରେ ଭ୍ରମଣ କରିବାକୁ ହେଲେ ମାର୍ଚ୍ଚ ମଧ୍ୟ ଭାଗରୁ ଜୁଲାଇର ମଧ୍ୟ ଭାଗ ତଥା ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଉପଯୁକ୍ତ ସମୟ । ସେତେବେଳେ ସେଠାରେ ତାପମାନ ୧୦ରୁ ୧୫ ଡିଗ୍ରୀ ଥାଏ ।

### କିପରି ଯିବେ:

ଆସାମର କାମରୂପ ଜିଲ୍ଲାରେ ଅବସ୍ଥିତ ଗୌହାଟୀ ସବୁଠାରୁ ପାର୍ଶ୍ୱବର୍ତ୍ତୀ ବିମାନ ବନ୍ଦର ଓ ରେଲୱେ ଷ୍ଟେସନ । ସେଠାରୁ ଜିରୋ ଘାଟି ପାଖାପାଖି ୧୨ ଘଣ୍ଟାର ରାସ୍ତା । ପର୍ଯ୍ୟଟକମାନେ ବସ୍ ବା ଟ୍ୟାକ୍ସି ଦ୍ୱାରା ସେଠାରେ ପହଞ୍ଚ ପାରିବେ ।

### ମେଘନା ଗୁମ୍ଫା ମନ୍ଦିର:

ଜିରୋ ପାର୍ଶ୍ୱରେ ଅବସ୍ଥିତ ଏହି ମନ୍ଦିରଟି ଭଗବାନ ଶିଙ୍କୁ ସମର୍ପିତ । ମନ୍ଦିରରେ ପହଞ୍ଚିବାକୁ ହେଲେ ଅନେକ ସିଡ଼ି ଚଢ଼ିବାକୁ ପଡ଼ିଥାଏ । ସମୁଦ୍ର ପତ୍ତନଠାରୁ ୩୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ୫୦୦୦ ବର୍ଷର ପୁରୁଣା ମନ୍ଦିର ତା'ର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା ।



### ଡାଲୋ ମାଣ୍ଡୋ:

ହପୋଲୀଠାରୁ ୨ କି.ମି ଦୂରରେ ଥିବା ଡାଲୋ-ମାଣ୍ଡୋ ଟ୍ରେକର୍ସମାନଙ୍କ ପାଇଁ ଉପଯୁକ୍ତ ସ୍ଥାନ । ସେଠାରୁ ହାପୋଲୀ ଓ ପୁରୁଣା ଜିରୋ କ୍ଷେତ୍ରରେ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ ।



### ତାରିନ ମାଛ ଫାର୍ମ:

ଏହି ମାଛ ଫାର୍ମ ହପୋଲୀଠାରରୁ ୩.୫ କି.ମି ଦୂରରେ ଥିବା ଏକ ସୁନ୍ଦର ସ୍ଥାନ । ସେଠାରେ ଅନେକ ପ୍ରଜାତିର ସୁନ୍ଦର ମାଛ ଦେଖିବାକୁ ମିଳିଥାଏ ।




## କ'ଣ ଗର୍ଭରେ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ? ଜାଣନ୍ତୁ ଜନ୍ମ ସହ ଜଡ଼ିତ ଏହି ରହସ୍ୟ

*ସଂସାରରେ ଜନ୍ମ ନେଉଛ ମାନେ ମୃତ୍ୟୁ ସୁନିଶ୍ଚିତ । ଏହା ଜୀବନର ଏକ ଅପ୍ରିୟ ସତ୍ୟ । ମୃତ୍ୟୁ ପରେ ମଣିଷର କର୍ମ ସ୍ଥିର କରିଥାଏ କି ତାଙ୍କୁ ସ୍ୱର୍ଗ ପ୍ରପ୍ତି ହେବ ନା ନର୍କ ଭୋଗିବାକୁ ପଡ଼ିବ । ଜନ୍ମ ପରେ ମଣିଷ ଜୀବନରେ ଅନେକ ଭଲ ଓ ଖରାପ ଘଟଣଶ ଘଟିଥାଏ । ଭଲ ଘଟଣା ଯୋଗୁଁ ମଣିଷ ନିଜ ଭାଗ୍ୟକୁ ପ୍ରଶଂସା କରେ ତ' ଖରାପ ଘଟଣା ପାଇଁ ନିଜ ଭାଗ୍ୟକୁ ନିନ୍ଦା କରେ । ଏବେ ଏପରି ପ୍ରଶ୍ନ ମନକୁ ଆସେ କି, ମଣିଷର ଜନ୍ମ ପୂର୍ବରୁ ଭାଗ୍ୟର ହିସାବ-କିତାବ ସ୍ଥିର ହୁଏ ନା ଜନ୍ମ ପରେ ନିର୍ଦ୍ଧାରିତ ହୁଏ । ଜାଣନ୍ତୁ ଏହାର ଉତ୍ତର...*

**କେବେ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ?**

ପଣ୍ଡିତ ଇନ୍ଦ୍ରମଣି ଘନଶ୍ୟାଲ କହିଛନ୍ତି ଯେ, ଜୀବନର ସଙ୍କଟକୁ ଦୂର କରିବା ପାଇଁ ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ ଶହ ଶହ ନୀତି ବିଷୟରେ ବର୍ଣ୍ଣନା କରିଛନ୍ତି । ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ, ଯେକୌଣସି ମଣିଷର ଭାଗ୍ୟର ୫ଟି ଜିନିଷ ମା' ଗର୍ଭରେ ସ୍ଥିର ହୋଇଯାଏ । ଏହାକୁ କେହି ବଦଳାଇପାରିବେ ନାହିଁ ।

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, 'ବୟସ, କର୍ମ, ଧନ-ସମ୍ପତ୍ତି, ଶିକ୍ଷା ଏବଂ ମୃତ୍ୟୁ' ଏହି ୫ଟି ଜିନିଷ ମାତୃ ଗର୍ଭରେ ଥିବା ସମୟରେ ତାଙ୍କ ଭାଗ୍ୟରେ ଲେଖାଯାଇଥାଏ । ଜୀବନସାରା ଏହାକୁ କେହି ବଦଳାଇ ପାରିବେ ନାହିଁ । ଯାହାରେ ଯେତେ ବୟସ ଥିବ, ସେ ସେତିକି ବର୍ଷ ହିଁ ବଞ୍ଚିବ ।

**ମନୁଷ୍ୟର ଲକ୍ଷ୍ୟ କ'ଣ ?**

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ନିଜ ଜୀବନରେ ଧର୍ମର ମାର୍ଗ ଅନୁସରଣ କରି ଜ୍ଞାନ ଏବଂ ଧନ ଅର୍ଜନ କରିବା ଉଚିତ । ଯାହାଫଳରେ ସମାଜରେ ସେହି ବ୍ୟକ୍ତିର ସମ୍ମାନ ରହିବ । ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ଜନ୍ମ ପରେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଏହି ୪ଟି ଜିନିଷ ହାସଲ କରିବା ଉଚିତ୍ । ଧର୍ମର କାମ କରି



ବ୍ୟକ୍ତିଙ୍କୁ ଧନ-ସମ୍ପତ୍ତି ପ୍ରାପ୍ତ କରିବା ଉଚିତ୍ । ଏହା ପରେ ବିବାହ କରି ନିଜର ଗୃହସ୍ଥ ଜୀବନ ଆରମ୍ଭ କରିବା ଉଚିତ୍ । ଶେଷରେ ମୋକ୍ଷ ପାଇବା ପାଇଁ ଭଗବାନଙ୍କୁ ସ୍ମରଣ ଓ ଭଲ କାମ କରିବା ଉଚିତ୍ । ଏହିପରି ଭାବେ କୌଣସି ମଣିଷର ଭାଗ୍ୟ ତାଙ୍କ ଜନ୍ମ ପୂର୍ବରୁ ହିଁ ସ୍ଥିର ହୋଇଥାଏ ।

## ହାର୍ଟ ଆଟାକ୍ ଆସିବା ମାତ୍ରେ ନ ଡରି କରନ୍ତୁ ଏହି କାମ: ବଞ୍ଚିଯିବ ପୀଡିତାଙ୍କ ଜୀବନ

ହାର୍ଟ ଆଟାକର ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି । ପୂର୍ବରୁ ୬୦ ବର୍ଷରୁ ଅଧିକ ଲୋକ ଏହାର ଶିକାର ହେଉଥିବା ବେଳେ ଆଜିକାଲି ୧୮-୨୦ ବର୍ଷର ଯୁବପିଢ଼ି ମଧ୍ୟ ଏହାର ଶିକାର ହେଉଛନ୍ତି । ହାର୍ଟ ଆଟାକ୍ ଆସିବା ପରେ ଲୋକଙ୍କୁ ବଞ୍ଚାଇବା ପାଇଁ ମାତ୍ର କିଛି ମିନିଟ ହିଁ ମିଳିଥାଏ । ଏପରି ପରିସ୍ଥିତିରେ ଯଦି ପୀଡିତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆନଯାଏ, ତେବେ ତାଙ୍କ ଜୀବନ ଚାଲିଯାଏ । ଡାକ୍ତରଙ୍କ କହିବା ମୁତାବକ, ସାଧାରଣ ଲୋକ ଏହିପରି ଅନେକ ଟିପ୍ସ ଜାଣିବା ଉଚିତ୍, ଯାହା ରୋଗୀର ଜୀବନ ବଞ୍ଚାଇବା ପାଇଁ ତୁରନ୍ତ ବ୍ୟବହାର କରାଯାଇପାରିବ । ଆସନ୍ତୁ ଜାଣିବା କ'ଣ ରହିଛି ଟିପ୍ସ...



ହାର୍ଟ ଆଟାକ୍ ପରେ ତୁରନ୍ତ CPR ଦିଅନ୍ତୁ : ଡାକ୍ତରୀ ବିଶେଷଜ୍ଞମାନେ କହିଛନ୍ତି ଯେ, ଯଦି କାହାକୁ ହାର୍ଟ ଆଟାକ୍ ଆସିଛି, ତେବେ ପୀଡିତାଙ୍କୁ ତୁରନ୍ତ ସିପିଆର ଦେବା ଉଚିତ । ଏହି ଟେକନିକ ବ୍ୟବହାର କରି ରୋଗୀର ଜୀବନ ବଞ୍ଚାଯାଇ ପାରିବ । CPR ହେଉଛି Cardiopulmonary Resuscitation । ଯେତେବେଳେ କାହାକୁ ହାର୍ଟ ଆଟାକ୍ ଆସୁଛି , ଏହି କୌଶଳ ବ୍ୟବହାର କରି ତାଙ୍କ ଜୀବନ ରକ୍ଷା କରିପାରିବେ । ଏହା ମାଧ୍ୟମରେ ରୋଗୀଙ୍କଠାରେ ବ୍ଲଡ୍ ଏବଂ ଅକ୍ସିଜେନ ଯୋଗାଣ ଚାଲୁ ହୋଇଥାଏ ।

*CPR କିପରି ଦେବେ ?:* ଡାକ୍ତରଙ୍କ କହିବାନୁସାରେ, ଯେତେବେଳେ ବି ଜଣେ ବ୍ୟକ୍ତିଙ୍କୁ ହାର୍ଟ ଆଟାକ୍ ଆସେ, ତାଙ୍କୁ ସିଧା ତଳେ ଶୋଇବାକୁ ଦିଅ ଏବଂ ତା'ପରେ ତାଙ୍କ ପାଖରେ ଆଣ୍ଠୁ ମାଡ଼ି ବସିପଡ଼ । ଏହା ପରେ ଦୁଇ ହାତର ପାପୁଲିରେ ପୀଡିତାଙ୍କ ଛାତିକୁ ଜୋରରେ ଦବାଇବା ଆରମ୍ଭ କରନ୍ତୁ । ପ୍ରତି ମିନିଟରେ ପ୍ରାୟ ୧୦୦-୧୨୦ / ହାରରେ ଛାତି ଦବାଇଲେ, ରକ୍ତରେ ରକ୍ତ ଏବଂ ଅମ୍ଳଜାନ ଯୋଗାଣ ପୁନଃ ଆରମ୍ଭ ହେବାର ସମ୍ଭାବନା ଥାଏ । ଛାତି ଦବାଇବାବେଳେ ଏହାକୁ ଧ୍ୟାନରେ ରଖିବାକୁ ହେବ ଯେ ଏହା ଏକ ସେମି ପର୍ଯ୍ୟନ୍ତ ତଳକୁ ଯାଉଥିବ । ସିପିଆର ଦେବା ଦ୍ୱାରା ରୋଗୀର ଜୀବନ ବଞ୍ଚିଯାଏ, କିନ୍ତୁ ତାଙ୍କ ଉପରେ ବିପଦ ରହିଥାଏ । ତେଣୁ ସିପିଆର ପରେ ତୁରନ୍ତ ରୋଗୀଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରନ୍ତୁ । ଯାହାଫଳରେ ତାଙ୍କ ଆଞ୍ଜିଓଗ୍ରାଫି କରି ଅଧିକ ଚିକିତ୍ସା ଆରମ୍ଭ କରିଯାଇପାରିବ । ଅନେକ ଥର ରୋଗୀର ଶିରା ବ୍ଲକ ହୋଇଯାଏ, ସେହି କ୍ଷେତ୍ରରେ ତୁରନ୍ତ ଅସ୍ତ୍ରୋପଚାର କରିବା ଜରୁରୀ ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବଦଳିନି ଅଭ୍ୟାସ...

ବିଶ୍ୱ ବ୍ୟାପାରରେ ଆଧିପତ୍ୟ ବିସ୍ତାର ପାଇଁ ଚୀନ୍ ତାର ଦୂରଭିଳାଷ ଛାଡ଼ିନାହିଁ । ଭାରତ ସୀମାନ୍ତରେ ଅରୁଣାଚଳ ବିସ୍ତୀର୍ଣ୍ଣ ଇଲାକା ଚୀନ୍‌ର ଦଖଲରେ ରହିଛି । ଏକାଧିକ ବାର ଆମ ଦେଶ ବିରୋଧରେ ଯୁଦ୍ଧ କରି ସୁଦ୍ଧା ସେ ଦେଶର ମନ ଶାନ୍ତି ହୋଇନଥିବା ଗଲୱାନ୍ ଘାଟି ଉପରେ ଆକ୍ରମଣରୁ ପ୍ରମାଣିତ ହୋଇଛି । ଆମର ବୀର ଯବାନମାନେ ପ୍ରତିକୂଳ ପରିସ୍ଥିତିରେ ଜାଗ୍ରତ ପ୍ରହରୀ ଭାବେ ସୀମାନ୍ତକୁ ଜଗି ରହିଛନ୍ତି । ଲେହଲଦାଖ ହେଉ କି ଗଲୱାନ୍ ଘାଟି, ସବୁକ୍ଷେତ୍ରରେ ଉ ଜନା ଲାଗିରହୁଛି । ପ୍ରତିବେଶୀ ଦେଶ ଏପଟେ ପାକିସ୍ତାନ, ସେପଟେ ଚୀନ୍ ଆମ ସୀମାନ୍ତରେ ମୁହାଁମୁହିଁ ସ୍ଥିତି ଜାରି ରହିବା ଚାହୁଁଥିବାର ବହୁବାର ପ୍ରମାଣିତ । ବିସ୍ତାରବାଦ ହେଉଛି ଚୀନ୍‌ର ବିଦେଶ ନୀତିର ଆଧାରଶିଳା । ଅନ୍ୟ ରାଷ୍ଟ୍ରର ମାମଲାରେ ମୁଣ୍ଡ ଖେଳାଇବା ଓ ତାର ସୀମାନ୍ତ ଅତିକ୍ରମ କରି ନିଜ ଇଲାକାରେ ମିଶାଇବା ଭଳି ନୀତି ପୁରୁଣା ଖୋଇ ହୋଇ ରହିଆସିଛି । ଏହାର ତାଜା ଉଦାହରଣ ରୂପେ ତାଇୱାନ୍ ପ୍ରସଙ୍ଗକୁ ନିଆଯାଇପାରେ । ୨୦୨୦ର ଗଲୱାନ ଘାଟିରେ ଘନଘନ ଅନୁପ୍ରବେଶ ଫଳରେ ଉଭୟ ପକ୍ଷର ସୈନ୍ୟ ମୃତାହତ ହେଲେ । ଭାରତୀୟ ଯବାନମାନେ ଚୀନା ପିପୁଲସ ଆର୍ମିକୁ ହଟାଇଦେଲେ । ସଂଘର୍ଷରେ ଚୀନ୍‌ର ବହୁ ସୈନ୍ୟ ମୃତାହତ ହୋଇଛନ୍ତି ଏବଂ ଭାରତର କିଛି ଊଣା କ୍ଷୟକ୍ଷତି ହୋଇନାହିଁ । କ୍ଷତଚିହ୍ନ କ । ଥିବା ଭିତରେ ପୁଣି ଚୀନ୍ ଓ ଭାରତ ସୈନ୍ୟମାନେ ମୁହାଁମୁହିଁ ହୋଇଛନ୍ତି । ଆମ ଦେଶ ନେଇ ଚୀନ୍‌ର ଆଭିମୁଖ୍ୟରେ ଆଖିଦୃଶିଆ ପରିବ ନ ଆସିନାହିଁ । ତାହାରି ଭିତରେ ଚୀନ୍ ସହ ଆମ ଦେଶ ପକ୍ଷରୁ ଏକାଧିକ ସାମରିକ ଅଧିକାରୀ ସ୍ତରରେ ବୈଠକ ବସିଛି । କିନ୍ତୁ ଫଳ କିଛି ହେଉଛି, ସମସ୍ତେ ଦେଖୁଛନ୍ତି । ଗଲୱାନ୍ ସଂଘର୍ଷ ପରେ ପ୍ରଥମ କରି ଭାରତ-ଚୀନ୍ ସାମରିକ ସଂଘର୍ଷ ପୁରୁଣା କ୍ଷତକୁ ଉଖାରି କ । କରିବା ଭଳି ହୋଇଛି । ଉଭୟପଟର ସୈନ୍ୟ ପଛକୁ ହଟିବା ପରେ ପୁଣି ସଂଘର୍ଷ ହୋଇଛି । ୩୦୦ ଚୀନା ସୈନ୍ୟଙ୍କୁ ଘଉଡ଼ାଇ ଦିଆଯାଇଛି । ଆମ ଦେଶର ଛଅ-ସାତ ଜଣ ଆହତ ଯବାନଙ୍କୁ ଗୁଆହାଟି ଡାକ୍ତରଖାନାରେ ଭ କରାଯାଇଛି । ୨୦୨୦ ଜୁନ ମାସରେ ଲଦାଖର ଗଲୱାନ ଘାଟିରେ ଯେଉଁ ରକ୍ତାକ୍ତ ସଂଘର୍ଷ ହୋଇଥିଲଶ, ସେଥିରେ ୨୦ ଯବାନ ମରିଥିଲେ ଏବଂ ଅନେକ ଆହତ ହୋଇଥିଲେ । ଚୀନ୍‌ର ୩୮ ସୈନ୍ୟ ପ୍ରାଣ ହରାଇଥିବା ବେଳେ ଅସଲ ସଂଖ୍ୟା ଲୁଚାଯାଇଥିଲା । କୁହାଗଲା ଯେ, ମାତ୍ର ୪ ଜଣ ମରିଛନ୍ତି । ଏବେ ସଂଘର୍ଷର ଅଢ଼େଇ ବର୍ଷ ପରେ ଚୀନ୍ ତାର ପୁରୁଣା ଖୋଇ ଦୋହରାଇଛି । ସେଥିପାଇଁ ଭାରତକୁ ପୂର୍ବୋ ର କ୍ଷେତ୍ରରେ ବ୍ୟାପକ ସେନା ମୁତୟନ କରି ରଖିବାକୁ ପଡୁଛି । ଭାରତ ସରକାର ୪୦,୦୦୦ କୋଟି ବ୍ୟୟରେ ନିର୍ମାଣ କରୁଛନ୍ତି ଫ୍ର ୟର ହାଇୱେ । ଅରୁଣାଚଳ ପ୍ରଦେଶରେ ଚୀନା ଅନୁପ୍ରବେଶକୁ ରୋକାଯିବାରେ ଏହି ସୀମାନ୍ତ ରାଜପଥ ସହାୟକ ହେବ । ଯଦି ଚୀନ୍ ତାର ବୈରତାପୂର୍ଣ୍ଣ ଆଚରଣ କରୁନଥାନ୍ତା, ଆମର ପ୍ରତିରକ୍ଷା ବ୍ୟୟ ଏଭଳି ଅବାଞ୍ଛିତ ବୃଦ୍ଧି ପାଇବାରୁ ରକ୍ଷା ପାଇପାରିଥାନ୍ତା । ଚୀନ୍ ଓ ପାକିସ୍ତାନ ଆମର ପ୍ରତିବେଶୀ ଦେଶ ସତ, କିନ୍ତୁ ସେମାନଙ୍କର ଆଚରଣରେ କିଛି ତାଳମେଳ ରହୁନାହିଁ । କଥାରେ ଅଛି; ଭଲ୍ଲୁକ ସଙ୍ଗେ କଲେ ଭାବ, ଅବଶ୍ୟ ରାମ୍ପୁଡ଼ା ପାଇବ । ପାକିସ୍ତାନ ନିଜ ଦେଶ ଭିତରେ ଯାବତୀୟ ସମସ୍ୟା ଓ ଆର୍ଥିକ ସଂକଟରେ ବୁଡ଼ି ରହିଛି । ସେଥିପାଇଁ ପ୍ରତିକଥାରେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ କାଶ୍ମୀର ଓ ପାକ୍ ଅଧିକୃତ କାଶ୍ମୀର ଉପରେ ଲୋଲୁପ ଦୃଷ୍ଟି ପକାଉଛି । ଆତଙ୍କବାଦୀ ଅନୁପ୍ରବେଶ ଘଟାଇ ଭାରତୀୟ ସୁରକ୍ଷା ବାହିନୀକୁ ଚାଲେଞ୍ଜ କରୁଛି ପାକିସ୍ତାନ । ଆତଙ୍କବାଦୀ ଗୋଷ୍ଠୀ ମଧ୍ୟ ସେ ଦେଶର ପୂରା ନିୟନ୍ତ୍ରଣରେ ନାହାଁନ୍ତି । ସାମରିକ ବାହିନୀ ସେ ଦେଶର ସର୍ବକ୍ଷମତାଶାଳୀ । ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ କୁହାଯାଉଥିବା ସରକାର ପାକ୍ ସେନା ହାତରେ ସଖୀ କଣ୍ଢେଇ ଭଳି । ତେଣୁ ଚୀନ୍ ଯାହା କହିବ ତାକୁ ଅମାନ୍ୟ କରିବାର ଯୁ ' ପାକ୍ ପାଖରେ ନାହିଁ । କ ।ବାଡ଼ରେ ଲୁଗା ପକାଇ କଳି କରିବା ନ୍ୟାୟରେ ଉଭୟପଟୁ ଭାରତ ସମସ୍ୟାରେ ରହୁଛି । ଭାରତର ବୈଦେଶିକ ନୀତି ଖୁବ୍ ସ୍ୱଷ୍ଟ । ଶତ୍ରୁପକ୍ଷର ଜବାବ ଦେବାକୁ ଆମେ ପଛାଇବୁ ନାହିଁ, ମାତ୍ର ମିତ୍ରତାର ହାତ ବଢ଼ାଉଥିବା ପ୍ରତିପକ୍ଷଙ୍କୁ ଅଣଦେଖା କରିବୁ ନାହିଁ । ଆମ ବିଦେଶ ନୀତିରେ ସ୍ୱଷ୍ଟତା ବିଶ୍ୱ ସ୍ତରରେ ସମ୍ମାନ ପାଇବାରେ ଲାଗିଛି । ମିଳିତ ଜାତିସଂଘର ସନନ୍ଦ ଅନୁରୂପ ଭାରତର ବିଦେଶ ନୀତି ବସୁଧୈବ କୁଟୁମ୍ବକମ୍ ଉପରେ ଆଧାରିତ ଥିବାରୁ ତାହା ବିଶ୍ୱସ୍ତରୀୟ ମାନ୍ୟତା ପାଇପାରିଛି ।

## ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବୁ କାହା ଘେନି...



ଡ. ରାଜକିଶୋର ମିଶ୍ର

କୃଷିଭିତ୍ତିକ ଉତ୍କଳୀୟ ସଭ୍ୟତାରେ ପର୍ବପର୍ବାଣୀର ସ୍ଥାନ ସ୍ୱତନ୍ତ୍ର । ମାର୍ଗଶୀର ମାସରେ ଲକ୍ଷ୍ମୀପୂଜା ବା ମାଣବସା ଅବସରପରେ ପୌଷମାସର ଆରମ୍ଭରେ ଚାଷୀମାନେ ପରମ ଆନନ୍ଦରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ଖଳାବାଡ଼ିରୁ ଆଦରକରି ଗୃହ ପ୍ରାଙ୍ଗଣକୁ ନେଇଥାନ୍ତି । ସଂଯୋଗ ବଶତଃ ଏହି ସମୟରେ ଆଖୁ ଅମଳ ମଧ ସରିଥାଏ । ତେଣୁ ସର୍କରାଯୁକ୍ତ ମିଶ୍ରିତ ପ୍ରସାଦରେ ତିଆରି ହୋଇଥିବା ମୁଆଁ ବା ଉଖୁଡ଼ା ଗୃହର ଆରାଧ୍ୟଦେବତା ଓ ଧନଲକ୍ଷ୍ମୀଙ୍କ ପାଖରେ ନୈବେଦ୍ୟ ଅର୍ପଣ କରାଯାଇଥାଏ । ଅମାବାସ୍ୟା ଓ ପୂର୍ଣ୍ଣିମାକୁ ଧରି ଚନ୍ଦ୍ରଙ୍କ କଳାର କ୍ଷୟ ବୃଦ୍ଧି ସହିତ ଚାନ୍ଦ୍ରମାନ ଓ ସଂକ୍ରାନ୍ତି କଳାରେ ଓ ସୌରମାନ ମାସ ଆମର ପଞ୍ଜିକାରେ ଅନ୍ତର୍ଭୁକ୍ତ । ''ଧନୁ ମାସ ହେଲା ହନୁ ନଚଳିଲା କହିବାକୁ ବଡ଼ ଲାଜ, ମୁଁ ଆଁ କରିଅଛି, ମୁଆଁ ଖାଇବାକୁ ଆଜ୍ଞା ହେଉ ମହାରାଜ ।'' ଉତ୍କଳଘଣ୍ଟହାସ୍ୟରସିକ କବି ଯଦୁମଣିଙ୍କର ରାଜନଙ୍କୁ ଏ ଉକ୍ତି ସୂଚୀତ କରେ, ଧନୁ ବା ପୌଷ ମାସରେ ଧନୁ ମୁଆଁ ଖାଇବା ସତେ ଯେପରି ଏକ ବୈଧାନିକ ବ୍ୟବସ୍ଥା, ଏବଂ ତହିଁରେ ବ୍ୟତିକ୍ରମ ହେତୁ କବିଙ୍କର ଏ ଖେଦ ! ପୁଷ ମାସରେ ଧାନ ଅମଳ ପରେ 'ଉଖୁଡ଼ା' ବା 'ମୁଆଁ'ର ପ୍ରସ୍ତୁତି ଓଡ଼ିଶୀ ଚଳଣିର ଏକ ବିଶେଷତ୍ୱ ଧନୁ ସଂକ୍ରାନ୍ତୀର ପ୍ରସିଦ୍ଧ ମୁଆଁ ଭୋଗ ପାଇଁ । ଏହି କ୍ରମରେ ଧନୁସଂକ୍ରାନ୍ତି ଡିସେମ୍ବର ୧୫ ବା ୧୬ ତାରିଖରେ ପଡୁଥିବାରୁ ଏହା ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ ଅର୍ନ୍ତଭୁକ୍ତ । ଏହି ଦିବସଠାରୁ ପୁରୀ ଶ୍ରୀମନ୍ଦିରେ ଶ୍ରୀ ଜଗନ୍ନାଥଙ୍କ ପହିଲି ଭୋଗ ଆରମ୍ଭ ହୋଇ ଉତ୍ତରାୟଣ ସଂକ୍ରାନ୍ତି ଜାନୁୟାରୀ ୧୪ ତାରିଖରେ ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । ସୂଚନାଯୋଗ୍ୟ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କର କର୍କଟ ସଂକ୍ରାନ୍ତି ଜୁଲାଇରେ ଦକ୍ଷିଣାୟନ ବନ୍ଦପନା ଓ ମକର ସଂକ୍ରାନ୍ତି ଜାନୁୟାରୀରେ ଉତ୍ତରାୟଣ ବନ୍ଦାପନା ହୋଇଥାନ୍ତି । ଜ୍ୟୋର୍ତିବିତ୍‌ଙ୍କ ମତରେ ଧନୁ ସଂକ୍ରାନ୍ତିରୁ ଧନୁ ରାଶିର ଆର୍ବିଭାବ ସମ୍ପର୍କରେ କୁହାଯାଇଛି ପୌଷ ମାସର ଧନୁ ସଂକ୍ରାନ୍ତି ରାତ୍ରି ଘ୪/୨୨ ମିନିଟ୍ ସମୟେ ସଂକ୍ରମଣାତ୍ ପରଦିନ ବୁଧବାର ସୂର୍ଯ୍ୟୋଦୟ ଠାରୁ ଦିବାର୍ଦ୍ଧ ମଧ୍ୟେ ପୁଣ୍ୟକାଳ । କେବଳ ସେତିକି ନୁହେଁ, ପୌଷମାସର ଶୀତ ପ୍ରଭାତରେ ପ୍ରଭାତୀ ଧୂପ ଖେଚୁଡ଼ୀର ବ୍ୟବସ୍ଥା କେବଳ ଶ୍ରୀକ୍ଷେତ୍ରସ୍ଥ ଶ୍ରୀମନ୍ଦିର କାହିଁକି, କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ବଳଦେବଜୀଉ ଓ ଅନ୍ୟାନ୍ୟ ଦେବମନ୍ଦିର ତଥା ମଠବାଡ଼ିମାନଙ୍କରେ ଖଞ୍ଜା ଯାଇଛି । ଜଗନ୍ନାଥ ତ ଆମ ଓଡ଼ିଶୀ ସଂସ୍କୃତିର ପ୍ରତୀକ । ସେ ବଡ଼ ଭୋଗଲାଳସୀ । ପ୍ରସାଦର ଉପଭୋଗକୁ ଆମେ 'ଭୋଗ' କହିଥାଉଁ । ଏହି ଖାଦ୍ୟଦ୍ରବ୍ୟ ପ୍ରତି ଗୁରୁତ୍ୱ ଦେବା ମୂଳରେ ଉପନିଷଦର 'ଅନ୍ନ ହିଁ ବ୍ରହ୍ମ' ବାଣୀ ଯେ ଉଦ୍‌ଘୋଷିତ ଏଥିରେ ସନ୍ଦେହ ନାହିଁ । କାରଣ ଭାଗବତରେ ଉକ୍ତି ହେଉଛି - ''ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବୁ କାହା ଘେନି ।'' ତେଣୁ ''ଅନ୍ନର ମୂଳେ ଏ ଜଗତ, ସର୍ବଦା ହୋଏ ଆତଯାତ'' ଉକ୍ତି ପ୍ରଣିଧାନ ଯୋଗ୍ୟ



ଏବଂ ଏତଦ୍‌ଦୃଷ୍ଟେ ଧନୁମୁଆଁର ଗୁରୁତ୍ୱ ବର୍ଷକ ମଧ୍ୟରେ ଧନୁସଂକ୍ରାନ୍ତିକୁ ହିଁ ସ୍ମରଣୀୟ କରି ରଖିଅଛି ।

ହିନ୍ଦୁ ପୁରାଣ ଅନୁଯାୟୀ ସୂର୍ଯ୍ୟଦେବ ଯେଉଁ ଦିନ ଧନୁରାଶିରେ ପ୍ରବେଶ କରନ୍ତି ସେହି ଦିନଟିକୁ ଧନୁ ସଂକ୍ରାନ୍ତି କୁହାଯାଏ। ଭକ୍ତମାନେ ପବିତ୍ର ନଦୀ ମାନଙ୍କରେ ସ୍ନାନ କରି ସୂର୍ଯ୍ୟଦେବଙ୍କର ପୂଜାର୍ଚ୍ଚନା କରିଥାନ୍ତି। କଥାରେ ଅଛି ଯେଉଁ ବ୍ୟକ୍ତି ସେ ଦିନ ସ୍ନାନ କରିଥାଏ ତାର ସମସ୍ତ ପାପ ଖଣ୍ଡନ ହୋଇଥାଏ। ସେ ଦିନ ଜଗନ୍ନାଥଙ୍କ ନିକଟରେ ଏକ ବିଶେଷ ପୂଜାର ଆୟୋଜନ କରାଯାଏ। ସୂର୍ଯ୍ୟଦେବଙ୍କୁ ମଧ ଏହି ଦିନ ପୂଜା କରାଯାଏ। ଧନୁ ସଂକ୍ରାନ୍ତି ପୂଣ୍ୟକଳା ଓ ଧନୁ ସଂକ୍ରାନ୍ତି ମହାପୂଣ୍ୟ କଳାର ଏକ ନିର୍ଦ୍ଧିଷ୍ଟ ସମୟ ରହିଛି। ତେଣୁ ସମୟ ଅନୁସାରେ ଏହା ପାଳନ କରାଯାଏ। ପୌଷ୍ୟମାସକୁ ଓଡ଼ିଶାରେ ଏକ ପ୍ରାଚୁର୍ଯ୍ୟର ମାସ ଭାବେ ପାଳନ କରାଯାଏ। କାରଣ ଏହି ସମୟରେ କଠିନ ପରିଶ୍ରମ କରି ଶସ୍ୟ ଅମଳ କରାଯାଇଥାଏ। ଧନୁ ସଂକ୍ରାନ୍ତିରେ ଖଇ/ଲିଆରେ ତିଆରି ସୁମିଷ୍ଟ ଧନୁ ମୁଆଁ ଜଗନ୍ନାଥଙ୍କ ନିକଟରେ ଭୋଗ ଲାଗି କରାଯାଇଥାଏ। ଏହାକୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଧରି ପାଳନ କରାଯାଇଥାଏ। ପୌଷମାସରେ କୌଣସି ପବିତ୍ର କାର୍ଯ୍ୟ କରାଯାଇନଥାଏ। ଯଥା ବିବାହ, ର୍ନିବନ୍ଧ ଘର ପ୍ରତିଷ୍ଠା, ବ୍ରତଉପନୟନ ପ୍ରଭୃତି ମାଙ୍ଗଳିକ କାର୍ଯ୍ୟ କରାଯାଇ ନଥାଏ। ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପହଲିଭୋଗ ଲାଗି ହୋଇଥାଏ। ପ୍ରବାଦ ଅଛି ସେହି ସମୟରେ ତାଙ୍କର ପିତୃ ଆଳୟକୁ ଯାତ୍ରା କରିଥାନ୍ତି ତେଣୁ ଜଗନ୍ନାଥଙ୍କର ମାତା ପ୍ରତ୍ୟୁଷରୁ ପହିଲି ଭୋଗ ପ୍ରସ୍ତୁତ କରି ଜଗନ୍ନାଥଙ୍କୁ ଖୁଆଇଥାନ୍ତି। ବରଗଡ଼ ସହରରେ ଧନୁଯାତ୍ରା ପୃଥିବୀ ପ୍ରସିଦ୍ଧ। ଏଗାର ଦିନଟିକୁ ବରଗଡ଼ବାସୀ ବରଗଡ଼ ସହରକୁ ଦ୍ୱାପରା ଯୁଗର ମଥୁରା ଭାବେ ସଜ୍ଜିତ କରିଥାନ୍ତି। ସେ ଦିନ ମୁକ୍ତିମଞ୍ଚରେ କୃଷ୍ଣଙ୍କର ଜୀବନକୁ ନାଟକ ଭାବେ ପରିବେଶବିତ୍ କରାଯାଏ। କୃଷ୍ଣ ମଥୁରାକୁ କଂସ ଦ୍ୱାରା ଆୟୋଜିତ ଧନୁଯାତ୍ରା ଦେଖିବା ପାଇଁ ଯାଇଥିବା ନାଟକକୁ ଉପସ୍ଥାପନା କରାଯାଇଥାଏ। ଧନୁଯାତ୍ରା ଦିନ କୃଷ୍ଣ ବଳରାମଙ୍କୁ ମାରିବା ଉଦ୍ଦେଶ୍ୟରେ କଂସ ଧନୁଯାତ୍ରା ଦେଖିବା ପାଇଁ ଅକ୍ରୁର ହାତରେ ନିମନ୍ତ୍ରଣ କରିଥିଲେ।

ଧନୁ ଯାତ୍ରାକୁ ଭଲର ମନ୍ଦ ଉପରେ ବିଜୟର ଦିବସ ରୂପେ ପାଳନ କରାଯାଏ। ସେହିଦିନ ଶ୍ର1କୃଷ୍ଣ ଦେବକୀ ବସୁଦେବଙ୍କୁ ବନ୍ଦୀଶାଳରୁ ମୁକ୍ତ କରିଥିଲେ ଓ କଂସ ବଧ କରି ମଥୁରାବାସୀଙ୍କୁ ଆଶ୍ୱସ୍ତ କରିଥିଲେ। ଆଧାତ୍ମିକ ଦୃଷ୍ଟିକୋଣରୁ ଦେଖିଲେ ମନୁଷ୍ୟ ଏହି ଦିନ ତାର ଭିତରେ ଥିବା ସମସ୍ତ କଳୁଷିତ ଯଥା ଷଡ଼ରିପୁ (କାମ, କ୍ରୋଧ, ଲୋଭ, ମୋହ, ମଧୁ, ମାତ୍ସାର୍ଯ୍ୟ) ଉପରେ ବିଜୟ ଲାଭ କରିବା ପାଇଁ ସଂକଳ୍ପବଦ୍ଧ ହେବା ଉଚିତ ଏବଂ ହୃଦୟରେର କୃଷ୍ଣରୂପୀ ଜଗନ୍ନାଥଙ୍କୁ ଅବସ୍ଥାନ କରାଇବା ଉଚିତ। ଯେଉଁଠାରେ ଭଗବାନ ନିଜର ସ୍ୱରୂପରେ ପ୍ରକଟିତ ହୁଅନ୍ତି ସେଠାରେ ଦୁଃଖ ଦୁର୍ଦ୍ଦଶା ରହେନାହିଁ ଶାନ୍ତି ଓ ସମୃଦ୍ଧି ବିରାଜମାନ କରିଥାଏ। ମନୁଷ୍ୟ ସଂସାରୂରପକ ବନ୍ଦୀଶାଳାରୁ ମୁକ୍ତିପାଏ। ତେଣୁ ଧନୁଯାତ୍ରା ଓଡ଼ିଆ ମାନଙ୍କର ଏକ ପ୍ରଧାନପର୍ବ ଯାହାକୁ କି ଭକ୍ତି ଓ ଶରଣାଗତି ଦିବସ ଭାବେ ପ୍ରତ୍ୟେକ ଓଡ଼ିଆମାନେ ପାଳନ କରିବା ଉଚିତ। ଏହା ମଧ ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଶ୍ରୀଜଗନ୍ନାଥଙ୍କ ନିକଟରେ କୃଷିର ଉନ୍ନତି ନିମନ୍ତେ ପ୍ରାର୍ଥନା କରାଯିବା ଉଚିତ।


♥ପୂର୍ବତନ ସମ୍ପାଦକ,
ଶ୍ରୀସତ୍ୟସାଇ ବିଦ୍ୟାଳୟ,
କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ମୋ : ୭୦୦୮୧୮୧୮୨୦


## ଭିତର କନିକା ଇକୋ-ରିଟ୍ରିଟ୍ ମିଳିବ ଆମାଜନର ଅନୁଭୂତି



ଗୋପୀନାଥ ଦାଶ

ଇତିମଧ୍ୟରେ ରାଜ୍ୟର ୭ଟି ସ୍ଥାନ ଆରମ୍ଭ ହୋଇଛି ଇକୋ ରିଟ୍ରିଟ। ଚଳିତବର୍ଷ ଆକର୍ଷଣ ସାଜିବ ଭିତରକନିକା ଇକୋ ରିଟ୍ରିଟ ସେଣ୍ଟର। ଏଠାରେ ଆମାଜନର ଅନୁଭୂତି ସାଉଁଟିବେ ପର୍ଯ୍ୟଟକ। ପେଣ୍ଠ ବେଳାଭୂମିରେ ଆରମ୍ଭ ହେବାକୁ ଥିବା ଇକୋ ରିଟ୍ରିଟର ପ୍ରବେଶ ପଥକୁ ଆକର୍ଷଣୀୟ ଭାବେ ସଜାଯାଇଛି। କୃତ୍ରିମ ଝରଣା ସହ କଇଁଛ, ହରିଣ ଦେଶୀ ବିଦେଶୀ ପକ୍ଷୀ, ମୟୂର ଓ ବଉଳା କୁମ୍ଭୀର ଦେଖିବାକୁ ପାଇବେ ପର୍ଯ୍ୟଟକ। ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଭିତରକନିକା ଜାତୀୟ ଉଦ୍ୟାନ ସ୍ୱତନ୍ତତା ନିଆରା। ଜୈବ ବିବିଧତାରେ ଭରପୁର ଭିତରକନିକାରେ ଏଥର ନିଆରା ଅନୁଭୂତି ସାଉଁଟିବେ ପର୍ଯ୍ୟଟକ। ପର୍ଯ୍ୟଟନ ଋତୁରେ ପ୍ରକୃତିପ୍ରେମୀ ଭିତରକନିକା ପରିଭ୍ରମଣ ଓ ଜଳଯାତ୍ରା କରିବାର ନିଆରା ମଜା ନେବେ। ଚଳିତ ଥର ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ ୨୫ଟି ବିଳାସପୂର୍ଣ୍ଣ କଟେଜ ସହିତ ଷ୍ଟାର ହୋଟେଲ ମଧ ରହିଛି। ଭିତରକନିକାର ପ୍ରାକୃତିକ ଶୋଭାରାଜିର ମଜା ସାଙ୍ଗକୁ ରାତିରେ



ବିଳାସପୂର୍ଣ୍ଣ କଟେଜର ରହିବା ଓ ନାଚଗୀତରେ ମଜିବା ସହ ବୈତରଣୀ ନଦୀ କୂଳରେ ସେଲପି ଜୋନରେ ଫଟୋ ଉଠାଇବାର ସୁବିଧା ରହିଛି। ପର୍ଯ୍ୟଟକଙ୍କୁ ଜଳପଥ ଓ ସ୍ଥଳପଥରେ ପରିଭ୍ରମଣ କରିବାର ସୁଯୋଗ ରହିଛି। ସକାଳ ଜଳଖିଆରୁ ଆରମ୍ଭ କରି ରାତ୍ରି ଭୋଜନ ପର୍ଯ୍ୟନ୍ତ ମେନ୍ୟୁରେ ରହିଛି ସୁସ୍ୱାଦୁ ଖାଦ୍ୟର ତାଲିକା ରହିଛି। ବର୍ତ୍ତମାନ ସୁଦ୍ଧା ୫୦ ପ୍ରତିଶତ କଟେଜ ବୁକିଂ ହୋଇଥିବାବେଳେ ଆଗକୁ ଆହୁରି ବଢ଼ିବାର ଆଶା ରହିଛି। ପ୍ରିମୟମ କଟେଜରେ ଅଧିକ ବୁକିଂ ଆସୁଛି। କୁମ୍ଭୀର, ଚଢ଼େଇ ସାଜିବେ ମୁଖ୍ୟ ଆକର୍ଷଣ ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ କ୍ରୋକୋଡାଇଲ ସ୍କଟିଂ ସହିତ ନେଚର ଟ୍ରେଲ ମଧ ରହିଛି। ସାଧାରଣତଃ ଲୋକମାନେ ଚିଡ଼ିଆଖାନାରେ କମ ସଂଖ୍ୟାରେ କୁମ୍ଭୀର ଦେଖିଥାନ୍ତି। କିନ୍ତୁ ଏଠାରେ ବୋଟରେ ପାଣି ଭିତରକୁ ଯାଇ ଚାରିପଟେ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଏକା ସାଙ୍ଗରେ ବହୁ ସଂଖ୍ୟାରେ କୁମ୍ଭୀର ଦେଖିବାର ନିଆରା ଅନୁଭୂତି ମିଳିବ।

ଜଙ୍ଗଲ ଭିତରେ ନ୍ୟାସନାଲ ପାର୍କର କୋର ଏରିଆ ଭିତରକୁ ମଧ ପ୍ରବେଶ କରିବାର ସୁଯୋଗ ରହିଛି। ସେଠାରେ ୬ରୁ ୫ କିମି ଚଲାପଥ ରହିଛି। ହେନ୍ତାଳ ବଣ, ହରିଣ, ଗୋଧି ସାଙ୍ଗକୁ ଆଠ ପ୍ରକାର କିଙ୍ଗ ଫିସର ଦେଖିବା ପାଉଛନ୍ତି ପର୍ଯ୍ୟଟକ। ତେବେ ପୃଥିବୀରେ ୩୦ ପ୍ରକାର କିଙ୍ଗଫିସର ରହିଥିବାବେଳେ ସେଥିରୁ ୧୨ଟି ଇଣ୍ଡିଆରେ ଦେଖାଯାଏ ଏବଂ ୧୨ ମଧ୍ୟରୁ ୮ଟି କିଙ୍ଗଫିସର ଭିତରକନିକାରେ ଦେଖାଯାଏ। ବେଳାଭୂମିରେ ହଟ ଏୟାର ବେଲୁନ ଏବଂ ଜିପ ପାରାସେଲିଂ। ଭିତରକନିକା ଇକୋ ରିଟ୍ରିଟକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବେଳାଭୂମିରେ ବିଚ ଭଳି ବଲ ଓ ଏଟିଭି ବ୍ୟବସ୍ଥା କରାଯିବାକୁ ଯୋଜନା ରହିଛି। ଏହାସାଙ୍ଗକୁ ହଟ ଏୟାର ବେଲୁନ ଓ ପାରାସେଲିଂର ମଜା ନେଇପାରିବେ ପର୍ଯ୍ୟଟକ। ଏଥିପାଇଁ ମଧ ଯୋଜନା ରହିଛି। ଓଡ଼ିଶାର ସୌନ୍ଦର୍ଯ୍ୟମୟ ପ୍ରାକୃତିକ ପରିବେଶ ବାହାର ପର୍ଯ୍ୟଟକ ମାନଙ୍କୁ ସବୁବେଳେ ଓଡ଼ିଶାକୁ ଟାଣିଥାଏ। ଏହାଦ୍ୱାରା ଓଡ଼ିଶାର ପ୍ରାକୃତିକ ସମ୍ପଦ ସାର୍ବଜନୀନ ହୋଇଥାଏ ଏବଂ ସରକାର ରାଜସ୍ୱ ପାଇବା ସହ ସ୍ଥାନୀୟ ଅଧିବାସୀ ଓ ବ୍ୟବସାୟ ପ୍ରତିଷ୍ଠାନମାନେ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହୋଇଥାନ୍ତି। ତେବେ ମହିଳା ସ୍ୱୟଂ ସହାୟକ ସଂଗଠନମାନେ ଯଦି ସେମାନଙ୍କର ସ୍ଥାନୀୟ ଅଞ୍ଚଳର ଉତ୍ପାଦିତ ସାମଗ୍ରୀ ଇକୋ ରିଟ୍ରିଟ କେନ୍ଦ୍ର ପାଖରେ ପ୍ରଦର୍ଶନ କରିବାର ସୁଯୋଗ ପାଆନ୍ତେ ତାହାହେଲେ ବିକ୍ରିବଟା ବୃଦ୍ଧି ପାଆନ୍ତେ ଓ ସେମାନେ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେବା ସହ ସେମାନଙ୍କ କଳାନୈପୁଣ୍ୟ ବାହାରରେ ପ୍ରଦର୍ଶିତ ହେବାର ସୁଯୋଗ ମଧ ମିଳନ୍ତା। ସେହିପରି ଅତିଥିଦେବୋଭବ ମହାମନ୍ତ୍ରକୁ ସ୍ଥାନୀୟ ଅଧିବାସୀମାନେ ଗ୍ରହଣ କରି ଆମ ଅଞ୍ଚଳକୁ ଆସୁଥିବା ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ସେବା ଓ ଭଲ ପାଇବା ପ୍ରଦାନରେ ଯେପରି କାର୍ପଣ୍ୟ ନହୁଏ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଉତ୍ତରଦାୟୀ କର୍ତ୍ତବ୍ୟ ରହିଛି।


♥କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ : ୮୮୯୫୨୯୬୧୬୭





### ଦେଖ ନିଜର ଦୋଷ

ସୁଧାକର ରାଉତ

ଆମରି ଗାଁ ର ନରିଆ ଅଜା
କଥାଟି ତାଙ୍କର ଲାଗଇ ମଜା
ମାତ୍ର ଆଇକୁ ସେ ଗରଗର ହୋଇ
କହନ୍ତି ତୋର ନାହିଁ ଜମା ଭେଜା ।

ଖବର କାଗଜକୁ ନିତି ଦିନ
ପଢ଼ନ୍ତି ଲଗାଇଣ ଏକ ଧ୍ୟାନ
ଚଷମାଟିକୁ ସେ ଆଖିରେ ଲଗାଇ
କୁଆଡେ ନରଖି ନିଜର ମନ ।

ଦିନେ ସକାଳେ ମୋର ବହି ଧରି
ପଢୁଥିଲି ପାଠ ଯତନ କରି
ଶୁଣିଲି ଅଜା କହୁଛନ୍ତି ଆଇକୁ
ମୋ ଚଷମା କିଏ କରିଲା
ଚୋରୀ।

ଇଏ କିସ କଥା କହନ୍ତି ଆଇ
ତମେ ତାକୁ ଥିବ ନିଶ୍ଚେ ହଜାଇ
ମୁଁ ପରା ଖୋଜିଲି ଘର ଓ ବାହାର
କୁହ କ'ଣ କଲ ମନ ପକାଇ ।

ଅଜା ଏହା ଶୁଣି ବହୁତ ରାଗି
କହିଲେ ଚଷମା ଦିଅମୋ ବେଗି
ଜିନିଷ ମୋହର ସଜାଡି ନ ଜାଣି
କହୁଛ ମୁଁ ଭାରି ପତି ସୁଆଗି ।

ପାଟି ଶୁଣି ସେଠିକି ଗଲି ଧାଇଁ
ପଚାରିଲି ଅଜା ରାଗିଛ କାହିଁ
ମୋର ଚଷମାଟା ହଜାଇ ତୋ ଆଇ
କହୁଅଛି ମୋର ଦୋଷ ତ ନାହିଁ ।

ମୁଁ କହିଲି ଅଜା ତୁମ ଚଷମା
ତୁମେ କି ଆଇ ହଜାଇନ ଜମା
ତୁମର ଚଷମା ତୁମେ ଲଗାଇଚ
ଆଇ କୁ ଚ ଳ ମାଗହେ କ୍ଷମା ।

ଅଜାଙ୍କ ମୁହଁ ଟା ଗଲା ଝାଉଁଳି
କହିଲେ ମିଛେ ଦେଲି ତାକୁ ଗାଳି
ମୋ ଜିନିଷ ମୁଁ ସଜାଡି ରଖିଥିଲେ
ଲାଗି ଥାଆନ୍ତା କିଆଁ ଏତେ କଳି ।

ଶୁଣ ମୋର ନାତି ଗୋଟିଏ କଥା
ନିଜ ଦୋଷ ଦେଖିବାରେ ଅନ୍ୟଥା
କରିବୁନି ତୁ ଭବିଷ୍ୟତେ ମୋ ଭଳି
ଦେବୁ ନାହିଁ କାହା ମନରେ ବ୍ୟଥା ।


♥ପ୍ରତାପ ନଗରୀ,କଟକ
ମୋ-୮୨୪୯୯୩୨୭୯୨


### ସ୍ମୃତି ତୁମେ...

ମୁକ୍ତିକାନ୍ତ ମଲିକ

ସ୍ମୃତି ତୁମେ ମୋ ଜୀବନର
ଅଭୁଲା ବୁକୁ ଫଟା କ୍ରନ୍ଦନର ଧାର
ସ୍ମୃତି ତୁମେ ତରୁଣ ଜୀବନରେ
ପ୍ରେମମୟୀ ସାହିତ୍ୟର ଶ୍ଳେଷ ।
ସ୍ମୃତି ତୁମେ ମୋ ଜୀବନର ଅଭୁଲା ଖୁସିର ଅସରନ୍ତି
ଜୁଆର ।

ସ୍ମୃତି ତୁମେ କେବେ କାହାପାଇଁ ସ୍ନେହମୟୀ ମାତୃତ୍ୱର ସ୍ପର୍ଶ
ତ କାହାପାଇଁ ଦୁଃଖ ଦାରିଦ୍ର୍ୟର ପୀଡ଼ାଦାୟୀ ଆଭାସ ।
ସ୍ମୃତି ତୁମେ କେବେ ବୃଦ୍ଧକାଳ ଜର୍ଜରିତ ତନୁର ଆକାର
ତ କେବେ ଜରାଶ୍ରମରେ ସନ୍ତାନକୁ ଅପେକ୍ଷାରତ ପିତା ଓ
ମାତା ।
ସ୍ମୃତି ତୁମେ ମୋ ଜୀବନର ଅଗଣିତ ପ୍ରେମର ସ୍ୱାକ୍ଷର ।
ସ୍ମୃତି ତୁମେ ମୋ ଜୀବନର ଅଦ୍ୟକାଳର ସଖା ।

ସ୍ମୃତି ତୁମେ ମୋ ଜୀବନରେ
ବିତିଯାଇଥିବା ପ୍ରତ୍ୟେକ ମୁହୂ ର ସାଥୀ ।
ସ୍ମୃତି ତୁମେ ମୋ ଜୀବନ କବିତାର ପ୍ରଥମ ଫର୍ଦ୍ଦ ।
ସ୍ମୃତି ତୁମେ ମୋ ମାଟି ସିଲଟର ପ୍ରଥମ ହାତଲେଖା ଧାଡ଼ି ।
ସ୍ମୃତି ତୁମେ ମୋ ମା ପଖେଥିବା
ସମସ୍ତ ଅଳି ଅଝଟର କାହାଣୀ।

ସ୍ମୃତି ତୁମେ ମୋ ଆଇମା କାହାଣୀର
ବୁଢ଼ୀ ଅସୁରୁଣୀର ଅପରିଚିତ ଚରିତ୍ର।
ସ୍ମୃତି ତୁମେ ମୋ ମାଟି କଣ୍ଢେଇର ପ୍ରଥମ ଖେଳନା
ଯାହା ଥରେ ଭାଙ୍ଗିଗଲେ ଯୋଡିବା ମୁସ୍କିଲ ।
ସ୍ମୃତି ତୁମେ ଆଦ୍ୟ ଚିରନ୍ତନି ପ୍ରେମମୟୀ ଯାତନାର ଅନ୍ତ ।
ସ୍ମୃତି ତୁମେ କେବେ ଅମାବାସ୍ୟାର ଅନ୍ଧକାର
ତ କେବେ ପୁନେଇ ତୋଫା ଜହ୍ନର ଆଲୋକ ।
ସ୍ମୃତି ତୁମେ କେବେ ପାହାନ୍ତି ତାରାର ଚିକ୍ ମିକ୍ କରୁଥିବା
ଆଲୋକ ତ କେବେ ସକାଳର
ସୁନେଲି କିରଣର ଆଭାସ ।

ସ୍ମୃତି ତୁମେ କେବେ ଭଉଣୀର ରାକ୍ଷୀ
ତ କେବେ ଲାଲ ଟୁକ୍ ଟୁକ୍ ସାଧବ ବୋହୁର ମୁଣ୍ଡରେ
ଶୋଭା ପାଉଥିବା ରକ୍ତଜବା ସିନ୍ଦୂର।
ସ୍ମୃତି ତୁମେ କେବେ ଏଣ୍ଟୁଡ଼ିଶାଳର ପ୍ରଥମ କୁଆଁ କୁଆଁ ସ୍ୱର
ତ କେବେ ମଶାଣିର ଯୁଇରେ ଶେଷ କ୍ରନ୍ଦନର ସ୍ୱର ।
ସ୍ମୃତି ତୁମେ କେବେ ଶେଷ ଶ୍ରାବଣର ବର୍ଷା
ତ କେବେ ଗ୍ରୀଷ୍ମ କାଳରେ ଅଦିନିଆ କାଳ ବୈଶାଖୀ ।
ସ୍ମୃତି ତୁମେ କେବେ ପ୍ରଥମ ପ୍ରେମ ପହିଲିର ଚିଠି
ତ କେବେ ବିରହର ରକ୍ତ ଭିଜା ଲେଖା ।

ସ୍ମୃତି ତୁମେ କେବେ ବଣ ମଲ୍ଲିର ସୁଭାସିତ ଆସର
ତ କେବେ ପଳାଶ ଫୁଲର ରଙ୍ଗ ବେରଙ୍ଗୀର ମଧୁ ।
ସ୍ମୃତି ତୁମେ କେବେ ଶୀତୁଆ ସକାଳର କଅଁଳ ଖରା
ତ କେବେ ଶୀତୁଆ ସନ୍ଧ୍ୟାର କପେ ଗରମ ଚାହା ।

ସ୍ମୃତି ତୁମେ କେବେ ହୃଦୟର ରାଜକୁମାର ତ କେବେ
ଅଭାବିତ ମନର ଖଳାନାୟକ ।
ସ୍ମୃତି ତୁମେ......


♥ପଦାର୍ଥ ବିଜ୍ଞାନ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର


### ପଥ ଅଛି ବହୁ ଦୂର

ଲୋକନାଥ ମହାପାତ୍ର

ଜୀବନଟା ଖାଲି ନିରାଶାରେ ବାଲି
ମରୁ ମରୀଚିକା ସନେହ ପ୍ରୀତି
ସ୍ୱାର୍ଥପର ନର ସ୍ୱାର୍ଥ ହିଁ କେବଳ
ତାହା ପାଇଁ ସବୁ କିଛି ।

ମାଆର ସନେହ ବାପାଙ୍କ ସରାଗ
ସବୁ ତ ଯାଇଛି ହଜି
କାହା ହାତ ଅବା ଚାଲିବି ମୁଁ ଧରି
ପଥ ଅଛି ବହୁ ବାକି ।

ଛାତି କି ପଥର କରି ଦିଅ ପ୍ରଭୁ
ପଥ ଅଛି ବହୁ ଦୂର
ଏ ସଂସାର ସାଗର କରିବାକୁ ପାର
ଦିଅ ପ୍ରଭୁ ମୋତେ ବଳ ।


♥ଗୋଲାପଲ୍ଲୀ ସାହି
ବ୍ରହ୍ମପୁର


### ଶବ୍ଦରେ ଜୀବନ

ଦୀପକ କୁମାର ମିଶ୍ର

ଶବ୍ଦ ଅଟେ କଥାକୁହା
ତରଙ୍ଗାୟିତ ଭାବର ମିଶ୍ରଣ
ହୁଏ ସ୍ୱପ୍ନ ପୁଣି କେବେ
ଭାସମାନ ମେଘ ।

କରେ ସଂପର୍କ ବିଖଣ୍ଡିତ
ନିଜ ଶାଣିତ ଧାରରେ
ଯୋଡ଼ିଦିଏ ଉଜୁଡ଼ା ସଂପର୍କ
ନିଜ ପୀୟୂଷ ଧାରାରେ ।

ହୁଏ ପୁଣି ବାଇମୁଣ୍ଡି
ସାଜି ଆଶାର କୋଣାର୍କ
ପ୍ରେମ ବନେ ଆକାଶେ ନଉକା
ଋତୁ ସାଜେ କେତେ ରୂପେ
ପ୍ରେମିକା ନୂପୁର ।

ପୃଥିବୀ ଲାଗେ ସ୍ୱର୍ଗ-ନର୍କ
ମଶାଣି ପଡ଼ିଆ
ଜନ୍ମ-ମୃତ୍ୟୁ ଚକ୍ର ଭେଦି
ଜିଇଯାଏ ମଣିଷ ଦୁନିଆ ।


♥ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

# ଶେଷ ହେଲା କଷିକାଙ୍କ ଅଙ୍କକଷା, ମନ ମୋହୁଛନ୍ତି 'ଦି ଭାଇବ୍ ହଣ୍ଟର୍ସ'ର ତନ୍ୟା



ଗ୍ଲାମର ଦୁନିଆଁରେ ପାଦ ଥାପିଥିବା ପ୍ରତ୍ୟେକ କଳାକାରଙ୍କର ଗୋଟିଏ ସ୍ୱପ୍ନ ହେଲା, ସେମାନେ କିପରି ନିଜକୁ ବଡ଼ ପରଦାରେ ଆବିଷ୍କାର କରିବେ। ବିଜ୍ଞାପନ, ମଡେଲି କି ଟିଭି ଧାରାବାହିକ ଆଦି ଯେ କୌଣସି ମଞ୍ଚରେ ଯେତେ ନାଁ କମାଇଲେ ବି ସିନେ ଜଗତ୍‌ରେ ନିଜକୁ ଜାହିର କରିବା ସତେ ଯେମିତି ସେମାନଙ୍କ ପାଇଁ ଶାଶ୍ୱତ ଆନନ୍ଦ ଆଣିଦେଇଥାଏ ! ଏହି କ୍ରମରେ ନବାଗତା ଅଭିନେତ୍ରୀ କଷିକା କାପୁରଙ୍କର ଈପ୍‌ସିତ ସ୍ୱପ୍ନ ବାସ୍ତବ ରୂପ ନେବାକୁ ଯାଉଥିବା ସେ ଘୋଷଣା କରିଛନ୍ତି। ୱେବ୍ ଧାରାବାହିକ 'ଦି ଭାଇବ୍ ହଣ୍ଟର୍ସ' ପାଇଁ ପରିଚିତ କଷିକାଙ୍କୁ ନିର୍ଦ୍ଦେଶକ ପ୍ରଦୀପ ଖୈରୱାର ତାଙ୍କର ପରବର୍ତ୍ତୀ ହିନ୍ଦୀ ସିନେମାରେ ସୁଯୋଗ ଦେବାକୁ ଚୁକ୍ତିବଦ୍ଧ କରିଛନ୍ତି। ବାଳିକା ଶିକ୍ଷା ଉପରେ ଆଧାରିତ ଉକ୍ତ ଚଳଚ୍ଚିତ୍ରଟିର ନାଁ ଏଯାଏ ଘୋଷଣା ହୋଇନଥିବା ବେଳେ ଆସନ୍ତା ସପ୍ତାହରେ ତାହାର ସୁଟିଂ ଆରମ୍ଭ ହେବ ବୋଲି ଜଣାଯାଇଛି। ତେବେ ବଲିଉଡ୍‌ରେ କେବେ ପ୍ରବେଶ କରିବେ ବୋଲି ଦ୍ୱନ୍ଦ୍ୱରେ ଥିବା କଷିକାଙ୍କର ଅଙ୍କକଷା ପ୍ରାୟ ଶେଷ ହୋଇଛି ଏବଂ ଏଥି ପାଇଁ ସେ ବେଶ୍ ଉତ୍ସାହିତ ଥିବା ଜଣାଯାଇଛି। ସୂଚନାଯୋଗ୍ୟ, ମୁମ୍ବାଇରେ ୨୦୦୨ ଫେବ୍ରୁଆରି ୧୮ ତାରିଖରେ ଜନ୍ମିତା କଷିକା ବ୍ୟାପାର ପ୍ରଶାସନରେ ସ୍ନାତକ ଡିଗ୍ରି ସାରିଛନ୍ତି। ବୌଦ୍ଧ ଦର୍ଶନରେ ବିଶ୍ୱାସ ରଖୁଥିବା କଷିକା ଜଣେ ତାଲିମପ୍ରାପ୍ତ କଥକ ନୃତ୍ୟାଙ୍ଗନା। ଏଥି ସହିତ ସନ୍ତରଣ ଓ ଟେନିସ୍ ଖେଳରେ ରୁଚି ରଖିଥିବା କଷିକା ଜଣେ ଜାତୀୟସ୍ତରୀୟ ବାସ୍କେଟବଲ୍ ଖେଳାଳି ଏବଂ ଦୌଡ଼ାଳି ମଧ୍ୟ।

ତେବେ ଦିନେ ନା ଦିନେ ଅଭିନୟ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବା ଲାଗି ସେ ପିଲାଟି ଦିନରୁ ସଂକଳ୍ପ କରିଥିଲେ ଏବଂ ଏପରିକି ମାତ୍ର ୫ ବର୍ଷ ବେଳେ ନିଜ ମାଆଙ୍କ ଆଗରେ ଏକଥା ପ୍ରକାଶ କରିଥିଲେ। ତଦନୁସାରେ ତାଙ୍କ ମାଆ ମଧ୍ୟ କଷିକାଙ୍କୁ ୧୫ ବର୍ଷ ବେଳୁ ବିଭିନ୍ନ ଅଡ଼ିସନ୍‌ରେ ଭାଗ ନେବା ପାଇଁ ପ୍ରବର୍ତ୍ତାଇ ଆସୁଥିଲେ। ଏପରିକି ପାଠପଢ଼ା ଭିତରେ ସେ ନୃତ୍ୟ ଓ ଅଭିନୟ ସଂକ୍ରାନ୍ତ ବିଭିନ୍ନ କର୍ମଶାଳାରେ ଯୋଗଦେଇ ଅଭିଜ୍ଞତା ହାସଲ କରିଥିଲେ। ତେବେ କଲେଜ ଶିକ୍ଷା ପରେ ପରେ ସେ ମୁମ୍ବାଇର ଜେଫ୍ ଗୋଲ୍‌ଡବର୍ଗ ଷ୍ଟୁଡିଓରେ ଛଅ ମାସର ଅଭିନୟ ପାଠ୍ୟକ୍ରମ ସାରି ପରବର୍ତ୍ତୀ ତିନି ବର୍ଷ ଯାଏ ନ୍ୟୁୟର୍କ ଫିଲ୍ମ ଏକାଡେମିରେ ଭର୍ତ୍ତି ହୋଇଥିଲେ। ଏହାପରେ ବିଭିନ୍ନ ବିଜ୍ଞାପନରେ ନିଜର ପ୍ରାରମ୍ଭିକ ଆକାଂକ୍ଷା ପୂରଣ କରିବା ସହ 'ଓ ମେରେ ଦିଲ୍ କେ ଚେନ୍', 'ଦିଲ୍ ପେ ଜଖମ୍' ଓ 'ତୁ ଲୌଟ୍ ଆ' ଆଦି ସଂଗୀତ ଭିଡିଓରେ ସେ ନୃତ୍ୟାଭିନୟର ଯାଦୁ ପରଷିଥିଲେ। ସେହିପରି ଲୋକପ୍ରିୟ ଭିଡିଓ ଖେଳ 'ଫ୍ରି ଫାୟାର'ରେ ସେ ମୋକୋ ଭୂମିକା ନିଭାଇବା ସହ 'ପ୍ୟାର ତୁନେ କ୍ୟା କିୟା' ଓ 'ଅଦାଲତ' ପରି ବାସ୍ତବଧର୍ମୀ ଟିଭି ଧାରାବାହିକରେ ମଧ୍ୟ ନିଜକୁ ପରଖିଥିଲେ। ତେବେ ୱେବ୍ ଧାରାବାହିକ 'ଦି ଭାଇବ୍ ହଣ୍ଟର୍ସ'ରେ ସେ ନିର୍ବାହ କରିଥିବା 'ତନ୍ୟା' ଚରିତ୍ର ତାଙ୍କୁ ଆତ୍ମସନ୍ତୁଷ୍ଟି ଦେଇଥିଲା ଏବଂ ସେଥିପାଇଁ ସେ ମଧ୍ୟ କେତେକାଂଶରେ ଲୋକପ୍ରିୟ ହୋଇପାରିଛନ୍ତି। ତେବେ ତାଙ୍କ ପ୍ରଥମ ସିନେମାରୁ ପ୍ରଶଂସକମାନେ ତାଙ୍କଠାରୁ ଅଧିକ କିଛି ଆଶା ରଖିଛନ୍ତି ଏବଂ ସେ ଆଦୌ ନିରାଶ କରିବେନି ବୋଲି କହିଛନ୍ତି।

# ଯୌନ କର୍ମୀ ଭୂମିକାରେ ଶ୍ରୀୟା



ବର୍ତ୍ତମାନର ସବୁଠାରୁ ନିପୁଣ ଅଭିନେତ୍ରୀଙ୍କ ତାଲିକାରେ ଶ୍ରୀୟା ପିଲଗାଓଁକର ଏକ ଉଜ୍ଜ୍ୱଳ ନାମ। ଖୁବ୍ ଶୀଘ୍ର ଓଟିଟି ମଞ୍ଚରେ ମୁକ୍ତିଲାଭ କରିବାକୁ ଥିବା ନୂଆ ୱେବ୍ ଧାରାବାହିକ 'ତାଜା ଖବର'ରେ ଶ୍ରୀୟା ଏକ ଅଭିନବ ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ଚମତ୍କୃତ କରିବା ଲାଗି ପ୍ରସ୍ତୁତ ହେଉଛନ୍ତି। ଏଥିର ସେ ମଧୁ ନାମ୍ନୀ ଗଣିକା ଭୂମିକାରେ ଦେଖାଦେବେ। ଶ୍ରୀୟା ପୂର୍ବରୁ ଲୋକପ୍ରିୟ ୱେବ୍ ଧାରାବାହିକ 'ମିର୍ଜାପୁର'ର 'ସୁଇଟି' ଓ 'ଗିଲ୍‌ଟି ମାଇଣ୍ଡ୍‌ସ'ର 'କଶାଫ', 'ଦି ବ୍ରକେନ୍ ନିଉଜ୍'ର 'ରାଧା' ଆଦି ଭୂମିକାରେ ଅବତୀର୍ଣ୍ଣ ହୋଇ ଏକାଧିକ ଥର ଦର୍ଶକଙ୍କ ମନ ମୋହିସାରିଛନ୍ତି। ତେବେ ମଧୁ ଚରିତ୍ର ସବୁଠାରୁ ଭିନ୍ନ ଓ ରୋଚକ ହେବାକୁ ଯାଉଛି। ଏ ନେଇ ଶ୍ରୀୟା କହିଛନ୍ତି ଯେ 'ତାଜା ଖବର'ରେ ଅଭିନୟ କରୁଥିବାରୁ ସେ ରୋମାଞ୍ଚିତ। ଏହି ନାଟକୀୟ-ବ୍ୟଙ୍ଗ ଚଳଚ୍ଚିତ୍ରରେ ତାଙ୍କୁ ସଂପୂର୍ଣ୍ଣ ଭିନ୍ନ ବେଶଭୂଷା ଧାରଣ କରିବାକୁ ପଡ଼ିଛି। ନିକଟ ଅତୀତରେ ସେ ଓକିଲ ଓ ସାମ୍ବାଦିକା ଭୂମିକାରେ ଅଭିନୟ କରିସାରିଥିବା ବେଳେ ଯୌନ କର୍ମୀ ଭୂମିକାରେ ଦେଖାଦେବା ଲାଗି ସେ ବେଶ୍ ଉତ୍ସାହିତ ଜଣାପଡୁଛନ୍ତି। ଉକ୍ତ ଚରିତ୍ରଟି ଯେତିକି କୌତୁକିଆ ସେତିକି ସାହସିକ ବୋଲି ଶ୍ରୀୟାଙ୍କ ମତ। 'ତାଜା ଖବର'ରେ ହାସ୍ୟ ଅଭିନେତା ଭୁବନ ବାମ ଏବଂ ଜେ ଡି ଚକ୍ରବର୍ତ୍ତୀ ପ୍ରମୁଖ ମଧ୍ୟ ଅଭିନୟ କରିଛନ୍ତି। ଆସନ୍ତା ବର୍ଷ ଜାନୁଆରି ୬ ତାରିଖରେ ଏହି ଧାରାବାହିକର ସମସ୍ତ ଅଧ୍ୟାୟ ମୁକ୍ତିଲାଭ କରିବ। ଶ୍ରୀୟା ଏବେ 'ତାଜା ଖବର' ସମେତ ଅନ୍ୟ ଦୁଇଟି ଚଳଚ୍ଚିତ୍ରର ସୁଟିଂରେ ବ୍ୟସ୍ତ ଅଛନ୍ତି।

# ଶ୍ରଦ୍ଧା ଝୁଟି, ରଣବୀର ମକ୍କାର: ଆସିଲା ଟିଜର




ଝୁଟି ତଥା ମିଛେଇ ସାଜିଲେ ବଲିଉଡ ଅଭିନେତ୍ରୀ ଶ୍ରଦ୍ଧା କପୁର। ସେହିପରି ମକ୍କାର ସାଜିଲେ ରଣବୀର କପୁର। ଏକଥା ଆମେ କହୁନୁ ତାଙ୍କ ଅପ୍‌କମିଂ ଫିଲ୍ମରେ ଏଭଳି କିଛି ଚରିତ୍ରରେ ନଜର ଆସିବେ ଉଭୟ, ଯାହାର ଟିଜର ଆଜି ରିଲିଜ ହୋଇଛି।

ରଣବୀର କପୁର ଓ ଶ୍ରଦ୍ଧା କପୁରଙ୍କ ଅପ୍ ?କମିଂ ଫିଲ୍ମ 'ତୁ ଝୁଟି ମେଁ ମକ୍କାର'କୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ବହୁ ଦିନର ଅପେକ୍ଷା ପରେ ଏହି ଫିଲ୍ମର ଟାଇଟେଲକୁ ନେଇ ଖୁଲାସା ହୋଇଛି। ଫିଲ୍ମ ମେକର୍ସମାନେ ମଙ୍ଗଳବାର ଫିଲ୍ମର ପୋଷ୍ଟର ରିଲିଜ କରିଥିଲେ। ୨୪ ଘଣ୍ଟା ପରେ ଫିଲ୍ମର ଟିଜର ଓ ଟାଇଟେଲକୁ ମଧ୍ୟ ଶେଆର କରିଛନ୍ତି ନିର୍ଦ୍ଦେଶକ ଲଭ୍ ରଞ୍ଜନ। ରିଲିଜ ହୋଇଥିବା ଟିଜରରେ ଶ୍ରଦ୍ଧା ଓ ରଣବୀର ବେଶ୍ ମସ୍ତି ମୁଡ୍‌ରେ ନଜର ଆସିଛନ୍ତି। ଭିଡିଓରେ ଦୁହିଁଙ୍କ କ୍ୟୁଟ୍ କେମେଷ୍ଟ୍ରି ଦେଖିବାକୁ ମିଳିଛି, ଯାହା ଫ୍ୟାନ୍‌ମାନଙ୍କୁ ବେଶ୍ ପସନ୍ଦ ଆସିଛି। ଆସନ୍ତା ବର୍ଷ ମାର୍ଚ୍ଚ ୮ ତାରିଖ ତଥା ହୋଲିରେ ଏହି ଫିଲ୍ମଟି ପରଦାକୁ ଆସିବ। ରଣବୀର କପୁର ଏହି ଫିଲ୍ମ ବ୍ୟତୀତ ଆଗକୁ ଫିଲ୍ମ 'ଆନିମଲ୍'ରେ ମଧ୍ୟ ନଜର ଆସିବେ। ସେହିପରି ଶ୍ରଦ୍ଧା କପୁର ଖୁବଶୀଘ୍ର ରୁଖସାନା କୌସରଙ୍କ ବାୟୋପିକରେ ନଜର ଆସିପାରନ୍ତି।

# ମନକିଣୁଛି ରିଅଲିଟି ସୋ' 'ଦିଦି ନମ୍ବର -୧' ସିଜନ-୨




ଦର୍ଶକ ଏବଂ ପ୍ରତିଯୋଗୀଙ୍କ ଦ୍ୱାରା ବହୁଳ ଭାବରେ ଆଦୃତ 'ଦିଦି ନମ୍ବର-୧' ରିଅଲିଟି ସୋ'ର ପ୍ରଥମ ସିଜନ ଆଦୃତ ହେଇଥିଲା। ଏବେ ସିଜନ୍-୨ ନୂଆ ନୂଆ ଖେଳ ସହ ଆହୁରି ଅଧିକ ମଜାଦାର ହୋଇଛି ଓ ପ୍ରତିଯୋଗୀମାନଙ୍କ ପାଇଁ ଅଧିକ ଆକର୍ଷଣୀୟ ଉପହାର ନେଇ ଆସିଛି। ପ୍ରଥମ ଥର ପାଇଁ ଜୀ-ସାର୍ଥକ ଆଣିଛି ପ୍ରତିଯୋଗୀମାନଙ୍କ ପାଇଁ ସିଧାସଳଖ ଟଙ୍କା ଗଛରୁ ଟଙ୍କା ତୋଳିବାର ଏକ ଅଦ୍ଭୁତ ଖେଳ। ଏହା ଛଡ଼ା ଖେଳରେ ଖେଳରେ ପ୍ରତିଯୋଗୀମାନେ ସୁନା ମଧ୍ୟ ଜିତି ପାରିବେ। ନିଜର ଚୁଲବୁଲି ଅନ୍ଦାଜ ସହ ଲିପି ମହାପାତ୍ର ଏହାର ଉପସ୍ଥାପନା କରିବେ।

ପ୍ରଥମ ସିଜନ୍‌ର ବିପୁଳ ସଫଳତା ପରେ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ୍ ଜୀ-ସାର୍ଥକରେ ନଭେମ୍ବର ୨୧ ତାରିଖ ସୋମବାରରୁ ରବିବାର ସନ୍ଧ୍ୟା ୫ଟାରେ ରିଅଲିଟି ସୋ' 'ଦିଦି ନମ୍ବର -୧' ସିଜନ-୨ର ପୁନଃ ପ୍ରସାରଣ ଆରମ୍ଭ ହୋଇଛି। ଏଥିପାଇଁ ଅଡିସନ୍ ମଧ୍ୟ ଆରମ୍ଭ ହୋଇଯାଇଛି। ଅଡିସନ୍ ବିଷୟରେ ସବିଶେଷ ତଥ୍ୟ ଜାଣିବା ପାଇଁ 'ଜୀ-ସାର୍ଥକ'ର ସୋସିଆଲ୍ ମିଡ଼ିଆ ପେଜ୍ ସହ ଯୋଡ଼ି ହେବା ପାଇଁ 'ଦିଦି ନମ୍ବର-୧' ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲୋକପ୍ରିୟ ରିଅଲିଟି ଶୋ ମନୋରଞ୍ଜନ ସହ ମହିଳାମାନଙ୍କ ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଛି।




# କିଙ୍ଗ ଖାନଙ୍କ ଲାଡଲା ସାଜିଲେ ବିଜନେସ୍‌ମ୍ୟାନ




ବଲିଉଡର କିଙ୍ଗ ଖାନଙ୍କ ଲାଡଲା ସାଜିଲେ ବିଜନେସମ୍ୟାନ୍। ରୋମାନ୍ସ କିଙ୍ଗ ଶାହରୁଖ ଖାନଙ୍କ ପୁଅ ଆର୍ଯ୍ୟନ ଖାନ ପୂର୍ବରୁ ବଡ଼ ପରଦାରେ ମୁହଁ ଦେଖାଇ ସାରିଥିବା ବେଳେ ଏବେ ଆରମ୍ଭ କରିଛନ୍ତି ନିଜ ବିଜନେସ।

ଶାହରୁଖ ଓ ଗୌରୀ ଖାନଙ୍କ ୨୫ ବର୍ଷୀୟ ପୁଅ ଆର୍ଯ୍ୟନ ନିଜର ଏକ ଲକଜୁରୀ ବ୍ରାଣ୍ଡ D'YAVOL ଲଞ୍ଚ କରିଛନ୍ତି। ଏହି ବ୍ରାଣ୍ଡରେ ବିଭିନ୍ନ ପ୍ରକାର ମୃଦୁ ପାନୀୟ ସହ ଫ୍ୟାଶନ ସାମଗ୍ରୀ ବିକ୍ରି କରିବା ସହ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରାୟ ୫ ବର୍ଷ ପୂର୍ବେ ଆମେରିକାରେ ପାଠ ପଢୁଥିବା ସମୟରେ ଦେଖିଥିବା ସ୍ୱପ୍ନକୁ ଏବେ ବାସ୍ତବ ରୂପ ଦେଇଛନ୍ତି ଆର୍ଯ୍ୟନ ଖାନ। ତେବେ ଏଥିରେ ୨ ଜଣ ତାଙ୍କ ପାର୍ଟନର ବି ଥିବା ଜଣାଯାଇଛି। ତେବେ ପୁଅର ନୂଆ ବିଜନେସ ଖବର ଶୁଣି ବାପାମା'ଙ୍କ ପାଦ ଖୁସିରେ ତଳେ ଲାଗୁନି। ଉଭୟ ଏହାକୁ ନେଇ ଖୁବ୍ ଏକ୍ସାଇଟେଡ ଥିବା ଜଣାଯାଇଛି।

ନିଜ ବିଜନେସ ପାର୍ଟନରଙ୍କ ସହ ଆର୍ଯ୍ୟନ ଖାନ। ଏନେଇ ଆର୍ଯ୍ୟନ ଏକ ସାକ୍ଷାତକାରରେ କହିଛନ୍ତି, ଯାହାକୁ ତୁମେ ଭଲ ପାଅ, ଯାହା ପ୍ରତି ତୁମର ଆଗ୍ରହ ଅଛି ତାହାକୁ କ୍ୟାରିଅର ତଥା ବିଜନେସ କରିବା ଆବଶ୍ୟକ। କାରଣ ସେତେବେଳେ ବ୍ୟବସାୟ ବ୍ୟକ୍ତିଗତ ସ୍ତରକୁ ଚାଲିଯାଏ। ଏବଂ ବ୍ୟବସାୟ ବ୍ୟକ୍ତିଗତ ସ୍ତରକୁ ଗଲେ ହିଁ ଆଗକୁ ବଢ଼ିଥାଏ। ନିଜ ବାପାମା' ଙ୍କ ଉଦାହରଣ ଦେଇ ଏପରି କହିଛନ୍ତି ଆର୍ଯ୍ୟନ। ଆର୍ଯ୍ୟନଙ୍କ କହିବାନୁଯାୟୀ, ମା' ଗୌରୀ ଜଣେ ପ୍ରଡ୍ୟୁସର ହୋଇଥିବା ବେଳେ ଇଣ୍ଟେରିୟର ଡିଜାଇନ ପ୍ରତି ତାଙ୍କର ରହିଛି ଅହେତୁକ ଆକର୍ଷଣ। ଏହାକୁ ସେ ବିଜନେସ କରି ଜଣେ ସଫଳ ଇଣ୍ଟେରିୟର ଡିଜାଇନର ହୋଇ ପାରିଛନ୍ତି। ସେହିପରି ବାପା ଶାହରୁଖ ଜଣେ ଅଭିନେତା ହୋଇଥିଲେ ବି ତାଙ୍କର ପ୍ରଡକ୍ସନ ହାଉସ ସହ ଏକ କ୍ରିକେଟ ଟିମ୍ ବି ରହିଛି। କାରଣ ଖେଳ ପ୍ରତି ତାଙ୍କର ଖୁବ୍ ଭଲ ପାଇବା ରହିଛି। କିଙ୍ଗ ଖାନଙ୍କ ଲାଡଲା ନିଜ ବିଜନେସରେ କେତେ ଆଗକୁ ଯାଇ ପାରୁଛନ୍ତି ତାହା ସମୟ ହିଁ କହିବ।

# ମାଇନସ୍ ୭ ଡିଗ୍ରୀରେ ଶାର୍ଟଲେସ୍ ହେଲେ ଟାଇଗର

ବଲିଉଡର ହ୍ୟାଣ୍ଡସମ ହଙ୍କ ଟାଇଗର ଶ୍ରଫ। ତାଙ୍କ ମସକୁଲାର ବଡି, ଫିଟ୍‌ନେସ୍ ଓ ତାଙ୍କ ଡ୍ୟାନ୍ସର ସମସ୍ତେ ଦିୱାନା। କେବଳ ସେତିକି ନୁହେଁ ତାଙ୍କ ଆକ୍ସନ ଷ୍ଟଣ୍ଟ ଓ ଫ୍ଲାଇଂ କିକ୍ ପାଇଁ ସେ ବେଶ୍ ଚର୍ଚ୍ଚିତ। ତାଙ୍କ ଲୁକ୍ ଆଉ ବଡି ଦେଖି ହଜାର ହଜାର ଫ୍ୟାନ୍ ତାଙ୍କ ଉପରେ ଫିଦା। ନିଜର ଫିଟ୍‌ନେସ୍ ପାଇଁ ଫେମସ ଟାଇଗର ପୁଣି ଥରେ ଫ୍ୟାନମାନଙ୍କ ହୃଦୟ ଜିତି ନେଇଛନ୍ତି। ମାଇନସ୍ ଡିଗ୍ରୀ ତାପମାତ୍ରାରେ ମଧ୍ୟ ସେ ଶାର୍ଟଲେସ ହୋଇ ଲଗାଇ ଦେଇଛନ୍ତି ନିଆଁ। ନିକଟରେ ଟାଇଗର ଶ୍ରଫ୍ ନିଜ ଇନ୍‌ଷ୍ଟାଗ୍ରାମରେ ଆକାଉଣ୍ଟରେ ଏକ ଭିଡିଓ ଶେଆର କରିଥିଲେ। ଏଥିରେ ସେ ମାଇନସ୍ ୭ ଡିଗ୍ରୀ ତାପମାତ୍ରାରେ ଶାର୍ଟଲେସ୍ ହୋଇ ବୁଲୁଛନ୍ତି। କେବଳ ଗୋଟିଏ ଟାୱାଲ ପିନ୍ଧି ବରଫ ଢ଼ାଙ୍କି ହୋଇ ରହିଥିବା ଜାଗାରେ ସେ କରୁଛନ୍ତି ୱାକ୍। ସେ ଥଣ୍ଡାପାଗକୁ ମନଭରି ମଜା ନେଉଛନ୍ତି। ଟାଇଗରଙ୍କ ଏହି ଶାର୍ଟଲେସ୍ ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଟାଇଗରଙ୍କ ଏଭଳି ଫିଟନେସ୍ ଦେଖି ଫ୍ୟାନ୍‌ମାନେ ଚକିତ ହୋଇପଡିଛନ୍ତି। ଏହି ଭିଡିଓରେ ତାଙ୍କ ମା' ଓ ଭଉଣୀ ମଧ୍ୟ କମେଣ୍ଟ କରି ତାଙ୍କୁ ପ୍ରଶଂସା କରିଛନ୍ତି। ସେହିରପି ସୋଶାଲ ମିଡିଆ ୟୁଜର୍ସମାନେ ମଧ୍ୟ ଟାଇଗରଙ୍କ ମସକୁଲାର ବଡି ଦେଖି ଦିୱାନା ହୋଇପଡିଛନ୍ତି। ଆଉ କିଛି ୟୁଜର୍ସ କହିଛନ୍ତି, ହୋସିଆର୍ ଟାୱାଲ ଖସିପଡିବ।



# ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ କାର୍ଯ୍ୟକ୍ରମର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଚାଷୀମାନେ ଉପଯୁକ୍ତ ଜ୍ଞାନକୌଶଳ ବ୍ୟବହାର କଲେ ଉଦ୍ୟାନ କୃଷିରୁ ଅଧିକ ଲାଭବାନ ହୋଇପାରିବେ। ରାଜ୍ୟର ଜଳବାୟୁ ଓ ମୃତିକା ଦୃଷ୍ଟିରୁ ଉଦ୍ୟାନ କୃଷିର ବ୍ୟାପକ ସୁଯୋଗ ରହିଥିବାବେଳେ ଚାଷୀମାନଙ୍କ ମଧ୍ୟରେ ଉଦ୍ୟାନ କୃଷିକୁ ଅଧିକ ଲୋକପ୍ରିୟ କରାଇବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଆଜି କୃଷି ଭବନଠାରେ ଉଦ୍ୟାନ କୃଷି ଏବଂ ମୃତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନ ନିର୍ଦ୍ଦେଶାଳୟର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଓ ବ୍ୟୟବରାଦିର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ କୃଷି ଓ ଆନୁଷଙ୍ଗିକ କୃଷିର ଉପଯୁକ୍ତ ସମନ୍ୱୟରେ ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ। ରାଜ୍ୟ ସରକାର କୃଷି ଓ କୃଷକଙ୍କ ବିକାଶ ନିମନ୍ତେ ପ୍ରାଥମିକତା ପ୍ରଦାନ କରି ବଜେଟ୍‌ରେ ଆଶାତୀତ ଭାବେ ବୟବରାଦି ବୃଦ୍ଧି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯୋଜନାର ସଫଳ ରୂପାୟନ ନିମନ୍ତେ ବୟବରାଦିର ଅର୍ଥ ଠିକଣା ସମୟରେ ଖର୍ଚ୍ଚ କରି ଚାଷୀମାନଙ୍କୁ ଏହାର ଲାଭ ପହଂଚାଇବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଚାଷୀମାନଙ୍କ ନିମନ୍ତେ ନିର୍ଦ୍ଦେଶାଳୟ ପକ୍ଷରୁ ଉନ୍ନତ ମାନର ଫଳଚାଷ ଓ ପନିପରିବା ଚାଷ ନିମନ୍ତେ ମଂଜି ଯୋଗାଇଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଚଳିତ ରବିଋତୁରେ ଚାଷୀମାନଙ୍କୁ ଗୁଣାତ୍ମକ ଆଳୁ ବିହନ ଯୋଗାଣ କାର୍ଯ୍ୟର ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିଥିଲେ। ଏଥି ସହିତ ରାଜ୍ୟରେ ଛତୁଚାଷର ବ୍ୟାପକ ସୁଯୋଗ ରହିଥିବା ଓ ଏଥି ନିମନ୍ତେ କମ୍ ପରିମାଣର ଜମିର ଆବଶ୍ୟକତା ଦୃଷ୍ଟିରୁ ଛତୁଚାଷ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉନ୍ନତ ମାନର ଚାରା ଉତ୍ପନ୍ନ ନିମନ୍ତେ ବ୍ଲକ୍ ସ୍ତରରେ ଅଧିକରୁ ଅଧିକ ନର୍ସରୀ ପ୍ରତିଷ୍ଠା କରିବା ପାଇଁ ମନ୍ତ୍ରୀ କହିଥିଲେ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଡିସେମ୍ବର ମାସରେ ବୟବରାଦିର ଖର୍ଚ୍ଚକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଅଣୁ ଜଳସେଚନ, ଜାତୀୟ ଉଦ୍ୟାନ କୃଷି ମିଶନ, ଅଏଲ୍ ପାମ୍ ଚାଷ ଓ ପାମ୍ ଅଏଲ୍ କାରଖାନା ପ୍ରତିଷ୍ଠା ଆଦିର ଅଗ୍ରଗତି ସଂପର୍କରେ ବିଶଦ ଭାବରେ ଆଲୋଚନା ହୋଇଥିଲା।

ଏଥି ସହିତ ମୃତିକା ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର କୃଷି ବନିକରଣ, ଫାର୍ମପଣ୍ଡ ପ୍ଲସ୍, ରିୱାର୍ଡ ଯୋଜନାର ଅଗ୍ରଗତି ସଂପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିଥିଲେ। ବର୍ଷାପୁଷ୍ଟ ଅଂଚଳରେ ସମନ୍ୱିତ କୃଷି ପଦ୍ଧତିର ସଠିକ୍ ପରିଚାଳନା ଦ୍ୱାରା ଚାଷୀମାନଙ୍କର ଆୟ ବୃଦ୍ଧିରେ ବ୍ୟାପକ ସୁଯୋଗ ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଜଳବିଭାଜିକା ପ୍ରକଳ୍ପ ମାଧ୍ୟମରେ ଚାଷୀଙ୍କ ଜମିକୁ ଜଳସେଚନର ସୁବିଧା ଯୋଗାଇଦେଇ ଚାଷୀମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଅଣାଯାଇପାରିବ ବୋଲି ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ କହିଥିଲେ।

ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ସଂଜୀବ ଚଢ଼ା, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ବନଖଣ୍ଡ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): କିଛି ମାସ ହେବ ହାତୀ-ମଣିଷ ସଂଘର୍ଷ ଏକ ଉଦ୍‌ବେଗଜନକ ସମସ୍ୟା ରୂପେ ଉଭା ହୋଇଛି। ଶକ୍ତି ବିଭାଗ ସହ ଉତ୍ତମ ଯୋଗସୂତ୍ର ରକ୍ଷା କରି କ୍ଷେତ୍ରୀୟ ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଅଧିକ କ୍ରିୟାଶୀଳ ହେବାକୁ ପଡ଼ିବ। ଏହା ସହିତ ହାତୀ ଚଳପ୍ରଚଳ କରୁଥିବା ଜଙ୍ଗଲରେ ପର୍ଯ୍ୟାପ୍ତ ପରିମାଣରେ ଚାରଣଯୋଗ୍ୟ ବୃକ୍ଷ ରୋପଣ, ପାନୀୟ ଜଳ ବ୍ୟବସ୍ଥା ଏବଂ ଜଙ୍ଗଲ ନିକଟସ୍ଥ ଲୋକଙ୍କୁ ଅଧିକ ସଚେତନ କରିବାକୁ ପଡ଼ିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦିପ ଅମାତ ବନଖଣ୍ଡ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି। ପ୍ରାକୃତିକ ସନ୍ତୁଳନ ଓ ଜୀବନଧାରଣ ପାଇଁ ଜଙ୍ଗଲ, ପରିବେଶ ଓ ଜୈବ ବିବିଧତାର ଆବଶ୍ୟକତା ରହିଛି। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଯେଉଁ କର୍ମଚାରୀମାନେ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ପଦୋନ୍ନତି ଓ ଅନ୍ୟାନ୍ୟ ସରକାରୀ ସୁବିଧା ଉପଲବ୍ଧ କରାନ୍ତୁ ଏବଂ ଯେଉଁମାନେ ସରକାରୀ କାର୍ଯ୍ୟରେ ଅବହେଳା କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ଅମାତ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଓ ରାଜ୍ୟକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ। ସେହି କ୍ରମରେ ରେଲୱେ, ରାସ୍ତା, ଜଳସେଚନ ଓ ଅନ୍ୟାନ୍ୟ ଲୋକାଭିମୁଖୀ ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକ ଜଙ୍ଗଲ କିସମ ପରିବର୍ତ୍ତନ ପ୍ରସ୍ତାବକୁ ଶୀଘ୍ର ଅନୁମୋଦିତ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ୫'ଟି' ଆଭିମୁଖ୍ୟ ଏବଂ ମୋ ସରକାର କାର୍ଯ୍ୟକ୍ରମ ଆଧାରରେ ଅଧିକ କ୍ରିୟାଶୀଳ ହେଲେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ସୁନାମ ଦ୍ୱିଗୁଣିତ ହେବ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ଆଶା ବ୍ୟକ୍ତ କରିଛନ୍ତି। ନୂତନ ବନୀକରଣ ସହିତ ଜଙ୍ଗଲ ଓ ଜୀବଜନ୍ତୁମାନଙ୍କର ସୁରକ୍ଷା ପାଇଁ ଆମକୁ ଧରପଗଡ଼ କୁ ଅଧିକ କଡ଼ାକଡ଼ି କରିବାକୁ ପଡ଼ିବ। ଆମ ଫୋର୍ସକୁ ଅଧିକ ବ୍ୟବସ୍ଥିତ ଓ କ୍ରିୟାଶୀଳ କରିବାକୁ ପଡ଼ିବ। ନବାଗତ ବନଖଣ୍ଡ ଅଧିକାରୀମାନଙ୍କୁ ଗବେଷଣା ଓ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ ଉପରେ ଅଧିକ ପ୍ରାଧାନ୍ୟ ଦେବା ଉଚିତ୍ ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟଜନ୍ତୁ) ସୁଶିଲ କୁମାର ପୋପଲି ଉଲ୍ଲେଖ କରିଛନ୍ତି।

ରାଜ୍ୟର ସବୁଜିମା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରତିବର୍ଷ ବିଭିନ୍ନ ବନୀକରଣ ଯୋଜନା ପ୍ରସ୍ତୁତ କରାଯାଉଛି। ବନୀକରଣ ପାଇଁ ୨୬ଟି ଡିଭିଜନର ୮୬ଟି ରେଞ୍ଜରେ ସ୍ୱତନ୍ତ୍ର ତିନିବର୍ଷିଆ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ତଦ୍ ଅନୁଯାୟୀ ପଦକ୍ଷେପ ନିଆଗଲେ ଅଧିକ ସୁଫଳ ମିଳିପାରନ୍ତା ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନବାହିନୀ ମୁଖ୍ୟ ଦେବୀଦତ ବିଶ୍ୱାଳ ପ୍ରକାଶ କରିଛନ୍ତି। ଭାରତୀୟ ସର୍ବେକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ୨୦୨୧ ଆକଳନରୁ ଜଣାପଡ଼ିଛି ଯେ ବର୍ତ୍ତମାନ ରାଜ୍ୟର ଭୌଗୋଳିକ ଆୟତନର ୩୬.୭୧ ପ୍ରତିଶତ ହେଉଛି ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଂଚଳ। ୨୦୧୯ରୁ ୨୦୨୧ ମଧ୍ୟରେ ୫୩୭ ବର୍ଗ କିଲୋମିଟର ଜଙ୍ଗଲ, ୩୫୬ ବର୍ଗ କିଲୋମିଟର ବୃକ୍ଷ ଆଚ୍ଛାଦିତ ଅଂଚଳ ଏବଂ ୮.୩୪ ବର୍ଗ କିଲୋମିଟର ଲୁଣା ଜଙ୍ଗଲର ବୃକ୍ଷ ରହିଛି। ସୂଚନାଯୋଗ୍ୟ ଯେ ଆଗାମୀ ୨୦୨୩-୨୪ ଆର୍ଥିକ ବର୍ଷରେ ବୃକ୍ଷରୋପଣ ଓ ବୃକ୍ଷଚାରା ବିତରଣ ପାଇଁ ପ୍ରାୟ ୮.୦୫ କୋଟି ବହୁମୁଖୀ ଉପକାରୀ କିସମର ବୃକ୍ଷଚାରା ଉତ୍ପନ୍ନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ବୃତି ପାଇଥିବା ଛାତ୍ରଙ୍କୁ ସ୍କୁଲ କମିଟି ଦ୍ୱାରା ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧୫/୧୨ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥାର ଫ୍ରେଜର ବାଳିକା ବିଦ୍ୟାଳୟର ବୃତି ପାଇଥିବା ଜଣେ ପଂଚମ ଶ୍ରେଣୀର ଛାତ୍ରକୁ ସ୍କୁଲ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ୱୟଂସୁ ସ୍ୱପ୍ରକାଶ ପଂଚମ ଶ୍ରେଣୀର ଛାତ୍ର ଚଳିତ ବୃତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବାରୁ ସ୍କୁଲ ତରଫରୁ ପ୍ରଧାନ ଶିକ୍ଷୟିତ୍ରୀ ସରଳା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସ୍କୁଲ କମିଟିର ଚେୟାରମ୍ୟାନ ସେକ୍ ଅବଦୁଲ ରକିବ, ଭାଇସ ଚେୟାରମ୍ୟାନ ପୂର୍ଣ୍ଣମା ସାହୁ, ଶିକ୍ଷକ ମହମ୍ମଦ ୟୁସୁଫ ଇକବାଲ, ଖୁଲଣା ସୁନ୍ଦରୀ ରାଉତ, ଶୁଭସ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରକୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ନୀଳମଣି ବିଦ୍ୟାରତ୍ନ ଥିଲେ ସ୍ୱତନ୍ତ୍ର ଓଡ଼ିଶାରେ ନବଜାଗରଣର ଅଗ୍ରଦୂତ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏକାଧାରରେ ଥିଲେ ସଂଗ୍ରାମୀ, ସଂସ୍କାରକ ଓ ସମାଜସେବକ। ସେ ଓଡ଼ିଆ ପତ୍ରପତ୍ରିକା ଆନ୍ଦୋଳନର ଭିତି ସ୍ଥାପନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ତାଙ୍କ ଉଦ୍ୟମ ତାଙ୍କୁ ଏହି ଆନ୍ଦୋଳନର ପ୍ରମୁଖ ବିନ୍ଧାଣୀ ଭାବରେ ସ୍ମରଣୀୟ ରଖିଛି। ସେ ଥିଲେ ଓଡ଼ିଶାରେ ନବଜାଗରଣର ଅନନ୍ୟ ଅଗ୍ରଦୂତ ବୋଲି ପ୍ରସିଦ୍ଧ କବି, ପ୍ରାକ୍ତନ ସାଂସଦ ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ ପାଟ୍ଟଶାଣୀ ଉଲ୍ଲେଖ କରିଛନ୍ତି।

ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଡ. ପାଟ୍ଟଶାଣୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପଣ୍ଡିତ ନୀଳମଣି ବିଦ୍ୟାରନିଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପ୍ରାକ୍ତନ ବିଧାୟକ ତଥା ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ପ୍ରଭାତ କୁମାର ତ୍ରିପାଠୀ ଓ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ କୃତି ଓ କୃତିତ୍ୱ ଉପରେ ବକ୍ତବ୍ୟ ରଖି ଓଡ଼ିଶା ଇତିହାସରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି।

ବିଶିଷ୍ଟ ଗବେଷକ ତଥା ଓଡ଼ିଶା ଭାଷା ପ୍ରତିଷ୍ଠାନର ସଂଯୋଜକ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ କହିଲେ ଯେ ବିଦ୍ୟାରତ୍ନ 'ଉତ୍କଳ ଦୀପିକା', 'ସମ୍ବଲପୁର ହିତୈଷିଣୀ', 'ଉତ୍କଳ ମଧୁପ', 'ପ୍ରଜାବନ୍ଧୁ' ଇତ୍ୟାଦି ସମ୍ବାଦପତ୍ରର ସଂପାଦନା କରି ଓଡ଼ିଆ ପତ୍ରିକା ସଂପାଦନା ଓ ଶୁଦ୍ଧ ପାଠ୍ୟପୁସ୍ତକ ସଂପାଦନାକୁ ମହତର ଉଚ୍ଚତା ପ୍ରଦାନ କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ସେ ଓଡ଼ିଆ ଅସ୍ମିତାକୁ ସୁଦୃଢ଼ କରିଛନ୍ତି।

ସଭା ଆରମ୍ଭରେ ଅତିଥିମାନେ ପଣ୍ଡିତ ବିଦ୍ୟାରତ୍ନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିବାବେଳେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତାପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରି ନୀଳମଣି ବିଦ୍ୟାରତ୍ନଙ୍କୁ ଓଡ଼ିଆ ଜାତି ନମସ୍ୟ ପୁରୁଷ ଭାବରେ ମନେ ରଖିବ ବୋଲି କହିଥିଲେ। ବୈଦ୍ୟନାଥ ସଂଗୀତ ମନ୍ଦିର ପକ୍ଷରୁ ନାରାୟଣ ରଥ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରନି ସ୍ମୃତି ସଂସଦର ସଂପାଦକ ଡା. କୃଷ୍ଣକେଶବ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ମହିଳା ଓ ଶିଶୁ ନିର୍ଯାତନା କମାଇବା ଦିଗରେ ମହିଳା ଥାନାର ଭୂମିକା ମହତ୍ୱପୂର୍ଣ୍ଣ: ବାସନ୍ତୀ ହେମ୍ବ୍ରମ୍

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ମହିଳା ଓ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ଓ ଅପରାଧକୁ କମାଇବା ଦିଗରେ ମହିଳା ଥାନାର ଭୂମିକା ବେଶ୍ ମହତ୍ୱପୂର୍ଣ୍ଣ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ ମତବ୍ୟକ୍ତ କରିଛନ୍ତି।

ଜାତୀୟ ମହିଳା କମିଶନ ସହଯୋଗରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଦ୍ୱାରା ଆୟୋଜିତ 'ମହିଳା ଥାନା କାର୍ଯ୍ୟକାରିତା : ଦକ୍ଷତା ଓ ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ରରେ ଆଜି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଲେ ଯେ ମହିଳା ଓ ଶିଶୁମାନଙ୍କ ଉପରେ ହେଉଥିବା ଅପରାଧକୁ କମାଇବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ ରାଜ୍ୟର ଥାନାଗୁଡ଼ିକରେ ମହିଳା ଓ ଶିଶୁ ଡେସ୍କ ସ୍ଥାପନ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ୪୦ଟି ଥାନାରେ ଏହା ସ୍ଥାପନ କରାଯାଇଥିଲା। ୨୦୧୩ ମସିହାରେ ରାଜ୍ୟର ୫୩୭ଟି ପୋଲିସ୍ ଥାନାରେ ମହିଳା ଓ ଶିଶୁ ଡେସ୍କ ସୃଷ୍ଟି କରାଯାଇଥିଲା। ସମ୍ପ୍ରତି ରାଜ୍ୟର ୬୦୮ଟି ପୋଲିସ ଥାନାରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟ କରୁଛି। ରାଜ୍ୟର ୬ଟି ସ୍ଥାନରେ ମହିଳା ଥାନା ପ୍ରତିଷ୍ଠା କରାଯାଇଛି। ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱର ସହରରେ, କଟକ ଜିଲ୍ଲା ଅନ୍ତର୍ଗତ କଟକ ସହରରେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁର ସହରରେ, ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ସମ୍ବଲପୁର ସହରରେ, ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ରାଉରକେଲାଠାରେ ଓ କୋରାପୁଟ ଜିଲ୍ଲା ଅନ୍ତର୍ଗତ ଜୟପୁରଠାରେ ମହିଳା ଥାନା କାର୍ଯ୍ୟ କରୁଛି। ରାଜ୍ୟର ପ୍ରତ୍ୟେକ ପୋଲିସ ଜିଲ୍ଲାରେ ମହିଳା ଓ ଶିଶୁ ପ୍ରକୋଷ୍ଠ ଖୋଲାଯାଇ ମହିଳା ଓ ଶିଶୁ ସମ୍ବନ୍ଧୀୟ ଅପରାଧକୁ ଯଥାସମ୍ଭବ ପ୍ରଶମିତ କରିବା ପାଇଁ ନିଷ୍ଠାପର ଉଦ୍ୟମ ଜାରି ରହିଛି।

ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଡ. ମିନତୀ ବେହେରା ଆଜିର ଏହି ଆଲୋଚନାଚକ୍ରକୁ ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ବର୍ଣ୍ଣନା କରିଥିଲେ। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ହେଉଥିବା ଅପରାଧ) ଶ୍ରୀମତୀ ରେଖା ଲୋହାନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ, ମହିଳା ଓ ଶିଶୁମାନଙ୍କ ଉପରେ ହେଉଥିବା ଅପରାଧକୁ ଦୃଢ଼ ଭାବେ ଦମନ କରିବା ଉଦ୍ଦେଶ୍ୟ ନେଇ ସ୍ୱତନ୍ତ୍ର ରୂପେ ମହିଳା ଥାନା ପ୍ରତିଷ୍ଠା ହୋଇଥିଲା। ସଂପ୍ରତି ରାଜ୍ୟର ୬ଟି ମହିଳା ଥାନା ମହିଳା ଓ ଶିଶୁ ଅପରାଧ ବିରୁଦ୍ଧରେ ବେଶ୍ ପ୍ରଭାବୀ ଓ ଫଳପ୍ରସୂ ହୋଇପାରିଛି।

# ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଉପରେ ହେବ କଡା କାର୍ଯ୍ୟାନୁଷ୍ଠାନ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ସମସ୍ତ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳମାନେ ପ୍ରତ୍ୟେକ ଦିନ ମୋ ସରକାର ମାଧ୍ୟମରେ ଲୋକଙ୍କ ସହ କଥା ହୋଇ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବେ। ଲୋକଙ୍କଠୁ ଉତ୍କୋଚ ନେଲେ, ଲୋକଙ୍କୁ ଖରାପ ବ୍ୟବହାର କଲେ ଓ କାର୍ଯ୍ୟରେ ଅବହେଳା କଲେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବୁଧବାର ପଡା ଗ୍ରାମରୁ ନୂତନ ଗ୍ରାମ, ନୂଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ମୋ ସରକାରର ଅନ୍ତର୍ଗତ ସମସ୍ତ ସେବା ପ୍ରଦାନ ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସମସ୍ତ ଡିଭିଜନର ଡିଭିଜନର ରାଜସ୍ୱ ଆୟୁକ୍ତ, ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳମାନେ ଯୋଗ ଦେଇଥିଲେ। ଏହି ବୈଠକରେ ବିଭାଗୀୟ ଅଧିକାରୀ ପଡା ଗ୍ରାମରୁ ନୂତନ ଗ୍ରାମ ସୃଷ୍ଟି ପାଇଁ ନିର୍ଗମନ ହୋଇଥିବା ବିଭିନ୍ନ ବିଜ୍ଞପ୍ତି ଉପରେ ଆଲୋକପାତ କରିଥିଲେ। ୨୦୨୧ ମସିହାରେ ହୋଇଥିବା ବିଜ୍ଞପ୍ତିରେ ପଡା ଗ୍ରାମରେ ୨୫୦ ରୁ କମ ଲୋକ ଥିଲେ ମଧ୍ୟ ରାଜସ୍ୱ ଗ୍ରାମ ଓ ପଡା ଗ୍ରାମ ମଧ୍ୟରେ ଗମନାଗମନରେ କୌଣସି ପ୍ରାକୃତିକ ପ୍ରତିବନ୍ଧକ ଥିଲେ, ପଡା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ବିଚାର କରାଯାଇପାରିବାର ବ୍ୟବସ୍ଥା ରହିଛି। ସେହିପରି ପଡା ଗ୍ରାମଟି ରାଜସ୍ୱ ଗ୍ରାମର ୫୦୦ ମିଟର ଦୂରତା ମଧ୍ୟରେ ଥିଲେ ମଧ୍ୟ, ପଡା ଗ୍ରାମର ଲୋକସଂଖ୍ୟା ୩୦୦ରୁ ଅଧିକ ହେଲେ, ସେହି ପଡା ଗ୍ରାମକୁ ରାଜସ୍ୱ ଗ୍ରାମ ହେବାପାଇଁ ଜିଲ୍ଲାପାଳ ପ୍ରସ୍ତାବ ପଠାଇପାରିବେ। ପଡାଗ୍ରାମଟିର ଲୋକସଂଖ୍ୟା ୨୫୦ ରୁ ଅଧିକ ହୋଇ ରାଜସ୍ୱ ଗ୍ରାମରୁ ଦୂରତା ୫୦୦ ମିଟରରୁ ଅଧିକ ହେଲେ, ସେହି ପଡ଼ା ଗ୍ରାମ ମଧ୍ୟ ରାଜସ୍ୱ ଗ୍ରାମ ହୋଇପାରିବ। ପଡା ଗ୍ରାମ ରାଜସ୍ୱ ଗ୍ରାମ ହେଲା ପରେ ମଧ୍ୟ ପଡା ଗ୍ରାମର ବାସିନ୍ଦାମାନେ ଆବଶ୍ୟକ ସ୍ଥଳେ ପୁରୁଣା ରାଜସ୍ୱ ଗ୍ରାମର ଗୋଚର ଓ ସର୍ବସାଧାରଣ ଜାଗା ଯଥା ଶ୍ମଶାନ ଆଦି ବ୍ୟବହାର କରିପାରିବେ। ମନ୍ତ୍ରୀ ସମସ୍ତ ଜିଲ୍ଲାପାଳମାନଙ୍କୁ ଏହିପରି ନୂତନ ଗ୍ରାମର ପ୍ରସ୍ତାବ ଫେବୃଆରୀ ୧୫ ତାରିଖ ସୁଦ୍ଧା ଭୂ-ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକଙ୍କ ନିକଟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନୂତନ ଭାବେ ସୃଷ୍ଟି ହୋଇଥିବା ଗ୍ରାମରେ ଥିବା ଜମିଜମା ସମ୍ବନ୍ଧୀୟ ଦସ୍ତାବିଜ ତୁରନ୍ତ ଭୂଲେଖ ପୋର୍ଟାଲରେ ଅଦ୍ୟତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲୋକମାନେ ଯେପରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନ ଆସି ଉଭୟ ସମୟ ଓ ଅର୍ଥର ଅପଚୟ ନ କରି ଇ-ପାଉତି ମାଧ୍ୟମରେ ଖଜଣା ଦେଇପାରିବେ, ସେ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟସ୍ତରୀୟ ଜୟନ୍ତୀରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଓଡିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ଅତୁଳନୀୟ ଅବଦାନ ରଖିଯାଇଥିବା ବାଙ୍କୀ ବୈଦେଶ୍ୱରସ୍ଥ ବ୍ରଜବିହାରପୁର ଶାସନରେ ଜନ୍ମିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୧୫୫ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ,ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ପଣ୍ଡିତ ବିଦ୍ୟାରତ୍ନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ତଥା ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ପ୍ରଭାତ କୁମାର ତ୍ରିପାଠୀ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଯୋଗଦେଇ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ଓଡିଆ ଭାଷା ଓ ସାହିତ୍ୟର ସୁରକ୍ଷା ଏବଂ ଜାତୀୟତା ଆନ୍ଦୋଳନରେ ନୀଳମଣିଙ୍କ ଜୀବନବ୍ୟାପୀ ସାଧନା ଓ କର୍ମମୟ ଜୀବନ ସଂପର୍କରେ ଆଲୋକପାତ କରିଥିଲେ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ରାଜ୍ୟ ପୂଜ୍ୟପୂଜା ସଂସଦ, ଭୁବନେଶ୍ୱର, ଉତ୍କଳ ସମ୍ମିଳନୀ, ଉଇ ଫର ଭୁବନେଶ୍ୱର ସମେତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତାମାନେ ମଧ୍ୟ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ୍ ଦାଶ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗର ଅନ୍ୟପଦାଧିକାରୀ,ରାଜ୍ୟସ୍ତରୀୟ ନୀଳମଣି ବିଦ୍ୟାରତ୍ନ କମିଟିର ସଂପାଦକ ଡଃ. କୃଷ୍ଣକେଶବ ଷଡଙ୍ଗୀ,ବାଙ୍କୀ-ଡୋମପଡା ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, କମିଟିର ସଭ୍ୟ ଚିତ ମହାପାତ୍ରଙ୍କ ସମେତ ଅନ୍ୟ ସଭ୍ୟସଭ୍ୟା ଏବଂ ପୂଜ୍ୟ ପୂଜା ସଂସଦ ତରଫରୁ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଯୋଗଦେଇ ପଣ୍ଡିତ ବିଦ୍ୟାରତ୍ନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦାନ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରମାଦେବୀ ମହିଳା ବିଶ୍ୱବିଦ୍ୟାୟରେ ମହିଳା ହକି ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଆସନ୍ତାବର୍ଷ ଜାନୁଆରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବାକୁ ଯାଉଛି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ହକି ଖେଳର ପ୍ରସାର ପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ମହିଳା ହକି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏଥି ସହିତ ଦସ୍ତଖତ ଅଭିଯାନ ଓ ଗଣପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ କହିଥିଲେ ଯେ ଓଡିଶା ଏକମାତ୍ର ରାଜ୍ୟ ଯେଉଁଠି ଦ୍ୱିତୀୟ ଥର ପାଇଁ ବିଶ୍ୱ ହକି ପ୍ରତିଯୋଗିତା ଆୟୋଜିତ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରୋତ୍ସାହନରେ, ବିଶ୍ୱ କପ୍ ହକି ମାନଚିତ୍ରରେ, ଓଡିଶା ଆଜି ନିଜସ୍ୱ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ସୁନ୍ଦରଗଡ ହକିର ଜନ୍ମକ୍ଷେତ୍ର। ଏହା ସହ ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଅନ୍ୟାନ୍ୟ ଅଂଚଳରେ ହକିକୁ ଏକ ଗଣଖେଳ ଭାବେ ସାଧାରଣ ଲୋକ ଉପଭୋଗ କରନ୍ତି। ଏ ପ୍ରକାର ମନୋଭାବକୁ ରାଜ୍ୟବ୍ୟାପୀ ଜନପ୍ରିୟ କରାଇବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ହକି ପ୍ରୋତ୍ସାହନର କେନ୍ଦ୍ର ହେବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଉଚ୍ଚଶିକ୍ଷା ବିଭାଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଖେଳ ନୀତି ନିର୍ଦ୍ଧାରଣ କରିବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ।

ରାଜ୍ୟ ଗୃହ ତଥା କ୍ରୀଡ଼ା ଓ ଯୁବସେବା, ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା ହକି କ୍ରୀଡ଼ା ବିକାଶ ତଥା ବିଶ୍ୱକପ୍ ଆୟୋଜନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ କ୍ରୀଡ଼ା ବିଭାଗ ତରଫରୁ ସୁନ୍ଦରଗଡ଼ର ୧୭ଟି ବ୍ଲକରେ ହକି ଷ୍ଟାଡ଼ିୟମ ନିର୍ମାଣ କରାଯାଇଛି ବୋଲି ସୂଚନା ଦେଇଥିଲେ। ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡ଼ିୟମର ଭିତିଭୂମିର ବିକାଶ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠି ରାଜ୍ୟର ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ତଥା ଅନ୍ତର୍ନିହିତ ଜ୍ଞାନକୌଶଳର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ଚେଷ୍ଟିତ ବୋଲି କହିଥିଲେ। ଖେଳ ଦ୍ୱାରା ଯୁବ ସମାଜ ଭ୍ରଷ୍ଟ ନହୋଇ ଗଠନମୂଳକ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବେ। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବିଶ୍ୱକପ ଯୋଗୁ ଆଜି ରାଜ୍ୟରେ ପରିବେଶ ବଦଳି ଯାଇଛି ଓ ଏହା ଜୀବନ୍ତ ହୋଇପାରିଛି। ଓଡିଶାକୁ ବିଶ୍ୱ ହକି କପ୍ ଆୟୋଜନ କରିବାର ସୌଭାଗ୍ୟ ଦୁଇଥର ମିଳିଛି।

ସଭାରେ କୁଳପତି ଶ୍ରୀମତୀ ଅପରାଜିତା ଚୌଧୁରୀ ଅଧ୍ୟକ୍ଷତା କରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ରାଜ୍ୟସରକାର ଏହି କାର୍ଯ୍ୟକ୍ରମ ଆୟୋଜନ କରିବାର ସୁଯୋଗ ଦେଇଥିବାରୁ ଉଭୟ ମନ୍ତ୍ରୀ ଓ ଉଚ୍ଚଶିକ୍ଷା ବିଭାଗକୁ ଧନ୍ୟବାଦ ଦେଇଥିଲେ। ଏହାପରେ ଅତିଥି ଓ ଅନ୍ୟମାନେ ଦସ୍ତଖତ ଅଭିଯାନରେ ଭାଗନେଇ ନିଜସ୍ୱ ଦସ୍ତଖତ କରିଥିଲେ। ସମସ୍ତ ଅତିଥିଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ପ୍ରତିଯୋଗୀ ତଥା ଛାତ୍ରୀମାନେ ବିଶ୍ୱବିଦ୍ୟାଳୟରୁ ପଦଯାତ୍ରା ଆରମ୍ଭ କରି ବାଣୀବିହାର ଦେଇ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲେ। ବିଶ୍ୱବିଦ୍ୟାଳୟ ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁଳ ସଚିବ ଶ୍ୟାମଳୀ ମହାପାତ୍ର, ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ର. ଚଣ୍ଡୀ ଚରଣ ରଥ, ଜ୍ୟୋର୍ତିମୟୀ ଆଚାର୍ଯ୍ୟ, ଇତିଶ୍ରୀ ଷଡ଼ଙ୍ଗୀ, ଡ଼ ମାନସ ବେହେରା, ପ୍ରକାଶ ପରିଚ, ନବନୀତ କାଉର, ଦିଲ୍ଲୀପ ବିଶି, ନରସିଂହ ମାଝୀ, ସସ୍ମିତା କର, ସଂଘମିତ୍ରା ଭଞ୍ଜ, ପ୍ରଦୀପ ଦଳେଇ, ସରିତା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସିଣ୍ଡିକେଟ ସଭ୍ୟ ଡ଼.କଳ୍ପନା ଦାସ, ଶୈଳବାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଗାୟତ୍ରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଛାତ୍ରୀମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସର୍ବଶେଷରେ ଚକ ଦେ ଇଣ୍ଡିଆ ସିନେମା ପ୍ରଦର୍ଶିତ ହୋଇଥିଲା।

# ବୀମା ଅଧିକାରୀ ଓ ଏଜେଂଟମାନଙ୍କର ବୈଠକ

କେନ୍ଦ୍ରାପଡ଼ା, ୧୫/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଛାପୁର ଠାରେ ରିଲାଏନ୍ସ ବୀମା କମ୍ପାନୀର ଅଧିକାରୀ ଓ ଏଜେଂଟମାନଙ୍କର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରିଲାଏନ୍ସ ସ୍ୱାସ୍ଥ୍ୟ ବୀମା କମ୍ପାନୀର ବରିଷ୍ଠ ଏଜେଂଟ ପ୍ରମୋଦ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ବରିଷ୍ଠ ଅଧିକାରୀ ଅର୍ନବରାୟ ଚୌଧୁରୀ, ବଳଭଦ୍ର ବାରିକ, ଲକ୍ଷ୍ମୀପ୍ରିୟା ଲେଙ୍କା ପ୍ରମୁଖ ଉପସ୍ଥିତ ହୋଇ ଶତାଧିକ ବୀମା ଏଜେଂଟମାନଙ୍କୁ ସ୍ୱାସ୍ଥ୍ୟ ବୀମା ବିଭିନ୍ନ ପଲିସ ସଂପର୍କରେ ଅବଗତ କରାଇଥିଲେ। ମଧ୍ୟବିତ ଓ ନିମ୍ନ ମଧ୍ୟବିତ ପରିବାରର ବ୍ୟକ୍ତିମାନେ ଅଳ୍ପ ପ୍ରିମିୟମରେ କମ୍ପାନୀ ଦେଉଥିବା ଅଧିକ ସୁବିଧା ସୁଯୋଗ କିଭଳି ହାସଲ କରିବେ ସେ ସଂପର୍କରେ ଅଧିକାରୀମାନେ ଏଜେଂଟମାନଙ୍କୁ ଅବଗତ କରାଇଥିଲେ।

# ୭ମ ଝୋଟି ମହୋତ୍ସବରେ ଭାଗ ନେଲେ ୧୫୦ରୁ ଊର୍ଦ୍ଧ୍ୱ ଝୋଟିଶିଳ୍ପୀ




ବାଲେଶ୍ୱର, ୧୫/୧୨ (ନି.ପ୍ର): ଉତ୍କଳୀୟ ଝୋଟି ବିଶ୍ୱ ତଥା ଭାରତର ସମସ୍ତ ପାରମ୍ପାରିକ ଭୂଅଳଙ୍କରଣରୁ ନିଆରା ଓ ନିଜସ୍ୱ । ଏହା ଭାରତର ଏକ ସର୍ବ ପୁରାତନ କଳା, ସଂସ୍କୃତି, ପ୍ରଥା ଓ ପରମ୍ପରା ଭାବେ ପ୍ରତିଷ୍ଠିତ । ସର୍ବଭାରତୀୟ ସ୍ତରରେ ଭାରତର ସବୁ ପ୍ରାନ୍ତର ଭୂଅଳଙ୍କରଣକୁ ମାନ୍ୟତା ଦେଇଥିବା ବେଳେ ଉତ୍କଳୀୟ ଝୋଟି, ଚିତା ଓ ମୁରୁଜକୁ ମାନ୍ୟତା ନଦେବା ତଥା ଉ ର ଭାରତର ଭୂଅଳଙ୍କରଣ ରଙ୍ଗୋଲୀ ପ୍ରତି ଅଧୀକ ଆକୃଷ୍ଟ ହେବା ଆମ ଅସ୍ମିତା ପ୍ରତି ବିଦ । ଏଣୁ ସରକାର ଝୋଟି ଓ ଝୋଟିଶିଳ୍ପୀ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇ ପ୍ରଚାର ପ୍ରସାର ଓ ବିକାଶ କରିବାର ଆବଶ୍ୟକତା ରହିଛି ବୋଲି ୭ମ ଝୋଟି ମହୋତ୍ସବରେ ଯୋଗଦେଇ ଅତିଥିମାନେ ମନ୍ତବ୍ୟ ପ୍ରଦାନ କରିଥିଲେ । ଝୋଟି କଳା ସଂସ୍କୃତିକୁ ଉଜ୍ଜିବିତ ରଖି ଅଧିକ ପ୍ରଚାର ପ୍ରସାର ଓ ବିକାଶ ପାଇଁ ବାଲେଶ୍ୱରରେ ପ୍ରଥମ କରି ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ପକ୍ଷରୁ ଗତ ୨୦୧୫ରୁ ଅରମ୍ଭ ହୋଇଛି ଓଡିଶାର ଏକମାତ୍ର ଝୋଟି ମହୋତ୍ସବ । ଏହା ପ୍ରତି ବର୍ଷ ମାର୍ଗସିର ମାସ ୫ମ ପାଳି ଗୁରୁବାର ଦିନ ଆୟୋଜନ କରାଯାଏ । ଏଥିରେ ଝୋଟିର ପ୍ରତିଯୋଗିତା, ପ୍ରଦର୍ଶନୀ, ପୁରସ୍ ?କାର, ସମ୍ବର୍ଦ୍ଧନା ଓ ଆଲୋଚନା ଇତ୍ୟାଦି ଦିବସ ବ୍ୟାପି ଆୟୋଜନ କରାଯାଏ । ଚଳିତ ବର୍ଷ ୭ମ ଝୋଟି ମହୋତ୍ସବ ବାଲେଶବରର ନୋସି ବିଜିନେସ ପାର୍କ ପରିସରରେ ନୋସି କଲଚ୍ୟୁରାଲ ଏକାଡେମୀ ସହ ଯୋଗରେ ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବକୁ ପୂର୍ବାହ୍ନରେ ବାଲେଶ୍ୱର ଇଂ ଧରଣୀଧର ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଝୋଟି ପ୍ରତିଷ୍ଠାନର ସଭାପତି ଅଞ୍ଜଳି ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଆବାହକ ଶିଳ୍ପୀ କେଶୁଦାସ ପ୍ରାକ ସୂଚନା ପ୍ରଦାନ କରିଥିଲେ । ସଂପାଦିକା ଅର୍ଚ୍ଚନା ନନ୍ଦୀ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନା କରିଥିବା ବେଳେ ସୁଧାକର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ । ଝୋଟି ପ୍ରତିଯୋଗିତାରେ ୧୫୦ ଊର୍ଦ୍ଧ୍ୱ ଝୋଟିଶିଳ୍ପୀ ଅଂଶ ଗ୍ରହଣ କରିଥିବା ବେଳେ ଦୁଇଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା । ଝୋଟିଶିଳ୍ପୀମାନେ ପାରମ୍ପରିକ ଓ ସାମାଜିକ ବା ଧିର୍ମୀ ସର୍ଜନଶୀଳ ସୁନ୍ଦର ସୁନ୍ଦର ଝୋଟି ଆଙ୍କିଥିଲେ । ଅପରାହ୍ନ ସମ୍ବର୍ଦ୍ଧନା ଉତ୍ସବ ପ୍ରତିଷ୍ଠାନର ଅଧ୍ୟକ୍ଷା ସୁବାସିନୀ ଜେନା ଓ ନୋସିର ଉପଦେଷ୍ଟା ସୁବ୍ରତ ନାୟକ ପ୍ରମୁଖ ଯୋଗ ଦେଇ ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଷ୍ଠାନର ପଦକ୍ଷେପକୁ ଭୁୟସୀ ପ୍ରସଂଶା କରିଥିଲେ । ଏହି ଅବସରରେ ଉତ୍କଳୀୟ ଝୋଟି ଚିତା ମୁରୁଜର ଉନ୍ନତିରେ ଉଲ୍ଲେଖ୍ୟନୀୟ ଅବଦାନ ପାଇଁ ଜଟଣୀର ଶ୍ରୀମତୀ ଉର୍ମିଳା ରଥଙ୍କୁ ସୁଶିଳା ଦାସ ଝୋଟିରାଣୀ ମହାସମ୍ମାନରେ ସମ୍ମାନିତ କରାଯାଇ ଥିବା ବେଳେ ଉପାସନା ପଟ୍ଟନାୟକଙ୍କୁ ଶାନ୍ତିଲତା ଦାସ ଝୋଟିଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା । ବିଚାରକ ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କଳା ଶିକ୍ଷକ ସୁନାରାମ ସିଂ ଓ ବ୍ରିଟ୍ ପଲିଟେକନିକର ଉପାଧ୍ୟକ୍ଷା ସସ୍ମିତା ମିଶ୍ର ଯୋଗ ଦେଇଥିଲେ । ପାରମ୍ପରିକ ଝୋଟିରେ ସୁଚିସ୍ମିତା ପତ୍ର, ରଞ୍ଜିତା ଦାସ, ବନିତା ବାରିକ, ମୌସୁମୀ ସାହୁ, ଶଶିମିଳା ଭଞ୍ଜ, ଉମାରାଣୀ ସାହୁ, ରସ୍ମିତା ସାହୁ ଓ ମାନସୀ ମହାପାତ୍ର ପୁରସ୍କାର ପାଇଥିବା ବେଳେ ସର୍ଜନଶୀଳ ଝୋଟିରେ ଉମାକାନ୍ତ ସାହୁ, ଅନୁମା ଦାସ ମହାପତ୍ର, ସୁଚିସ୍ମିତା ବେହେରା, କବିତା ଗିରି, ରାଜେଶ୍ୱରୀ ଦେ, ତନୁଶ୍ରୀ ସାହୁ, ଆମ୍ରପଲ୍ଲୀ ପ୍ରଧାନ ଓ ଗୀତାଞ୍ଜଳି ପଣ୍ଡା ପୁରସ୍କୃତ ହୋଇଥିଲେ । ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ୨ ଘଟିକାରୁ ଝୋଟିଶିଳ୍ପୀ ମିଳନ ଓ ଆଲୋଚନା, ୫ ଘଟିକାରୁ ଭଜନ, ଆଦିବାସୀ ନୃତ୍ୟ, ପାରମ୍ପରିକ ଫେସନ ସୋ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା । ପ୍ରତିଷ୍ଠାନର କୋଷାଧ୍ୟକ୍ଷ ଜୟଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କେନ୍ଦ୍ରମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ....

ଓଡ଼ିଶାର ପ୍ରଦର୍ଶନ ନୈରାଶଜନକ। ଏହାବ୍ୟତିତ ଓଡ଼ିଶାରେ ମେଡିକାଲ ପାଇଁ ଉପଯୁକ୍ତ ସମ୍ବଳ ନଥିବାରୁ ରାଜ୍ୟରେ ସାର୍ବଜନୀନ ସ୍ୱାସ୍ଥ୍ୟାବସ୍ଥା ନାହିଁ । ଗାଁରେ ଦୁର୍ବଳ ସ୍ୱାସ୍ଥ୍ୟସେବା ଭିତିଭୂମି, ମେଡିକାଲ ଏବଂ ପାରାମେଡିକ କର୍ମଚାରୀଙ୍କ ମଧ୍ୟରେ ଦୂରତା ସ୍ୱାସ୍ଥ୍ୟସେବା ପ୍ରଦାନ କରିବାର ଏକ ପ୍ରମୁଖ ଆହ୍ୱାନ। ଗ୍ରାମୀଣ ସ୍ୱାସ୍ଥ୍ୟ ପରିସଂଖ୍ୟାନ ୨୦୨୧ ଅନୁସାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ପଦବୀ ୩୧ ପ୍ରତିଶତ ଖାଲି ପଡିଛି। ରାଜ୍ୟରେ ଚିକିତ୍ସା କର୍ମଚାରୀ ଏବଂ ପ୍ରଶାସନିକ ପଦବୀରେ କାର୍ଯ୍ୟରତ ଲୋକଙ୍କ ସଂଖ୍ୟା ମଧ୍ୟ ବହୁତ କମ୍ ଅଛି। ଦେଶରେ ମୁଣ୍ଡ ପିଛା ଡାକ୍ତର ଏବଂ ହସ୍ପିଟାଲ ମଧ୍ୟ ଓଡ଼ିଶାରେ ବହୁତ କମ୍ ରହିଛି ।ରାଜ୍ୟ ସ୍ୱାସ୍ଥ୍ୟ ବୀମା ଯୋଜନା ଥିବା ସତ୍ତ୍ୱେ ମଧ୍ୟ ବେସରକାରୀ ହସ୍ପିଟାଲରେ ଭର୍ତି ହେବା ପାଇଁ ହିତାଧିକାରୀମାନେ ଅନିଚ୍ଛା ପ୍ରକାଶ କରୁଛନ୍ତି। ଓଡ଼ିଆ ଲୋକମାନେ ଉତମ ସ୍ୱାସ୍ଥ୍ୟସେବା ପାଇଁ କୋଲକାତା, ଭେଲ୍ଲୋର, ମୁମ୍ବାଇ, ଭାଇଜାଗ ଓ ଦିଲ୍ଲୀ ଯାଉଛନ୍ତି। ସେହିପରି ଓଡ଼ିଶାରୁ ୩୩.୪୫ ପ୍ରତିଶତ ପରିବାର କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଛନ୍ତି । ଏହି ପ୍ରବାସୀ ଓଡ଼ିଆ ଲୋକମାନେ ନିଜ ଆୟର ୩୩ ପ୍ରତିଶତ ଖର୍ଚ୍ଚ ନିଜ ପରିବାରର ଚିକିତ୍ସା ପାଇଁ ଖର୍ଚ୍ଚ କରନ୍ତି। ଆୟୁଷ୍ମାନ ଭାରତର ସଂଶୋଧିତ ବ୍ୟବସ୍ଥା ଅନୁସାରେ ହିତାଧିକାରୀମାନେ ଆୟୁଷ୍ମାନ ଭାରତର କାର୍ଡକୁ ଆୟୁଷ୍ମାନ ଭାରତ ଏବଂ ରାଜ୍ୟ ଯୋଜନାରେ ବି ବ୍ୟବହାର କରିପାରିବେ। କାର୍ଯ୍ୟକାରୀ ଯୋଜନା ଅନ୍ତର୍ଗତ ଯଦି ରାଜ୍ୟ ସରକାରମାନେ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁବିଧା ପ୍ରଦାନ କରିବା ପାଇଁ ଚାହାନ୍ତି ତେବେ କେନ୍ଦ୍ର ସରକାର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହଯୋଗ ପ୍ରଦାନ କରିବେ।

### ଦିଲ୍ଲୀ ଦରବାରରେ ଉଠିଲା....

ସମୟ ଗଡାଇବା ପାଇଁ ଚାଲାକ ଅର୍ଚ୍ଚନା ପୁଣି ନୂଆ ନାଟକ କରିଛନ୍ତି । ସୂଚନା ଅନୁସାରେ ଜେରା ବେଳେ ସେ ଦେହ ଖରାପର ଅଭିନୟ କରିଥିଲେ । ଅର୍ଚ୍ଚନାଙ୍କ ଅଭିନୟ ଦେଖି ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ ପାଇଁ ଡାକ୍ତରଙ୍କୁ ଡକାଯାଇଥିଲା । ହେଲେ, ସେ ସୁସ୍ଥ ଥିବା କହିଥିଲେ ଡାକ୍ତର । ତାପରେ ପୁଣି ନାଗ-ଚାନ୍ଦ ଦମ୍ପତିଙ୍କୁ ଗୋଟିଏ ରୁମରେ ବସାଇ ପୁଣି ଜେରା କରୁଛନ୍ତି ଇଡି ଅଧିକାରୀ । ତେବେ ଇଡିକୁ ଭୁଆଁ ବୁଲାଇବା କଥାକୁ ଖଣ୍ଡନ କରିଛନ୍ତି ଅର୍ଚ୍ଚନାଙ୍କ ଓକିଲ । ଅର୍ଚ୍ଚନା ନାଗଙ୍କ ମାମଲାରେ ଇଡି ତଦନ୍ତ କରୁଛି । କିନ୍ତୁ ଏହି ମାମଲାରେ ଏଭଳି ଅନେକ ଦିଗ ରହିଛି ଯାହା ପୋଲିସର ତଦନ୍ତ ପରିସରଭୁକ୍ତ । ସେହି ସବୁ ଦିଗରେ ଇଡି ତଦନ୍ତ କରିପାରିବ ନାହିଁ । କିନ୍ତୁ ପୋଲିସ ଠିକରେ ତଦନ୍ତ କରୁନଥିବାରୁ, ସିବିଆଇ ତଦନ୍ତ କଲେ ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟର କାହାଣୀ ପଦାକୁ ଆସିବ ବୋଲି କୁହାଯାଉଛି ।

## ଆକାଶ ମାର୍ଗରେ ଉଜ୍ୱଳ ଆଲୋକ ଦେଖି ଆତଙ୍କିତ ଅଂଚଳବାସୀ

ନୀଳଗିରି, ୧୫/୧୨ (ନି.ପ୍ର): ଗୁରୁବାର ସନ୍ଧ୍ୟା ପ୍ରାୟ ୫.୪୫ମି. ସମୟରେ ଆକାଶ ମାର୍ଗରେ କ୍ଷୀପ୍ର ଗତିରେ ଯାଉଥିବା ଏକ ଉଜ୍ୱଳ ଆଲୁଅକୁ ଦେଖି ନୀଳଗିରି ଅଂଚଳରେ ଲୋକମାନଙ୍କ ମଧ୍ୟରେ ଏକ ଭୟର ଆଶଙ୍କା ଖେଳିଯାଇଛି । ଉକ୍ତ ଆଲୋକର ଉଜ୍ୱଳତା ଏତେ ପ୍ରଖର ଥିଲା ଯେ ଲୋକମାନେ ଏଇଟା କ'ଣ ବୋଲି ଆକାଶ ମାର୍ଗକୁ ଚାହିଁ ରହିଥିଲେ । ଏହି ଉଜ୍ୱଳ ଆଲୋକଟି କ'ଣ ତାହା ଜଣା ପଡ଼ି ନ ଥିବା ବେଳେ ଏହା ବାଲେଶ୍ୱର ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ଘାଟିର କୌଣସି ପରୀକ୍ଷଣ ଯନ୍ତ୍ରାଂଶ ହୋଇ ପାରିଥାଏ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।

## ତହସିଲ ସ୍କ୍ୱାର୍ଡ ଦ୍ୱାରା ୩ ବାଲି ବୋଝେଇ ଟ୍ରାକ୍ଟର ଜବତ୍

ଜଳେଶ୍ୱର, ୧୫/୧୨(ନି.ପ୍ର): ସଞ୍ଜ ନଇଁଲେ ସୁବର୍ଣ୍ଣରେଖା ନଦୀକୂଳେ କୂଳେ ଥିବା ଜଳେଶ୍ୱର ତହସିଲ ଅଂଚଳର ଗ୍ରାମଗୁଡିକରୁ ବାଲି ଟ୍ରାକ୍ଟର ଗୁଡିକ ପଶ୍ଚିମବଂଗ ଚାଲାଣ କାର୍ଯ୍ୟ ଆରମ୍ଭ ହୁଏ । ନିତିଦିନିଆ ଏହି ବେଧଡକ ଚାଲାଣରେ ପ୍ରଶାସନୀକ ଅଧିକାରୀ ନିଦାବିଷ୍ଟ ସାଜିଥିବା ବେଳେ ନୂତନଭାବେ ଯୋଗ ଦେଇଥିବା ତହସିଲଦାରଙ୍କ ଦ୍ୱାରା ଗଠିତ ସ୍କୁର୍ଡ ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ୍ କରିବାରେ ସକ୍ଷମ ହୋଇଛି । ଜଂଗଲ, ଖଣି, ପରିବେଶ, ପ୍ରଦୋଷଣ ନିତିନିୟମର ଖୁଲମଖୁଲା ଉଲଙ୍ଘନ କରି ବାଲି ଉତ୍ତୋଳନ ହେଉଥିବା ବେଳେ ଏନ୍‌ଜିଟି ଛାଟ ବାଲି ବ୍ୟବସାୟୀଠାରୁ ପ୍ରଶାସନ ଯାଏ ସମସ୍ତଙ୍କୁ ଚକିତ କରିଥିଲା । ଫଳରେ ଜଳେଶ୍ୱର ତହସିଲ ଅଂଚଳରେ ଥିବା ୨୩ଟି ବାଲି ସୈରାତୁ ବାଲି ଉତ୍ତୋଳନ ଠପ୍ ହୋଇ ଯାଇଥିଲା । ପ୍ରାୟ ୬ଟି ସୈରାତରୁ ବାଲି ଉତ୍ତୋନ ଲାଗି ବ୍ୟବସ୍ଥା ହୋଇଛି । କିନ୍ତୁ ସମଗ୍ର ଉତ୍ତର ବାଲେଶ୍ୱର ଓ ମେଦିନୀପୁର ଜିଲାର ଚାହିଦା ପୂରଣ ହୋଇ ପାରୁନଥିବାରୁ ସୁବର୍ଣ୍ଣରେଖା ବାଲିର ବ୍ୟାପକ ଚାଲାଣ ହୋଇ ଆସୁଛି । କେତେକ ପ୍ରଶାସକ ବାଲି ମାଫିଆଙ୍କୁ ସାବାଡ କରିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି । ଅନ୍ୟପକ୍ଷରେ କେତେକ ଅସାଧୁ ତହସିଲ କର୍ମଚାରୀଙ୍କ ପ୍ରଶ୍ରାହନରେ ଏପରି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଦକ୍ଷିଣ ପ୍ରହରାଜପୁର ପଂଚାୟତରେ ଥିବା ବାଲି ସୈରାତକୁ ଟ୍ରାକ୍ଟର ପ୍ରତି ୩୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ କେତେକ ବ୍ୟକ୍ତି ବଂଗାଳି ଦଲାଲଙ୍କ ହାତକୁ ଟେକି ଦେଇଛନ୍ତି । ଫଳରେ ସର୍ବାଧିକ ବାଲି ସେଠାରୁ ଚାଲଣ ହେଉଥିବା ଖବର ପାଇ ଜଳେଶ୍ୱର ତହସିଲ ସ୍କ୍ୱାର୍ଡ ଅଗ୍ରଓ୍ୱାଲା ଛକ ଅଂଚଳରୁ ଓଡି୦୧ଏଜି-୪୩୫୩, ଓଡି୦୧ଏଫ-୯୭୫୭ ଓ ଅନ୍ୟ ଏକ ନମ୍ବର ବିହିନ ଓମ୍ ମା ଲକ୍ଷ୍ମୀ ନାମକ ୩ ବାଲି ଟ୍ରାକ୍ଟରକୁ ଜବତ୍ କରି ତଦନ୍ତ ଅବ୍ୟାହତ ରଖିଛନ୍ତି । ବାଲି ଟ୍ରାକ୍ଟର ଅଟକ ଖବର ଶୁଣି ବହୁ ବାଲି ମାଫିଆଙ୍କ ମଧ୍ୟରେ ଛନକା ପସିଛି । ସେହିଭଳି ନଛିମପୁର ରାସ୍ତାରେ ଜେନାଦୀଘ ଗ୍ରାମକୁ ପ୍ରତିଦିନ ଶହ ଶହ ଟ୍ରାକ୍ଟର ବାଲି ପରିବହନ ହେଉଥିବା ଜଣାଯାଇଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଏବିଭିପିର ଭୁବନେଶ୍ୱର ମହାନଗର ସମ୍ମିଳନୀ ଆଜି

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭୁବନେଶ୍ୱର ମହାନଗର ତରଫରୁ ଆସନ୍ତା ୧୬ ତାରିଖ ଶୁକ୍ରବାର ସକାଳ ୧୦ଘଟିକା ସମୟରେ ମହାନଗର ସମ୍ମିଳନୀ ଜୟ ଭାରତ ଅଡିଟୋରିୟମ, (ନିକୋପାର୍କ, ଆଚାର୍ଯ୍ୟବିହାର)ରେ ଅନୁଷ୍ଠିତ ହେବ । ଏହି ବୈଠକରେ ଶିକ୍ଷା କ୍ଷେତ୍ରରେ ଆଲୋଚନା ହେବା ସହ ସଂଗଠନର ବିସ୍ତାର ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ ।

## ଭଦ୍ରକ ରେଳ ଷ୍ଟେସନ, ଭୁବନେଶ୍ୱର-ଧାମରା ବନ୍ଦର ମଧ୍ୟରେ ଓ୍ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ଜିଏମ୍

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ଭଦ୍ରକ ରେଳ ଷ୍ଟେସନର ନିରୀକ୍ଷଣ ଏବଂ ଭୁବନେଶ୍ୱରରୁ ଧାମରା ବନ୍ଦର ପର୍ଯ୍ୟନ୍ତ (ଭଦ୍ରକ ମଧ୍ୟ ଦେଇ) ଓ୍ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ କରିବା ସହ ବନ୍ଦରକୁ ଉନ୍ନତ ସଂଯୋଗ ତଥା ସୁବିଧା ଯୋଗାଇବା ପାଇଁ ଭଦ୍ରକ ଏବଂ ଧାମରା ମଧ୍ୟରେ ଥିବା ବିଭିନ୍ନ ଭିତିଭୂମି କାର୍ଯ୍ୟ ଗୁଡିକର ସମୀକ୍ଷା ମଧ୍ୟ କରିଥିଲେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରୀ ସୁନକର ଭଦ୍ରକ ରେଳ ଷ୍ଟେସନରେ ଉପଲବ୍ଧ ବିଭିନ୍ନ ଯାତ୍ରୀ ସୁବିଧା ଗୁଡିକର ଯାଂଚ କରିଛନ୍ତି। ମହାପ୍ରବନ୍ଧକ ଭଦ୍ରକ ଏବଂ ଧାମରା ବନ୍ଦର ମଧ୍ୟରେ ଚାଲିଥିବା ରେଳ ଦୋହରୀକରଣ କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ବିଷୟରେ ମଧ୍ୟ ପଚାରି ବୁଝିଥିଲେ । ସେ ଭୁବନେଶ୍ୱରରୁ ଭଦ୍ରକ ଏବଂ ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍ (ଡିପିସିଏଲ) ସାଇଡିଂ ପର୍ଯ୍ୟନ୍ତ ଓ୍ୱିଣ୍ଡୋ ଟ୍ରେଲିଂ ଯାଂଚ କରିବା ସହିତ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଡିପିସିଏଲ ପୂର୍ବତଟ ରେଳପଥ ସହ କୋଇଲା, ଚୂନ ପଥର, ସାର, ଲୁହାପଥର ଇତ୍ୟାଦି ସାମଗ୍ରୀ ଲୋଡିଂ କାରବାର କରିଥାଏ। ଏହି ନିରୀକ୍ଷଣ ସମୟରେ ଶ୍ରୀ ସୁନକର ଧାମରା ବନ୍ଦର କମ୍ପାନୀ ଲିମିଟେଡ୍ (ଡିପିସିଏଲ) ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ଏବଂ ଡିପିସିଏଲର ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଭଦ୍ରକ ରେଳ ଷ୍ଟେସନର ନିରୀକ୍ଷଣ ସମୟରେ ଶ୍ରୀ ସୁନକର ଯାତ୍ରୀ ମାନଙ୍କୁ ଦିଆଯାଉଥିବା ମୌଳିକ ସୁବିଧା ତଥା ଆବଶ୍ୟକତା ଗୁଡିକ ଯେପରି ଯାତ୍ରୀମାନଙ୍କୁ ସହାୟକ ହୋଇପାରିବ ସେଥିପ୍ରତି ଧ୍ୟାନଦେବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଶୀଘ୍ର ସମାପ୍ତି ପାଇଁ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ନିରୀକ୍ଷଣ ସମୟରେ ମହାପ୍ରବନ୍ଧଙ୍କକ ସହିତ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟଙ୍କ ସମେତ ପୂର୍ବତଟ ରେଳପଥ ମୁଖ୍ୟାଳୟ ଓ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା

ଭଦ୍ରକ, ୧୫/୧୨ (ନି.ପ୍ର): ଭାରତୀୟ ଶାସ୍ତ୍ର, ସଂସ୍କୃତି, ପରମ୍ପରା, ଯୋଗ ଆଦି ବିଶ୍ୱ ଦରବାରରେ ବିପୁଳ ଆଦୃତ ଲାଭ କରିବା ସଂଗେସଂଗେ ଆମ ଦେଶକୁ ସେମାନଙ୍କୁ ଆସିବା ପାଇଁ ଅପୂର୍ବ ଆକର୍ଷଣ ସୃଷ୍ଟି କରିଛି। ହେତୁବାଦକୁ ଏକମାତ୍ର ଦର୍ଶନ ଭାବେ ଜୀବନରେ ଗ୍ରହଣ କରି ଆମ ଶାସ୍ତ୍ର, ପରମ୍ପରା, ସଂସ୍କୃତିକୁ ନିନ୍ଦା କରିବା ସହ ସେଗୁଡ଼ିକ ଧ୍ୱଂସ କରିବାକୁ ଚେଷ୍ଟା କଲେ ସମଗ୍ର ବିଶ୍ୱରେ ଆମ ପରିଚୟ ହଜିଯିବ ବୋଲି ଭଦ୍ରକ ସହର ଗାନ୍ଧି ପଡ଼ିଆ ଠାରେ ଆୟୋଜିତ ଭଦ୍ରକ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ଅତିଥିମାନେ ବକ୍ତବ୍ୟରେ ସ୍ୱୀକାର କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ କବିଶେଖର ଚିନ୍ତାମଣି ମହାନ୍ତିଙ୍କ ସ୍ମୃତିରେ ଉତ୍ସର୍ଗ ଏହି ସାରସ୍ୱତ ଓ ସାଂସ୍କୃତିକ ସନ୍ଧ୍ୟାରେ ନାଟ୍ୟଶ୍ରୀ ନିର୍ମଳ ରାଉତ ପୌରୋହିତ୍ୟ କରିଥିଲେ। 'ଆମ ଶାସ୍ତ୍ର, ସଂସ୍କୃତି ଓ ହେତୁବାଦ' ଶିରୋନାମାରେ ଏକ ଆଲୋଚନାଚକ୍ର ସନ୍ଧ୍ୟାରେ ଆୟୋଜିତ ହୋଇଥିଲା। ବିଶିଷ୍ଟ ସାରସ୍ୱତ ସାଧକ ତଥା ପୂର୍ବତନ ଅଧ୍ୟକ୍ଷ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥି, ପ୍ରଖ୍ୟାତ ନାଟ୍ୟ ନିର୍ଦ୍ଦେଶକ ଓ ନାଟ୍ୟକାର ବିଜୟ କୁମାର ଦାସ ମୁଖ୍ୟବକ୍ତା, ପୂର୍ବତନ ଇଂରାଜୀ ପ୍ରାଧ୍ୟାପକ ତଥା ପ୍ରାବନ୍ଧିକ ଡ. ସୁରେନ୍ଦ୍ର ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ହୋତା, ପୂର୍ବତନ ଅଧ୍ୟକ୍ଷ ଡ. କୃପାସିନ୍ଧୁ ନାୟକ, ଭଦ୍ରକ ନୂଆବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଭାଗବତ ପ୍ରସାଦ ମହାଳିକ, ପ୍ରଧାନ ଶିକ୍ଷୟତ୍ରୀ ଦୀପ୍ତିମୟୀ ସାହୁ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସନ୍ଧ୍ୟାର ସମାବେଶରେ ସଭପତି ଇଂ ଅଭୟ ସୂତାର ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଆବାହକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଓ ପ୍ରାକ୍ ସୂଚନା, ମଞ୍ଚ କଳାକାର କାଳନ୍ଦୀ ଚରଣ ମଲ୍ଲିକ ଅତିଥି ପରିଚୟ ଓ ପ୍ରଧାନ ଶିକ୍ଷୟତ୍ରୀ ଜାନକୀ ପାଢୀ ବେଦପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ରବି ନାରାୟଣ ଖିଲାର, ଉପଦେଷ୍ଟା ଅଧିବକ୍ତା ନିରାକାର ଜେନା, ସଂଗଠନ ସମ୍ପାଦକ ବାବୁଲାଲ ଦାସ, କଳ୍ପନା ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଆଶିଷ ଅଭିତାଭ ମହପାତ୍ର, ସାଂସ୍କୃତି ସମ୍ପାଦକ ରାମନାରାୟଣ ମହାନ୍ତି ଓ ସୁଶ୍ରୀ ରଶ୍ମିତା ସେଠୀ ସାଂସ୍କୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧୁଷୁରୀ ବଜାରରେ କୋଟପା ଚଢ଼ଉ



ଭଦ୍ରକ, ୧୫/୧୨ (ନି.ପ୍ର): ଜାତୀୟ ତମାଖୁ ନୟନ୍ତ୍ରଣ କାର୍ଯ୍ୟକ୍ରମ ଆଧାରରେ ଆଜି ଧୁଷୁରୀ ବଜାରରେ ଧରପଗଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏପିଡ଼େମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡାଙ୍କ ନେତୃତ୍ୱରେ ଅବକାରୀ ବିଭାଗର ଧାମନଗର ଓ.ଆଇ.ସି. ପ୍ରହ୍ଲାଦ ସାମଲ, ଧୁଷୁରୀ ପୋଲିସ୍ ଏ.ଏସ୍.ଆଇ. ପି.ଏନ୍. ସାମଲଙ୍କ ସହଯୋଗରେ ଏହି ଚଢ଼ଉ କରାଯାଇଥିଲା। ବିଭିନ୍ନ ଦୋକାନରେ ଚଢ଼ଉ କରାଯାଇ ବିକ୍ରୟ କରାଯାଉଥିବା ନିଷେଧ ତମାଖୁ, ସିଗାରେଟ୍ ଆଦି ଜବତ କରାଯାଇ ନଷ୍ଟ କରାଯାଇଥିଲା ଏବଂ ଏହି ଆଇନ୍ ଅବମାନନା ଅପରାଧରେ ୮ଜଣ ଦୋକାନୀଙ୍କ ଠାରୁ ୧୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା। ଅଣ ସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ ରାଉତ ଏହି ଚଢ଼ଉ କାର୍ଯ୍ୟକ୍ରମ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।

## ବିଜୁ ଜନତା ଦଳର ଭୁବନେଶ୍ୱର ଜିଲ୍ଲାର ନୂତନ କମିଟି ଘୋଷଣା

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ଦ୍ୱାରା ଜିଲ୍ଲା ପର୍ଯ୍ୟବେକ୍ଷକ କସ୍ତୁରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ସଭାପତି ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ସହଯୋଗରେ ନୂତନ ଭାବେ ଭୁବନେଶ୍ୱର ଜିଲ୍ଲା କମିଟି ଘୋଷଣା କରଯାଇଛି। ନୂତନ ଭାବେ ଘୋଷଣା ହୋଇଥିବା କମିଟିରେ ୧୨ ଜଣ ଉପସଭାପତି, ୨୬ଜଣ ସାଧାରଣ ସମ୍ପାଦିକା, ୪୪ଜଣ ସମ୍ପାଦିକା, ଜଣେ ଗଣମାଧ୍ୟମ ସଂଯୋଜକ ଏବଂ ୭୫ଜଣ ସଦସ୍ୟଙ୍କ ସମେତ ମୋଟ ୧୫୯ଜଣଙ୍କୁ ମନୋନୀତ କରାଯାଇଛି। ଏହି ନୂତନ କମିଟି ଘୋଷଣା ପରେ ସଭାପତି ବିଜୟଲକ୍ଷ୍ମୀ ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏକାମ୍ର ଭୁବନେଶ୍ୱର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତର ଭୁବନେଶ୍ୱର ବିଧାୟକ ତଥା ଜିଲ୍ଲା ସଭାପତି ସୁଶାନ୍ତ କୁମାର ରାଉତ, ସ୍ନେହାଙ୍ଗିନୀ ଛୁରିଆ ଏବଂ କସ୍ତୁରୀ ମହାପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ନୂତନ କମିଟି ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କରାଯାଇ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ପ୍ରୟାସ ଜାରି ରଖିବ ବୋଲି ଶ୍ରୀମତୀ ମହାପାତ୍ର ସୂଚନା ଦେଇଛନ୍ତି।

## ୧୦ ଟି ଜିଲ୍ଲାକୁ ନେଇ ଜୋନାଲ ସ୍ତରୀୟ ଆଞ୍ଚଳିକ ହିତାଧିକାରୀ ଉପଦେଶ କର୍ମଶାଳା ଅନୁଷ୍ଠିତ



ବାରିପଦା, ୧୫/୧୨ (ନି.ପ୍ର): ଆଜି ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନ ରେ ଓଡିଶା କୃଷି ଓ କୃଷକ ଶଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ୧୦ ଗୋଟି ଜିଲ୍ଲା କୁ ନେଇ ଏକ ଆଞ୍ଚଳିକ ହିତାଧିକାରୀ ଉପଦେଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୟୁରଭଞ୍ଜ ଜିଲ୍ଲା ସମେତ କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ଦେବଗଡ଼, ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା ଓ ଜଗତସିଂହପୁର ଇତ୍ୟାଦି ସ୍ଥାନ ରୁ କୃଷକ ତଥା କୃଷିସହିତ ଅନ୍ୟାନ୍ୟ କ୍ଷେତ୍ର ରେ ଜଡିତ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଙ୍କୁ ନେଇ ଏହି କର୍ମଶାଳା ଆୟୋଜିତ ହୋଇଥିଲା । ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଆଧ୍ୟକ୍ଷ୍ୟ ଶ୍ରୀମତୀ ଭାରତୀ ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲ ସମ୍ମାନିତ ଅଥିତି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ କର୍ମଶାଳାକୁ ଶୁଭ ଉଦଘାଟନ କରିଥିଲେ । ଏହି କର୍ମଶାଳା ର ମୁଖ୍ୟ ଉଦେଶ୍ୟ ହେଉଛି ଆଗାମୀ ୫ ବର୍ଷ ମଧ୍ୟରେ କୃଷି ଓ କୃଷି ସହିତ ଜଡିତ ଅନ୍ୟାନ୍ୟ କ୍ଷେତ୍ର କୁ ବ୍ୟବସ୍ଥିତ କରି ବିକାଶ ନିମନ୍ତେ ଏକ ଭବିଷ୍ୟତ ଦୃଶ୍ୟପଟ ର ପରିକଳ୍ପନା ଏବଂ ଏହାର ଲକ୍ଷ୍ୟ ହାସଲ ପାଇଁ ସମ୍ପୂର୍ଣ୍ଣ ଯତ୍ନବାନ ହେବା । ଏହା ସାମଗ୍ରିକ ଭାବେ କୃଷି, ଉଦ୍ୟାନ, ପଶୁସମ୍ପଦ, ମୃତ୍ତିକା, ଜଳ, ମତ୍ସ୍ୟ, ଜଳବାୟୁ ପରିବର୍ତନ ପରିସର ଭୁକ୍ତ. ଏତଦବ୍ୟତୀତ କୃଷିଜାତ ଦ୍ରବ୍ୟ କ୍ଲଷ୍ଟର ଉନ୍ନତି ପାଇଁ ସୁଯୋଗ ସୃଷ୍ଟି, ଖାଦ୍ୟପ୍ରକ୍ରିୟା କରଣ ଶିଳ୍ପ ର ଅଭିବୃଦ୍ଧି, ବିପଣନ ସଂଯୋଗୀକରଣ କୁ ଶକ୍ତିଶାଳୀ କରିବା, ଶସ୍ୟ ଅମଳ ପରବର୍ତୀ ଭିତ୍ତିଭୂମି କୁ ସୃଦୃଢ କରିବା, ମୃତ୍ତିକା ଓ ଜଳ ପରି ପ୍ରାକୃତିକ ସାଧନର ଉତ୍ତମ ପରିଚାଳନା, ବୈଷୟିକ ଜ୍ଞାନ କୌଶଳ ଉପଯୋଗ ଦ୍ୱାରା କୃଷିକ୍ଷେତ୍ରର ଯାନ୍ତ୍ରିକିକରଣ, ଶଷ୍ୟ ବିବିଧି କରଣ ଓ କୃଷି କ୍ଷେତ୍ର ପ୍ରସାରଣ, ଜଳ ବାୟୁ ପରିବର୍ତନ ହେତୁ ପ୍ରଭାବିତ ହେଉଥିବା ଚାଷ ର ମୁକାବିଲା କରିବା, ପ୍ରଶିକ୍ଷଣ ଦ୍ୱାରା ସାମର୍ଥ୍ୟ ନିର୍ମାଣ ଏବଂ ଗବେଷଣା ମାଧ୍ୟମ ରେ ବିକାଶ ଉପରେ ପ୍ରାଧାନ୍ୟ ଦେବା ହେଉଛି ଏହି ପୂର୍ବପ୍ରସ୍ତୁତି ପଂଚବାର୍ଷିକୀ ଦୃଶ୍ୟପଟ ର ଆଭିମୁଖ୍ୟ । ଏହି ଅବସରରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ବୃନ୍ଦ ଏହି କାର୍ଯ୍ୟସୂଚୀ ର ସଫଳ ରୂପାୟନ ନିମନ୍ତେ ସୁଚିନ୍ତିତ ମତାମତ ରଖିଥିଲେ । ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଡି. ଡି. ଏମ, ନାବାର୍ଡ ଶ୍ରୀ ସ୍ମୃତି ରଞ୍ଜନ ପଟ୍ଟନାୟକ, ଲିଡ୍ ବ୍ୟାଙ୍କ ମ୍ୟାନେଜେର ଶ୍ରୀ ଶିବ ପ୍ରସାଦ ଚୌଧୁରୀ, ଭିଜିଓନେରୀ ଟିମ ର ଟିମ ଲିଡର ଶଶାଙ୍କ ସିଂହ, ଟିମ ମ୍ୟାନେଜେର ଶ୍ରୀ ଯୋଗେଶ ଶତପଥି, ଭିଜିଓନାରୀ ଟିମ ର ଅର୍ଥନୈତିଜ୍ଞ ସହୀନ ଇ ଲସ୍କର ପ୍ରମୁଖ ଯୋଗ ଦେଇଥବା ବେଳେ ୧୦ଟି ଜିଲ୍ଲା ର କୃଷି ବିଭାଗର ବିଭିନ୍ନ ପଦାଧିକାରୀ, ୧୦ ଟି ଜିଲ୍ଲାର କୃଷି ବିକାଶ କେନ୍ଦ୍ର ର ବୈଜ୍ଞାନିକ, କୃଷି ବିଭାଗ ର କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ତଥା ବିଭିନ୍ନ ଗଣ ମାଧ୍ୟମ ର ପ୍ରତିନିଧି ଅଂଶ ଗ୍ରହଣ କରି ଆଲୋଚନା ରେ ଭାଗ ନେଇଥିଲେ ଏବଂ ଶେଷରେ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଲକ୍ଷ୍ମଣ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି ।


**OFFICE OF THE SUPERINTENDING ENGINEER**
**RWSS DIVISION, RAIRANGPUR**
**INVITATION FOR BIDS**
**E-mail-eerwss_rai@nic.in, eerwss.rai@gmail.com**
**E-PROCUREMENT NOTICE**

**IDENTIFICATION No. 40 RWSS/RRPUR- 2022-23 / Dated 13.12.2022**

The Executive Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.

1. Nature of work : - Power Supply of **5 KW** load to different Rural Piped Water Supply Project to **village** in **Karanjia** Block (OMBADC) under RWS&S Division, Rairangpur
2. No. of work : - 03(Three) nos
3. Period of Completion : 02(two) months
4. Cost of tender : - **₹4000.00**
5. Estimated cost : - **₹5.32** lac to **₹6.79** lac
6. Class of Contractor : - (As mentioned in Tender Call Notice)
7. Date and time of availability of bid documents in Portal: -from **9 hours of 19.12.2022 to 17.30 to hours of 29.12.2022**
8. Receipt of bid cost, bid security, documents: - Online only
9. Date & time of opening of technical bid: - Dt. **30.12.2022** at **11.00** hours onwards.
10. Other Documents: - (As mentioned in DTCN)
11. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in.**
12. **Any addendum / Corrigendum / Cancellation of tender can also be seen in the said website.**
13. **Concession of 10 % will be considered to ST/SC contractors up to B class only on submission of an affidavit over the general category contractors failing which such concession will not be extended to him / her**

Superintending Engineer
RWSS Division, Rairangpur

OIPR : 25010/11/0039/2223

ଶୁକ୍ରବାର, ଡିସେମ୍ବର ୧୬, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାଲେଶ୍ୱର ଜିଲାର ଛତୁ ମଞ୍ଜି ଉତ୍ପାଦିକା କେନ୍ଦ୍ର ଉଦ୍‌ଘାଟିତ

ଜଳେଶ୍ୱର, ୧୫/୧୨(ନି.ପ୍ର): ଅତୀତ ପରି ଏବେ ମହିଳା ଓ ମା ମାନଙ୍କର ସ୍ଥାନ ଘରର ଚାରିକାନ୍ଥ ମଧ୍ୟରେ ସୀମାବଦ୍ଧ ନୁହେଁ, ବରଂ ଶକ୍ତି ତାର ଅମାପ ଓ ଅସୀମ ବୋଲି ଆଜି ବାଲେଶ୍ୱର ଜିଲ୍ଲାପାଳ ଏଠାରେ ପ୍ରକାଶ କରିଛନ୍ତି । ସମ୍ପଦ ଓ ସମୟର ସଦ୍‌ଉପଯୋଗ କରିବାରେ ମା ମାନେ ଆଗରେ ବୋଲି ଏବେ ବିଭିନ୍ନ କାର୍ଯ୍ୟକଳାପରେ ସେମାନେ ତାଙ୍କର ଦକ୍ଷତା ପ୍ରତିପାଦନ କରି ଆସୁଛନ୍ତି । ରାଜ୍ୟ ସରକାରଙ୍କ ସିଦ୍ଧାନ୍ତ ଅନୁଯାୟୀ ମହିଳା ମାନଙ୍କୁ ଅଧିକ ସଶକ୍ତ କରାଯାଉଛି । 'ଲରେ ଓଡିଶା ଜୀବିକା ମିଶନ ଯୋଜନା ମାଧ୍ୟମରେ ଗ୍ରାମାଂଚଳର ମହିଳା ସେମାନଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଆସୁଛନ୍ତି । ଏଣିକି ବାଲେଶ୍ୱର ଜିଲାର ୩ଟି ସ୍ଥାନରେ ଛତୁ ମଞ୍ଜି ଉତ୍ପାଦିକା କେନ୍ଦ୍ର ସ୍ଥାପନ ହେବାର ସିଦ୍ଧାନ୍ତ ହୋଇଛି । ସେଥିମଧ୍ୟରୁ ଆଜି ଜଳେଶ୍ୱର ବ୍ଲକର କୋଟସାହି ପଂଚାୟତର ଲକ୍ଷ୍ମୀନାରାୟଣ ମହିଳା ମହାସଂଘ ସ୍ୱୟଂସହାୟକ ଗୋଷ୍ଠୀ ଆନୁକୂଲ୍ୟରେ ଏପରି ଏକ କେନ୍ଦ୍ରକୁ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ଉଦ୍‌ଘାଟନ କରିଛନ୍ତି । ବାଲେଶ୍ୱରର ରେମୁଣା ଓ ରୂପସାର କଣିପଦାଠାରେ ମଧ୍ୟ ଏପରି କେନ୍ଦ୍ର ହେବାକୁ ଯାଉଥିବା ସଂପର୍କରେ ସେ ସୂଚନା ଦେଇଥିଲେ । ସାମ୍ପ୍ରତିକ ସମାଜରେ ମହିଳାମାନଙ୍କର ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଥିବାରୁ ଏପରି କାର୍ଯ୍ୟକ୍ରମକୁ ସରକାର ହାତକୁ ନେବା ସହିତ ପ୍ରତ୍ୟେକଙ୍କର ଆର୍ଥିକ ଉନ୍ନତି ଘଟାଇବା ଯୋଜନାର ଉଦ୍ଦେଶ୍ୟ ବୋଲି କହିଥିଲେ । ଛତୁମଞ୍ଜି ଉତ୍ପାଦନ, ବିକ୍ରି ଓ ଆର୍ଥିକ ସ୍ଥିତ କିପରି ସୁଦୃଢ ହୋଇ ପାରିବ ସେ ସଂପର୍କରେ ଉପସ୍ଥିତ ମହିଳା ମାନଙ୍କୁ ପଚାରି ବୁଝିଥିଲେ । ଏଥିରେ ଜଳେଶ୍ୱର ବିଡିଓ ପୁନମ ରାଉତ, ସରପଂଚ ମଂଜୁବାଳା ପ୍ରଧାନ, ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ, ଓଡିଶା ଜୀବିକା ମିଶନର ସଂଯୋଜକ ଲୋପାମୁଦ୍ରା ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଏମ୍‌ବିକେ ରିନାରାଣୀ ବେହେରା ଜିଲାପାଳଙ୍କୁ ପ୍ରକଳ୍ପ ସଂପର୍କରେ ବୁଝାଇବା ସହିତ ୩ଲକ୍ଷ ଟଙ୍କା ବ୍ୟୟରେ ସରକାର ସମସ୍ତ ଯନ୍ତ୍ରାଂଶ ଯୋଗାଇଥିବା ବେଳେ ଆଗାମୀ ଦିନରେ ମହାସଂଘ ଅଧିକ ରୋଜଗାରକ୍ଷମ ହୋଇ ପାରିବ ବୋଲି ମତ ରଖିଥିଲେ । ଲକ୍ଷ୍ମୀନାରାୟଣ ମହିଳା ମହାସଂଘ ପକ୍ଷରୁ ସଭାପତି ମମତା ନାଥ, ସଂପାଦିକା କାଂଚନବାଳା ପରିଡା, ସିଆର୍‌ପି ଚାରୁବାଳା ଜେନା, ଆଶାଲତା ନନ୍ଦି, କନକଲତା ଗିରି, ଗୌରୀବାଳା ଜେନା, ସୁବାଶିନୀ ମହାନ୍ତି, ସୁପ୍ରଭା ଜେନା, ଆଶାଲତା ମହାନ୍ତି, ମଂଜୁଲାତା ଦତ୍ତ ପ୍ରମୁଖ ସିଆର୍‌ପିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜିଲ୍ଲାସ୍ତରୀୟ ଆଧାର ମନିଟରିଂ ବୈଠକ

ବାଲେଶ୍ୱର, ୧୫/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କର ବୈଷୟିକ ଓ ସୂଚନା ପ୍ରଯୁକ୍ତି ବିଭାଗ ନିର୍ଦ୍ଦେଶରେ ଗଠିତ ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଆଧାର ମନିଟରିଙ୍ଗ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ବାଲେଶ୍ୱର ଜିଲ୍ଲାର ଆରକ୍ଷୀ ଅଧିକ୍ଷକ, ଲିଡ୍ ବ୍ୟାଙ୍କ୍ ପ୍ରବନ୍ଧକ, ମୋ ସେବା କେନ୍ଦ୍ରର ଜିଲ୍ଲା ସଂଯୋଜକ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଇ- ଗଭର୍ଣ୍ଣାନ୍ସ ମ୍ୟାନେଜର, ଡାକ ବିଭାଗ ଜିଲ୍ଲା ମୁଖ୍ୟ ତଥା ଆଧାର ବିଭାଗ ପ୍ରତିନିଧି ଆଦି ସଭ୍ୟ ଅଛନ୍ତି । ସମ୍ପ୍ରତି ଜନସାଧାରଣ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବା, ସିମ୍ କାର୍ଡ ପାଇବା, ବିଭିନ୍ନ ସ୍କଲାରସି, ଋଣ ଆବେଦନ, ଆୟକର ରିଟର୍ଣ୍ଣ ପ୍ରଭୃତି ବିଭିନ୍ନ ସରକାରୀ ଯୋଜନା ପାଇଁ ଆଧାର ଅପଡେଟ ଜରୁରୀ ହୋଇଛି । ଆଗାମୀ ଦିନରେ ସେବାରେ ସ୍ୱଚ୍ଛତା ଓ ସହଜତା ଆଣିବା ପାଇଁ ଅନେକ କାର୍ଯ୍ୟ ସହ ଆଧାର ଲିଙ୍କ୍ କରାଯିବ । ଆଧାର କାର୍ଡର ବୈଧତା ବଜାୟ ରଖିବା ପାଇଁ ୧୦ ବର୍ଷରୁ ଉର୍ଦ୍ଧ୍ୱ ଅବଧିର ଆଧାର କାର୍ଡ ସହ ଆଧାର ଲିଙ୍କ୍ କରାଯିବ । ଆଧାର କାର୍ଡର ବୈଧତା ବଜାୟ ରଖିବା ପାଇଁ ୧୦ ବର୍ଷରୁ ଉର୍ଦ୍ଧ୍ୱ ଅବଧିର ଆଧାର କାର୍ଡ ଅପଡେଟ୍ କରିବା ବିଧେୟ । ଅଡେଟ ହୋଇନଥିବା ଆଧାର କାର୍ଡ ଅକାମୀ ହୋଇଯିବ ଏବଂ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବେ । ଆଜିର ବୈଠକରେ ଆଧାର ଅଡେଟ୍ କାର୍ଯ୍ୟକ୍ରମକୁ ବ୍ୟାକ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଶ୍ରୀ ଶିନ୍ଦେ ବ୍ଲକ୍ କାର୍ଯ୍ୟାଳୟ, ଡାକ ଘର,ଜଣ ସେବା କେନ୍ଦ୍ର ଆଦି ସ୍ଥାନରେ ଚାଲୁଥିବା ସବୁଦିନିଆ କେନ୍ଦ୍ର ବ୍ୟତିରେକେ ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରି ଆଧାର ଲିଙ୍କ ବାବଦରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରକାଶ ଥାଉକି ବାଲେଶ୍ୱର ଜିଲ୍ଲାରେ ବ୍ୟାଙ୍କ ଆଦି ବିଭିନ୍ନ ଏଜେନ୍ସୀ ମାଧ୍ୟମରେ ୨୫୭ ଟି କିଟ୍ ଦ୍ୱାରା ଆଧାର ସଂଯୋଗିକରଣ କରାଯାଉଛି ।ମିଶନଶକ୍ତି ଅଧୀନସ୍ଥ ସ୍ୱୟଂ ସହାୟିକା ଗୋଷ୍ଠୀ ର ସାହାଯ୍ୟରେ ପଞ୍ଚାୟତ ସ୍ତରରେ ଆଗୁଆ ସୂଚନା ପୂର୍ବକ ଶିବିର ଆୟୋଜନ ସହ ଅପଡେଟ ସମ୍ପୂର୍ଣ୍ଣ କରିହେବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ ।

## ଜାତୀୟ ସ୍ତରୀୟ ସବ୍ ଜୁନିଅର ନେଟ୍ ବଲ ପ୍ରତିଯୋଗିତା ନିମନ୍ତେ ଓଡ଼ଶା ଦଳରେ ଭଦ୍ରକ ୪ ଖେଳାଳୀ ସାମିଲ

ଭଦ୍ରକ,୧୫/୧୨: ହରିଆଣା ସ୍ଥିତ ଭିୱାନୀ ଠାରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ସବ୍ ଜୁନିଅର ନେଟ୍ ବଲ୍ ପ୍ରତିଯୋଗିତାରେ ଭାଗ ନେଉଥିବା ଓଡ଼ିଶା ବାଳିକା ଦଳରେ ଭଦ୍ରକରେ ୪ ଖେଳାଳୀ ସାମିଲ ହୋଇଛନ୍ତି । ଏହି ପ୍ରତିଯୋଗିତା ଚଳିତ ମାସ ୧୫ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଅଛି । ଏହି ଖେଳାଳୀମାନେ ହେଲେ ଆଦ୍ୟାଶା ଅଦିତି ବେହେରା, ସାଇଶ୍ରୀ ପଣ୍ଡା, ପଦ୍ମଜା ପ୍ରିୟଦର୍ଶିନୀ ଦାସ ଓ ଦେବସ୍ମିତା ଜେନା । ଏହି ଖେଳାଳୀଙ୍କ ସହିତ ଅଫିସିଆଲ ଭାବେ ସ୍ୱୟମ୍ଭୁ ପ୍ରସାଦ ଦାସ ମଧ ଯାତ୍ରା କରିଛନ୍ତି । ଏହି ଖେଳାଳୀଙ୍କ ସଫଳତା କାମନା କରି ଭଦ୍ରକ ଜିଲ୍ଲା ନେଟ୍‌ବଲ୍ ଆସୋସିଏସନ ସଭାପତି ତନ୍ମୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୋଲକ ନାୟକ, ଉପସଭାପତି ମନୋଜ କୁମାର ଦାସ, କୋଷାଧକ୍ଷ ବିଶ୍ୱାମିତ୍ର ବେହେରା, ସମ୍ପାଦକ ମନୋଜ କୁମାର ସାହୁ, ଯୁଗ୍ମ ସମ୍ପାଦକ ବି. ପୀତାମ୍ବର ରେଡ୍ଡୀ, ଶୁଭଶ୍ରୀ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ଉଦଳା ଉଚ୍ଚ ବିଦ୍ୟାଳୟରୁ ଏନ୍.ସି.ସି. ଉଠିବାକୁ ବସିଲାଣି



ଉଦଳା, ୧୫/୧୨ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡ ମଧରେ ଯେତେ ଗୁଡ଼ିଏ ଉଚ୍ଚ ବିଦ୍ୟାଳୟ ରହିଛି ସେଥିମଧରୁ କେବଳ ଉଦଳା ଉଚ୍ଚ ବିଦ୍ୟାଳୟ ଏକମାତ୍ର ବିଦ୍ୟାଳୟ ଯେଉଁଠିକି ଜାତୀୟ ସମର ଶିକ୍ଷାର୍ଥି ବାହିନୀ (ଏନ୍.ସି.ସି.) ରହିଛି । ସେଥିପାଇଁ ଉପଖଣ୍ଡରେ ଏହି ବିଦ୍ୟାଳୟର ରହିଛି ଏକ ସ୍ୱତନ୍ତ୍ର ସମ୍ମାନ । କିନ୍ତୁ ଏବେ ଏହି ବିଦ୍ୟାଳୟରୁ ଜାତୀୟ ସମର ଶିକ୍ଷାର୍ଥି ବାହିନି ଉଠିବାକୁ ବସିଲାଣି । କାରଣ ଏଠାରେ ଏନ୍.ସି.ସି. ଦାୟିତ୍ୱରେ ଥିବା ଶିକ୍ଷକ ନାରାୟଣ ହାତୀ ଚାକିରିରୁ ଅବସର ନେବା ପରେ ଆଉ କୌଣସି ଶିକ୍ଷକ ତାଲିମ ନେବାକୁ ଚାହୁଁ ନାହାଁନ୍ତି । ଫଳରେ ଏନ୍.ସି.ସି. ଶିକ୍ଷକଙ୍କର ଅଭାବ ଯୋଗୁଁ ଏଠାରେ ଏନ୍.ସି.ସି. ରହିବ କି ନାଁ ସେଥିପାଇଁ ଅନିଶ୍ଚିତତା ଦେଖା ଦେଇଛି । ଏ ବାବଦରେ ଏଠାରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ କହିଲେ ଏନ୍.ସି.ସି. ତାଲିମ ନେବା ପାଇଁ ଯେଉଁ ବୟସ ରହିଛି ଅଧିକାଂଶ ଶିକ୍ଷକଙ୍କର ସେ ବୟସ ଅତିକ୍ରାନ୍ତ ହୋଇ ଯାଇଛି । ତାହାଛଡ଼ା ଯେଉଁ ମାନଙ୍କର ବୟସ ଅଛି ସେମାନେ କେହି ତାଲିମ ଯିବା ପାଇଁ ଆଗ୍ରହ ପ୍ରକାଶ କରୁ ନାହାଁନ୍ତି । ଫଳରେ ଏହି ସମସ୍ୟା ମୁଣ୍ଡ ଟେକିଛି । ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବା ସହ ଉଦଳା ଉଚ୍ଚ ବିଦ୍ୟାଳୟରେ କିପରି ଏନ୍.ସି.ସି. ରହିବ ସେଥିପାଇଁ ପଦକ୍ଷେପ ନିୟନ୍ତୁ ବୋଲି ସାଧାରଣରେ ଦାବୀ ହେଉଛି ।

## ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ଦୁଃଖ : ପାଇଖାନା ନାହିଁ କି ଖେଳ ପଡ଼ିଆ ନାହିଁ



ଉଦଳା, ୧୫/୧୨ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ନୂଆଗାଁ ଗ୍ରାମପଞ୍ଚାୟତରେ ଥିବା ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟକୁ ଚଳିତ ବର୍ଷ ୬୩ ବର୍ଷ ପୁରିଲା । ଏ ଅଞ୍ଚଳରେ ଉକ୍ତ ବିଦ୍ୟାଳୟଟି ସର୍ବପୁରାତନ ବିଦ୍ୟାଳୟ ଭାବରେ ବେଶ ପରିଚିତ । ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ଥିବା ବେଳେ ବର୍ତ୍ତମାନ ମୋଟ ୬୫ ଜଣ ପିଲା ୨ଟି ମାତ୍ର ଶ୍ରେଣୀ ଗୃହରେ ପାଠ ପଢୁଛନ୍ତି । ବିଦ୍ୟାଳୟଟି ଏତେ ପୁରୁଣା ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ଏଠାରେ ପାଇଖାନା କିମ୍ବା ଖେଳ ପଡ଼ିଆ ନାହିଁ । ଫଳରେ ପିଲାମାନେ ଓ ଶିକ୍ଷକ ଶିକ୍ଷୟିତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେହିପରି ଶିକ୍ଷାଦାନ ପାଇଁ ମାତ୍ର ୨ ଜଣ ଶିକ୍ଷୟିତ୍ରୀ ଏଠାରେ ନିଯୁକ୍ତି ପାଇଛନ୍ତି । ଏହି ବିଦ୍ୟାଳୟକୁ ତୁରନ୍ତ ପାଇଖାନା ଓ ଖେଳ ପଡ଼ିଆ ଯୋଗାଇଦେବାକୁ ଅବିଭାବକଙ୍କ ମହଲରେ ଦାବୀ ହେଉଛି ।

## ଡିସିପିଙ୍କୁ ଭେଟିଲେ ମୃତ ଆନନ୍ଦ ଟପୋଙ୍କ ପରିବାର

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଆନନ୍ଦ ଟପୋ ମୃତ୍ୟୁ ମାମଲାରେ ଗୁରୁବାର ଡିସିପିଙ୍କୁ ଭେଟିଛନ୍ତି ପରିବାର ଲୋକେ । ମୃତ ଆନନ୍ଦଙ୍କ ବାପା, ମା ଓ ଭାଇ ନ୍ୟାୟ ମିଳିବା ଆଶା ରଖିଛନ୍ତି । ଅନ୍ୟପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ମାମଲାରେ ସମ୍ପୃକ୍ତ ବୀରେନ୍ଦ୍ର ଲାକ୍ରା ଜଣେ ଡିଏସପି ପାହ୍ୟାର ଅଧିକାରୀ ହୋଉଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ପୁଲିସ ପଛଘୁଂଚା ଦେଉଛି । ଘଟଣା ଦିନ ବୀରେନ୍ଦ୍ର ଲାକ୍ରା ହିଁ ଘରକୁ ଫୋନ କରି ଖବର ଦେଇଥିଲେ, କିନ୍ତୁ ଘଟଣା ପରଠୁ ସେ ଫେରାର ଥିଲେ ବୋଲି ଆନନ୍ଦ ଟପୋଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ସୂଚନା ଥାଉକି, ଗତ ଫେବ୍ରୁଆରି ୧୨ତାରିଖରେ ଇନଫୋସିଟି ଥାନା ଅଂଚଳରେ ଥିବା ଏକ ଫ୍ଲାଟ୍ ରୁ ଆନନ୍ଦଙ୍କର ଝୁଲନ୍ତା ମୃତଦେହ ଜବତ କରିଥିଲା । ତାଙ୍କ ପୁଅକୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ ଆନନ୍ଦଙ୍କ ବାପା । ମାମଲାରେ ବୀରେନ୍ଦ୍ରଙ୍କ ସମ୍ପୃକ୍ତି ନେଇ ପରିବାର ଲୋକ ଅଭିଯୋଗ କରିଥିଲେ ହେଁ ପୋଲିସ୍ ମାମଲା ରୁଜୁ କରିନଥିଲା । ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଡିସିପି ମାମଲାର ତଦନ୍ତ ଆରମ୍ଭ କରିଥିଲେ ।

## ଭୁଲ ପରୀକ୍ଷା ଖାତାଦେଖା ଘଟଣା : ରାଇରଙ୍ଗପୁର ମହିଳା କଲେଜ ଛାତ୍ରୀଙ୍କ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ

ବାରିପଦା, ୧୫/୧୨ (ନି.ପ୍ର): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର +୩ ଶେଷ ବର୍ଷ ଛାତ୍ରୀ ମାନଙ୍କର ତୃତୀୟ ସେମିମିଷ୍ଟର ପରୀକ୍ଷାରେ ୪୫ ଜଣ ଛାତ୍ରୀ ମାନଙ୍କର ପରିକ୍ଷା ଖାତାକୁ ଭୁଲ୍ ଭାବରେ ଦେଖାଯାଇ ପରିକ୍ଷା ଫଳକୁ ଖରାପ କରାଯାଇ ଥିବାର ଅଭିଯୋଗ କରି ପରିକ୍ଷା ଖାତାକୁ ଠିକ୍ ଭାବରେ ଦେଖା ଯାଇ ପାସ ମାର୍କ ଦିଆଯିବାକୁ ମୟୂରଭଂଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ଛାତ୍ରୀ ମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପିଲାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପାସ ମାର୍କ ଦେବା ସହ ଭୁଲ ଭାବରେ ଖାତା ଦେଖି ଫେଲ ମାର୍କ ଦେଇଥିବା ଓ ଭବିଷ୍ୟତ ନଷ୍ଟ କରିବାକୁ ଉଦ୍ୟମ କରିଥିବା ଅଧ୍ୟାପକ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱ ବିଦ୍ୟାଳୟର ପରିକ୍ଷା ନିୟନ୍ତ୍ରକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ଦାବି କରାଯାଇଛି । ଆଗାମୀ ୭ ଦିନରେ ଭିତରେ ସମସ୍ୟାର ସମାଧାନ କରା ନଗଲେ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦିଆଯାଇଛି । ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସୁଭଦ୍ରା ବେହେରା, ଲକ୍ଷ୍ମୀକାନ୍ତ ବାସ୍କେ, ବାଗା ସିଂ, ସବିତା ସିଂ, ଛିତାମଣୀ ହେମ୍ବ୍ରମ, ଟୋପାଏ ବେହେରା, ଅଂଜଳି ମହାନ୍ତ, ପ୍ରିୟଙ୍କା ମୁର୍ମୁ, ରୁବିନା ବାରିକ, ମାହୀ ହାଁସଦା, ରୁତିକା ବେହେରା, ପୁଷ୍ପଲେଖା ପାତ୍ର, ରାଣୀ ମାଝୀ ପ୍ରମୁଖ ସାମିଲ ଥିଲେ ।

## ଦିବ୍ୟାଙ୍ଗ ସାମାଜିକ କର୍ମୀ ରାଜେନ୍ଦ୍ର ଜେନା ୨୦୨୨ ପାଇଁ ପାଇଲେ ଅଞ୍ଜଳି ସାହସିକ ପୁରସ୍କାର



ନୀଳଗିରି, ୧୫/୧୨ (ନି.ପ୍ର): ନଭେମ୍ବର ୧୪ତାରିଖ ଶିଶୁ ମହୋତ୍ସବରୁ ଭୁବନେଶ୍ୱର ଠାରେ ଆୟୋଜିତ ଆନ୍ତର୍ଯାତୀକ ଶିଶୁ ଓ ଯୁମ ମହୋତ୍ସବ "ଅଞ୍ଜଳି" ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ଏବେ ଦେଶ ଓ ବିଦେଶରେ ଖ୍ୟାତି ଲାଭ କରିଥିବା ବେଳେ ଏ ବର୍ଷ ୩୦ ଦିନରେ ୬୦ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଶେଷରେ ଡିସେମ୍ବର ୧୪ତାରିଖ ଏହାର ଉଦ୍‌ଯାପନୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟତଃ ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା । ଯେଉଁଠି ବିଭିନ୍ନ ପ୍ରକାର ଟ୍ୟାଲେଂଟ ସୋ ସହିତ ମ୍ୟାଜିକ ସୋ ଅନୁଷ୍ଠିତ ହୋଇଥିଲା । ଉତ୍କଳ ମଣ୍ଡପ ଠାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆଧ୍ୟାମିକ ଗୁରୁ ଏଚ.ଏଚ. ପରମହଂସ ପ୍ରଜ୍ଞାନନ୍ଦ, ସ୍ୱାମୀ ସୁଧାନନ୍ଦ ଗିରି, ସ୍ୱାଭିମାନ ଓ ଅଞ୍ଜଳିର ପ୍ରତିଷ୍ଠାତା ଶୃତି ମହାପାତ୍ର ସମେତ ବହୁ ମାନ୍ୟଗଣ୍ୟ ଅଭିନେତା ମଧ ଉପସ୍ଥିତ ରହିଥିଲେ । ଏହି ଅବସରରେ ନୀଳଗିରିର ଦିବ୍ୟାଙ୍ଗ ସମାଜସେବୀ ରାଜେନ୍ଦ୍ର ଜେନା ଯିଏକି ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା : ବୃକ୍ଷରୋପଣ, ବ୍ଲଡ କ୍ୟାମ୍ପ, ସ୍ୱଚ୍ଛ ଭାରତ ଅଭିଯାନ ସହିତ ନିରାଶ୍ରୟ ଏବଂ ଗରିବ ଲୋକଙ୍କ ପାଇଁ ସଞ୍ଜିବନୀ ବିଶ୍ରାମଗାର ନିର୍ମାଣ କରି ଜୀବନବ୍ୟାପି ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏକ ଗୋଡ଼ ନ ଥିବା ଏହି ସାମାଜିକ କର୍ମୀକୁ ବେସରକାରୀ ଅନୁଷ୍ଠାନ "ସ୍ୱାଭିମାନ ଓ ଅଞ୍ଜଳି" ପକ୍ଷରୁ ୨୦୨୨ ପାଇଁ ୨୧ତମ ଅଞ୍ଜଳି ଆର୍ନ୍ତଜାତିକ ଶିଶୁ ଓ ଯୁବ ମହୋତ୍ସବରେ ଅଞ୍ଜଳି ସାହସିକତା ପୁରସ୍କୃତ କରାଯାଇଛି । ତାଙ୍କର ଏହି କୃତିତ୍ୱ ପାଇଁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ସହ ୨୫ହଜାର (ପଚିଶ ହଜାର) ଟଙ୍କାର ଚେକ୍ ମଧ ପ୍ରଦାନ କରାଯାଇଛି ।

## ହିମାଚଳର ସିଏମ୍ ସୁଖବିନ୍ଦର ସିଂହ ଖଡ଼ଗେଙ୍କ ସହିତ କଲେ ସାକ୍ଷାତ

ନୂଆଦିଲ୍ଲୀ, ୧୫/୧୨ : ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁକ୍‌ଖୁ ଗୁରୁବାର ଦିନ ଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସହିତ ସାକ୍ଷାତ କରିଛନ୍ତି । ଏହି ସମୟରେ ହିମାଚଳ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ପ୍ରତିଭା ସିଂହ ଏବଂ କଂଗ୍ରେସ ବିଧାୟକ ମଧ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ ମୁଖ୍ୟମନ୍ତ୍ରୀ ହେବା ପରେ ସୁକ୍‌ଖୁ ପ୍ରଥମଥର ଦିଲ୍ଲୀ ପହଂଚିଛନ୍ତି । ସୁକ୍ଖୁ ଏଠାରେ କଂଗ୍ରେସର ବରିଷ୍ଠ ନେତାଙ୍କ ସହିତ ସାକ୍ଷାତ କରିଛନ୍ତି ଏବଂ ଶୁକ୍ରବାର ଦିନ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବାକୁ ରାଜସ୍ଥାନ ଯିବେ ।

## ଆଶାକର୍ମୀଙ୍କ ବିକ୍ଷୋଭ ଶୋଭାଯାତ୍ରା : ଦାବୀପୂରଣ ନହେବା ଯାଏ ଆନ୍ଦୋଳନ ଚାଲିବ



ବାରିପଦା, ୧୫/୧୨ (ନି.ପ୍ର): ଭାରତୀୟ ମଜଦୁର ସଙ୍ଘ ସହିତ ସଂଶ୍ଲିଷ୍ଟ ଓଡିଶା ରାଜ୍ୟ ଆଶା କର୍ମୀ ସଙ୍ଘ ତରଫରୁ ବିଭିନ୍ନ ଦାବୀ ନେଇ ଗତ ନଭେମ୍ବର ୨୯ ତାରିଖ ଠାରୁ ସମଗ୍ର ଓଡିଶାରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଥିବା ବେଳେ, ହଜାର ହଜାର ସଂଖ୍ୟାରେ ଆଶାକର୍ମୀ ମାନେ ଦିନ ରାତି ଥଣ୍ଡା କାକରରେ ବସିଥିବା ବେଳେ ରାଜ୍ୟ ସରକାର ସମାଧାନ ପାଇଁ କୌଣସି ପଦକ୍ଷେପ ନେଉ ନଥିବାରୁ ସଂଘ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ସମସ୍ତ ଜିଲ୍ଲାରେ ଜେଲଭରୋ ଆନ୍ଦୋଳନ ପାଇଁ ନିଷ୍ପତି ନେବା ଅବସରରେ ଆଜି ମୟୂରଭଂଜ ଜିଲ୍ଲାଶାଖା ପକ୍ଷରୁ ଦିବା ୧୧ ଘଟିକା ସମୟରେ ଆଶା କର୍ମୀ ମାନେ ଏକ ବିଶାଳ ଶୋଭାଯାତ୍ରା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଆଶା କର୍ମୀ ମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ସହ ସର୍ବନିମ୍ନ ୧୮ହଜାର ଟଙ୍କା ଦରମା ପ୍ରଦାନ କରିବା, ସ୍ୱତନ୍ତ୍ର କିଟ ସହ ବାର୍ଷିକ ୪ହଳ ପୋଷାକ ଯୋଗାଇଦେବା, କାର୍ଯ୍ୟକ୍ଷେତ୍ର ରେ ସୁରକ୍ଷା ଯୋଗାଇଦେବା ସହ କୋଭିଡ ରେ ମୃତ ଆଶାକର୍ମୀ ମାନଙ୍କୁ ୫୦ ଲକ୍ଷଟଙ୍କାର ସହାୟତା ପ୍ରଦାନ କରାଯିବା ଇତ୍ୟାଦି ଦାବୀରେ ସାରାଜିଲ୍ଲାର ବହୁ ସଂଖ୍ୟାରେ ଆଶାକର୍ମୀ ଏହି ଶୋଭାଯାତ୍ରା ଓ ବିକ୍ଷୋଭରେ ସାମିଲ ହୋଇଥିବା ବେଳେ, ସେମାନଙ୍କର ଦାବୀ ପୁରଣ ନହେଲେ ଜେଲଭରୋ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବା ବୋଲି କୁହାଯାଇଛି । ଭାରତୀୟ ମଜଦୁର ସଙ୍ଘର ରାଜ୍ୟ ସ୍ତରୀୟ କର୍ମକର୍ତା ନିଗମାନନ୍ଦ ପଟ୍ଟନାୟକ, ଜିଲ୍ଲାସଭାନେତ୍ରୀ ସରସ୍ୱତୀ ଟୁଡୁ, ସମ୍ପାଦିକ ବୋଧିରଜତ ମହାନ୍ତ, ସଂଗଠନ ସମ୍ପାଦକ ଭୀମଚରଣ ମହାକୁଡ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇ ଦାବୀପୁରଣ ନହେବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି କହିଛନ୍ତି ।

## ଶିମିଳିପାଳ ହାତୀମୃତ୍ୟୁ ଘଟଣାରେ ବନ୍ଧାହେଲେ ୩ ନିଲମ୍ବିତ ବନକର୍ମଚାରୀ



ବାରିପଦା, ୧୫/୧୨ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟ ଜେନାବିଲ ରେଂଜରେ ହାତୀ ଶୀକାର କରି ଦାନ୍ତକାଟି ନେବା ପରେ ହାତିର ଶବକୁ ପୋଡି ତାର ହେହାବସେଶକୁ ନଦୀରେ ଭସାଇ ଦେବା ଘଟଣାରେ ହାଇକୋର୍ଟ ପିସିସିଏଫ ଏବଂ ଜେଟିଏଫଙ୍କୁ କାର୍ଯ୍ୟାନୁଷ୍ଠାନ ନେଇ କଡା ଭାଷାରେ ନିନ୍ଦା କରିଥିବା ବେଳେ, ବିଭାଗ ପକ୍ଷରୁ ନିଲମ୍ବିତ ୩ ଜଣ ବନ କର୍ମଚାରୀଙ୍କୁ ଗିରଫ କରାଯାଇଛି । ଗିରଫ ୩ ବନ କର୍ମଚାରୀ ହେଲେ ଜେନାବିଲ ରେଂଜର ଭାରପ୍ରାପ୍ତ ରେଂଜର ଶିବଶଙ୍କର ସାମଲ, ଫରେଷ୍ଟର ଚନ୍ଦ୍ରଭାନୁ ବେହେରା ଓ ଫରେଷ୍ଟ ଗାର୍ଡ ବିନୋଦ କୁମାର ଦାସ । ଗତ ୭ ତାରିଖରେ ଶିମିଳିପାଳରେ ହାତୀ ମୃତ୍ୟୁ ନେଇ ଖବର ଆସିବା ପରେ ଆରସିସିଏଫ ଟି.ଅଶୋକ କୁମାରଙ୍କ ନିର୍ଦ୍ଦେଶରେ ଏସିଏଫ ଙ୍କ ନେତୃତ୍ୱରେ ୭ଟି ସ୍ୱତନ୍ତ୍ର ତଦନ୍ତକାରୀ ଟିମ ଗଠନ କରି ତଦନ୍ତ ଚାଲିଥିବା ବେଳେ, ପିସିସିଏଫଙ୍କ ନିର୍ଦ୍ଦେଶରେ ମଧ ସିସିଏଫ ଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟାକ୍ସଫୋର୍ସ ଟିମ ଆସି ଜେନାବିଲ ଠାରେ ହାତିପୋଡି ମାମଲାର ତଦନ୍ତ କରୁଛନ୍ତି । ଯାଂଚ ବେଳେ ନିଲମ୍ବିତ ୩ବନ କର୍ମଚାରୀ ଦୋଷ ସ୍ୱୀକାର କରିବା ସହିତ ଘଟଣାସ୍ଥଳରୁ କିଛି ହାଡ଼ ଖଣ୍ଡ ମିଳିଥିଲା । ସୂଚନା ମୁତାବକ ଗତ ନଭେମ୍ବର ୨ ତାରିଖରେ ଏକ ଦନ୍ତାହାତୀର ମୃତଦେହ ଶିମିଳିପାଳ ଅଭୟାରଣ୍ୟର ଜେନାବିଲ ରେଂଜ ଗୁରାଣ୍ଡି-୩ ବିଟ ମାନସୀ କ୍ୟାମ୍ପ ନିକଟରେ ପଡିଥିବା ଜେନାବିଲ ଫରେଷ୍ଟଗାର୍ଡ ବିନୋଦ କୁମାର ଦାସ ଦେଖି କେହି ଦୁର୍ବୃର୍ତ୍ତ ଦନ୍ତାହାତୀକୁ ହତ୍ୟା କରିବା ପରେ ଦାନ୍ତ ଲୁଟି ନେଇଥିବା ଜାଣିପାରି ଘଟଣା ବାବଦରେ ଫରେଷ୍ଟର ଚନ୍ଦ୍ରଭାନୁ ବେହେରା ଏବଂ ଇନଚାର୍ଜ ରେଂଜର ଶିବଶଙ୍କର ସାମଲଙ୍କୁ ଜଣାଇଥିଲେ । ହେଲେ ଏହି ତିନି ବନ କର୍ମଚାରୀ ଏହି ଘଟଣା ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ପରିବର୍ତେ ପ୍ରମାଣ ନଷ୍ଟ କରିବା ପାଇଁ ହାତୀର ମୃତ ଦେହକୁ ନଷ୍ଟ କରିବାକୁ ଆରମ୍ଭ କରିଥିଲେ ଚକ୍ରାନ୍ତ । ଯୋଜନା ବଦ୍ଧ ଭାବେ ଗତ ନଭେମ୍ବର ୪ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଲଗାତାର ଚାରିଦିନ ଧରି ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ହାତୀର ମୃତଦେହକୁ ଜଙ୍ଗଲରେ ପୋଡା ଯିବାସହ ଶେଷରେ ଦରପୋଡା ହାତୀର ହାଡ ଏବଂ ଅନ୍ୟ ଅଂଶକୁ ନିକଟସ୍ଥ ବାଘିଆଦର ନାଳରେ ଭସାଇ ଦେଇଥିଲେ । ଏହି ଘଟଣାରେ ସଂପୃକ୍ତ ତିନି ବନ କର୍ମଚାରୀଙ୍କୁ ଗିରଫ କରାଯାଇ ଆଜି ଉଦଳା କୋର୍ଟ ଚାଲାଣ କରାଯାଇଛି । ଉଦଳା କୋର୍ଟରେ ସେମାନଙ୍କ ଜାମିନ ନାମଂଜୁର ହେବା ପରେ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏନେଇ ହାଇକୋର୍ଟରେ ମଙ୍ଗଳବାର ଶୁଣାଣିବେଳେ, ପିସିସିଏଫ ଦୋଷ ମାନିଥିଲେ । ଆସନ୍ତା ୨୨ ତାରିଖରେ ମାମଲାର ପରବର୍ତି ଶୁଣାଣି ହେବାକୁ ଥିବା ବେଳେ, ଆଜି ବନ୍ୟପ୍ରାଣି ନିରୋଧ ଆଇନ ବଳରେ ମାମଲାରୁଜୁ କରାଯାଇ ୩ ନିଲମ୍ବିତ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନାମରେ ଦରକାର ପଡିଲେ ଫୌଜଦାରୀ ମାମଲା ମଧ ରୁଜୁ କରାଯିବ ବୋଲି କହିଛନ୍ତି ଶିମିଳିପାଳ ଅଭୟାରଣ୍ୟର କ୍ଷେତ୍ର ନିର୍ଦ୍ଦେଶକ ।

## ବୃକ୍ଷ ରୋପଣ କରି ଜନ୍ମଦିନ ପାଳିଲେ ଅର୍ପିତା



ବସ୍ତା, ୧୫/୧୨ (ନି.ପ୍ର): ନିଜର ଜନ୍ମଦିନରେ ବୃକ୍ଷରୋପଣ କରି ସମାଜକୁ ଦିଗ୍ ଦର୍ଶନ ଦେଖେଇଛନ୍ତି ବସ୍ତା ଅଞ୍ଚଳର ଝିଅ ଅର୍ପିତା ରାଉଳ । ସୂଚନାରୁ ପ୍ରକାଶ ବସ୍ତାବ୍ଲକ ବାହାର୍ଦ୍ଦା ପଞ୍ଚାୟତ ମେଳକ ଗ୍ରାମର ରେଥିବା ଅଖିଳ ଭୂମଣ୍ଡଳୀୟ ସର୍ବ ଶୀରୋମଣି ମୁନି ସମାଜ ତଥା ମେଳକ ଜାଗୃତି ଶେବାଶ୍ରମରେ ଅନ୍ତର୍ଯ୍ୟାମି ରାଉଳଙ୍କ କନ୍ୟା ଅର୍ପିତାଙ୍କ ଜନ୍ମଦିନ ପାଳିତ ହୋଇଥିଲା । ଏହି ଅବସରରେ ମୂଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଭୂୟାଁ ଯୋଗ ଦେଇ ଅବକ୍ଷୟ ସମାଜରେ ପ୍ରତ୍ୟେକ ଲୋକ ନିଜ ବାଡିବଗିଚାରେ ବୃକ୍ଷରୋପଣ କରିଲେ ମାନବ ସମାଜର ର ଉପକାରିତା ହେବବୋଲି ମତପୋଷଣ କରିଥିଲେ । ସମ୍ମାନୀତ ଅତିଥିଭାବେ ଶାଖାର ସଭାପତି ମୁନିରାଜ ଦାଶରଥିରାଉତ ଯୋଗ ଦେଇଥିଲେ । ବିଭିନ୍ନ ପ୍ରଜାତିର ବୃକ୍ଷ ମୂଖ୍ୟଅତିଥି ଶ୍ରୀଯୁକ୍ତଭୂୟାଁ ଲଗାଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଶିକ୍ଷକ ଅ ନ୍ତର୍ଯ୍ୟାମି ରାଉଳ ସମ୍ପାଦକ ଦୁଃଖ ହରି ଦାସ, ଯୋଗୀ ସଦାଶିବ ଜେନା, ମୁନିମତୀ ସଧ୍ୟାରାଣୀ ରାଉଳ, ଦିପକ ରାଉଳ, ସୁଦାମ ଗାଣ, ରଘୁନାଥ ରାଉଳ ପ୍ରମୁଖ ବୃକ୍ଷରୋପଣ କରିଥିଲେ । ଅର୍ପିତାଙ୍କର ଏହି ଅଭିନବ ଜନ୍ମଦିନ ପାଳନକୁ ଅଞ୍ଚଳ ରେ ପ୍ରଶଂସାର ସୁଅ ଛୁଟିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo